R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୪୫
ତିଥି : ଏକାଦଶୀ
୨୭ ଫେବୃଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 145
27 February 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ଏନ୍‌ସିଇଆରଟି ପୁସ୍ତକରେ ବିଚାର ବିଭାଗୀୟ ପ୍ରସଙ୍ଗରେ ବିବାଦୀୟ ଅଧ୍ୟାୟ

## ଯୋଜନାବଦ୍ଧ, ଗଭୀର ଷଡ଼ଯନ୍ତ୍ର



- ପୁସ୍ତକ ଉପରେ ଲାଗିଲା ନିଷେଧାଜ୍ଞା
- ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ହେବ
- ମାମଲା ବନ୍ଦ ହେବନାହିଁ, ଚାଲିବ
- ଏନ୍‌ସିଇଆରଟିକୁ କାରଣ ଦର୍ଶାଅ ନୋଟିସ
- ଜାଣିଶୁଣି ନ୍ୟାୟପାଳିକାର ସମ୍ମାନହାନି ପ୍ରୟାସ
- ପ୍ରଧାନମନ୍ତ୍ରୀ ପ୍ରକାଶ କଲେ ଅସନ୍ତୋଷ

ନୂଆଦିଲ୍ଲୀ, ୨୬।୨ : ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟ ପୁସ୍ତକରେ ବିଚାର ବିଭାଗୀୟ ବ୍ୟବସ୍ଥା ପ୍ରତି ରହିଥିବା ବିଷୟକୁ ନେଇ ସୁପ୍ରିମ୍‌କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲା ବାଗ୍‌ଚୀ, ଜଷ୍ଟିସ୍ ବିପୁଲ୍ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଏକ ଗଭୀର ଷଡ଼ଯନ୍ତ୍ର ବୋଲି ମତ ଦେବାସହ ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କୁ ସାମ୍ନାକୁ ଅଣାଯାଉ ବୋଲି ଉଲ୍ଲେଖ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଆମେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାହୁଁ। ଯେଉଁମାନେ ଏଥିପାଇଁ ଦାୟୀ ଆମେ ସେମାନଙ୍କୁ ଦେଖିବାକୁ ଚାହୁଁଛୁ। ସେମାନଙ୍କ ନାମ ସାମ୍ନାକୁ ଆସିବା ଦରକାର। ଆମେ ଏହି ମାମଲାକୁ ଏବେ ବନ୍ଦ କରୁନାହୁଁ ବୋଲି କଡା ଭାଷାରେ ଉଲ୍ଲେଖ କରିଛନ୍ତି । ତେବେ ଏନ୍‌ସିଆରଟିର ଏହି ବିବାଦୀୟ ପୁସ୍ତକକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ପଚାରିଥିଲେ ଯେ ଆମେ ଅଷ୍ଟମ ଶ୍ରେଣୀ ପିଲାମାନଙ୍କୁ ନ୍ୟାୟପାଳିକା ଦୁର୍ନୀତି ବିଷୟରେ ଆମେ କ'ଣ ଶିକ୍ଷା ଦେଉଛୁ।

ସୁପ୍ରିମ୍‌କୋର୍ଟ (୯ ପୃଷ୍ଠାରେ)

### ଟି-୨୦ ବିଶ୍ୱକପ

## ସେମି ଲାଗି ଇଣ୍ଡିଜ ସହ ନିର୍ଣ୍ଣାୟକ ଲଢ଼େଇ

### ସୂର୍ଯ୍ୟ ସେନାର ପରାକ୍ରମରେ ଜିମ୍ବାୱେ ଧରାଶାୟୀ




ଚେନ୍ନାଇ,୨୬।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ଟିମ୍ ଇଣ୍ଡିଆ ଏକାଧିକ ରେକର୍ଡ ସହ ସେମିଫାଇନାଲ ଆଶା ଜୀବିତ ରଖିଛି। ଦ.ଆଫ୍ରିକା ବିପକ୍ଷରେ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ଭାରତ ପାଇଁ କଣ୍ଟା ସାଜିଥିଲା ୱେଷ୍ଟଇଣ୍ଡିଜ୍। କିନ୍ତୁ ଦ.ଆଫ୍ରିକା ନିକଟରୁ ଇଣ୍ଡିଜ୍ ୯ ୱିକେଟରେ ପରାଜିତ ହେବା ଭାରତ ପାଇଁ ସେମି ବାଟ ଫିଟିଛି। ଗୁରୁବାର କର ବା ମ୍ୟାଚରେ ଜିମ୍ବାୱେକୁ ୭୨ ରନରେ ଧରାଶାୟୀ କରିଛି ଭାରତ। ଟି-୨୦ ବିଶ୍ୱକପ୍ ଇତିହାସରେ ଭାରତ ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର କରିବାର ଆଉ ଏକ ରେକର୍ଡ କରିଛି। ପୂର୍ବରୁ ଶ୍ରୀଲଙ୍କା ବିଶ୍ୱକପରେ ୨୬୦ ରନର ଦଳଗତ ସ୍କୋର କରିଥିଲା। ଅବଶ୍ୟ ଏହାକୁ ଟିମ୍ ଇଣ୍ଡିଆ ଭାଙ୍ଗି ପାରିନାହିଁ। ଭାରତୀୟ ଦଳ ଜିମ୍ବାୱେ ଦଳ ବିପକ୍ଷ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୬ ରନର ବିଶାଳ ସ୍କୋର କରିଥିଲା। ଏହାକୁ ପିଛା କରି ଜିମ୍ବାୱେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୪ ରନ କରିବାକୁ ସମର୍ଥ ହୋଇଥିଲା। ଏତଦ ବ୍ୟତୀତ ଚଳିତ ଟି-୨୦ରେ ଉଭୟ ଇନିଂସରେ ୪୪୦ ରନ୍ ହୋଇଛି। ଯାହାକି ଟି-୨୦ ଇତିହାସରେ ଗୋଟିଏ ମ୍ୟାଚରେ ସବୁଠୁ ଅଧିକ ରନ।

ଭାରତ ମଧ୍ୟ ନିଜ ଟି-୨୦ ବିଶ୍ୱକପ୍ ଇତିହାସରେ ସକ୍ଷମ (୯ ପୃଷ୍ଠାରେ)

### ଖଣି ଉପନିର୍ଦ୍ଦେଶକଙ୍କ ଭିଜିଲାନ୍ସ ଟ୍ରାପ୍ ମାମଲା

## ତଦନ୍ତ କରିବ ଇଡି, ଆଇଟି



ଭୁବନେଶ୍ୱର, ୨୬।୨ (ସବ୍ୟୁ) : ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଭିଜିଲାନ୍ସ ଟ୍ରାପ୍ ମାମଲା ଭିନ୍ନ ମୋଡ ନେଉଛି । ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଓ ଆଇଟି (ଆୟକର) ତଦନ୍ତ କରିବା ପାଇଁ ପ୍ରାଥମିକ ଭାବେ ପ୍ରସ୍ତୁତ ହେଉଛନ୍ତି । ସେଥିପାଇଁ ଭିଜିଲାନ୍ସକୁ ଉପନିର୍ଦ୍ଦେଶକଙ୍କ ମାମଲାର ତଥ୍ୟ ମାଗିଛନ୍ତି । ଅନ୍ୟ ପକ୍ଷରେ ଭିଜିଲାନ୍ସ ଲାଞ୍ଚ ନେବା ମାମଲା ରୁଜୁ କରି ଦେବବ୍ରତଙ୍କୁ କୋର୍ଟଚାଲାଣ କରିଥିବା ବେଳେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ କରି ତାଙ୍କୁ ରିମାଣ୍ଡରେ ଆଣି ଜେରା କରିବ ବୋଲି ସୂଚନା ମିଳିଛି । ଜଣେ କୋଇଲା ବ୍ୟବସାୟଙ୍କ ଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ ଖଣି ଉପନିର୍ଦ୍ଦେଶକ ଦେବବ୍ରତ । ଧରାପଡିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଭୁବନେଶ୍ୱର ଶ୍ରୀବିହାର ଭଡାଘର ସମେତ ୫ଟି ସ୍ଥାନରେ ଏକସଙ୍ଗେ ଚଢାଉ କରାଯାଇଥିଲା । ଚଢାଉ ବେଳେ ଭିଜିଲାନ୍ସ ୪ କୋଟି ୨୭ଲକ୍ଷ ନଗଦ ଟଙ୍କା ପାଇଥିବା ବେଳେ ସୁନା, ରୁପା ଗହଣା ଓ ପାହାଳରେ ତାଙ୍କ ଘର ଥିବା ଜଣାପଡିଥିଲା । ଭିଜିଲାନ୍ସ ଦେବବ୍ରତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଥିଲେ ମଧ୍ୟ ରିମାଣ୍ଡରେ ଆଣିବ । କାରଣ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ କରି ତାଙ୍କୁ ଜେରା କରିବା (୯ ପୃଷ୍ଠାରେ)

## ନୂଆଦିଲ୍ଲୀରେ ଓଡ଼ିଶା ଭବନ ଶିଳାନ୍ୟାସ



- ନୂଆ ବିଲ୍ଡିଂ ପାଇଁ ଖର୍ଚ୍ଚ ହେବ ୯୩.୨୭ କୋଟି
- ୩ ବେସମେଣ୍ଟ ଉପରେ ୭ ମହଲା, ୪୫ ରୁମ୍
- ଭବନରେ ଓଡିଶାର ସମୃଦ୍ଧ କଳା, ସଂସ୍କୃତିର ଝଲକ
- ଅଯୋଧ୍ୟା, ବେଙ୍ଗାଲୁରୁ, ସୁରଟରେ ହେବ ଓଡିଶା ଭବନ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୨ (ସବ୍ୟୁ): ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଲାଗି ଯୋଜନା କରିଛନ୍ତି । ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ । ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ନୂଆଦିଲ୍ଲୀ ଠାରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହା କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଛନ୍ତି, ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ । ଏଥିରେ ୩ଟି ବେସମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୭ଟି ମହଲା ରହିବ । ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ । ପ୍ରଥମ ମହଲାରେ ଏକ ପ୍ରଦର୍ଶନୀ ଅଞ୍ଚଳ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନଫରେନ୍ସ ହଲ୍ ରହିବ । ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ (୯ ପୃଷ୍ଠାରେ)

## ଏନକାଉଣ୍ଟରରେ ୨ ମାଓବାଦୀ ମୃତ

### ଦୁର୍ଦ୍ଦାନ୍ତ ମହିଳା ମାଓବାଦୀ ମାସେର ଆତ୍ମସମର୍ପଣ

ମାଲକାନଗିରି/ଭୁବନେଶ୍ୱର, ୨୬।୨ (ସବ୍ୟୁ): ସୀମାନ୍ତ ଛତିଶଗଡର କାଂକେର ଜିଲ୍ଲା ପୋଲିସ ନିକଟରେ ଦୁର୍ଦ୍ଦାନ୍ତ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛି । ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବସ୍ତର ଆଇଜି ପିସୁନ୍ଦର ରାଜ, ଏସପି ନିଖିଲ ରାଖେଚାଙ୍କ ସମ୍ମୁଖରେ ଏହି ମହିଳା ମାଓବାଦୀ ମାସେ ବାରସେ ଏକେ-୪୭ ବନ୍ଧୁକ ସହ ଆତ୍ମସମର୍ପଣ କରିଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ଏନକାଉଣ୍ଟର । ଏନକାଉଣ୍ଟର ପରେ ସର୍ଚ୍ଚ ସମୟରେ, ଦୁଇୟୁନିଫର୍ମ ପିନ୍ଧା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

ବିଜାପୁରର ପୋଲିସ ଅଧିକ୍ଷକ ଡକଫର ଜିତେନ୍ଦ୍ର ଯାଦବ କହିଛନ୍ତି, ମାଓବାଦୀ ଥିବା ଖବର ପାଇ ହୋଇଥିଲା ଅପରେସନ । ଏହି ସମୟରେ ଇନ୍ଦ୍ରାବତୀ ନଦୀ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏନକାଉଣ୍ଟର ସ୍ଥଳରୁ ଏକ ଏସଏଲଆର ରାଇଫଲ୍, (୯ ପୃଷ୍ଠାରେ)

### ଏକ ନମ୍ବର ହାଟରେ ଉଚ୍ଛେଦକୁ ନେଇ ଉତ୍ତେଜନା

## ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନା ଘେରାଉ

ଭୁବନେଶ୍ୱର, ୨୬।୨ (ସବ୍ୟୁ) : ଏକନମ୍ବର ହାଟରେ ଉଚ୍ଛେଦକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସାଙ୍ଗକୁ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଥାନାରେ ଏତଲା ଦେବା ପରେ ଗୋଟିଏ ଗୋଷ୍ଠୀ ଥାନା ଘେରାଉ କରିଥିଲେ ।

ସେମାନଙ୍କ ଦାବି ଥିଲା ଅନୁଜ ପ୍ରଧାନଙ୍କୁ ଗିରଫ କରାଯାଉ । କାରଣ ପୂର୍ବରୁ ଲାଗିଥିବା ନିଆଁ ସେ ହିଁ ଲଗାଇଛି । ବୁଧବାର ରାତିରେ ପୁଣି ନିଆଁ ଲଗାଇବାକୁ ଆସିଥିଲା । ଜଣେ ମହିଳା ବ୍ୟବସାୟୀ ଦେଖିବାରୁ ଖସି ପଳାଇଲା । ପୁଣି ସକାଳେ ଆସି ଫଟୋ ଉଠାଉଥିବା ବେଳେ କେତେକ ବ୍ୟବସାୟୀ ତାଙ୍କୁ କାବୁ କରିଥିଲେ । କାହିଁକି ଫଟୋ ଉଠାଉଛ ବୋଲି ବ୍ୟବସାୟୀମାନେ ପଚାରିବାରୁ ବିଏମ୍‌ସି ତାଙ୍କୁ କହିଥିବା ସେ କହିଥିଲେ । ଯାହା ଫଳରେ ବ୍ୟବସାୟୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ବିଏମ୍‌ସି ଜଣେ ସାଧାରଣ ଲୋକଙ୍କୁ କାହିଁକି ଏଠାକୁ ପଠାଇବ ବୋଲି ବ୍ୟବସାୟମାନେ କହିଥିଲେ । ବୁଧବାର ରାତିରେ ସେ ପେଟ୍ରୋଲ ବୋତଲ ଧରି ଆସିଥିବା ମହିଳା ବ୍ୟବସାୟୀ ଦେଖିଥିବା ଗଣମାଧ୍ୟମରେ କହିଛନ୍ତି ।

୩୭ଦିନ ତଳେ ଜଳିଯାଇଥିବା ଏକନମ୍ବର ହାଟ ଭେଣ୍ଡିଂଜୋନ୍ ଗୁଡିକରେ ବ୍ୟବସାୟୀମାନେ ପୁଣି ସେଠାରେ ବ୍ୟବସାୟ କରିବାକୁ ଉଦ୍ୟମ କରୁଥିବା ବିଏମ୍‌ସି (୯ ପୃଷ୍ଠାରେ)

## ଓଡ଼ିଶାରେ ପହଞ୍ଚିଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ଭୁବନେଶ୍ୱର, ୨୬।୨ (ସବ୍ୟୁ) : ଓଡ଼ିଶା-ଛତିଶଗଡ ମଧ୍ୟରେ ଥିବା ମହାନଦୀ ଜଳ ବିବାଦର ସମାଧାନ ଲାଗି ଟ୍ରିବ୍ୟୁନାଲ ସଦସ୍ୟମାନେ ଓଡ଼ିଶା ଆସିଛନ୍ତି। ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍ ତ୍ରିବେଦୀଙ୍କ ନେତୃତ୍ୱରେ ୯ ଜଣିଆ ଟିମ୍ ଝାରସୁଗୁଡାରେ ପହଞ୍ଚିଛନ୍ତି। ଏମାନଙ୍କୁ ରାଜ୍ୟ ଅତିଥି କରାଯାଇଛି। ଟ୍ରିବ୍ୟୁନାଲ ସଦସ୍ୟମାନେ ନିଜ ପରିବାର ବର୍ଗଙ୍କ ସହ ଆସିଛନ୍ତି। ୫ ଦିନ ଧରି ଏମାନେ ରାଜ୍ୟର ବିଭିନ୍ନ ସ୍ଥାନକୁ ଯିବେ। ହୀରାକୁଦ ଡ୍ୟାମ, ବୁର୍ଲା ପାୱାର ହାଉସ୍ ସେମତେ ପୁରୀ, କୋଣାର୍କ, ସାତପଡା ଓ ଡେବ୍ରିଗଡ ଅଭୟାରଣ୍ୟ ବୁଲିବେ। ତେବେ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଗସ୍ତ ଉପରେ ଏବେ ପ୍ରଶ୍ନ ଉଠିଛି।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆପୋଷ ଆଲେଶଚନା ମାଧ୍ୟମରେ ଜଳ ବିବାଦ ସମାଧାନ ହେବ ବୋଲି ସରକାର ଭରସା ଦେଉଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ସମାଧାନ ହୋଇପାରୁନାହିଁ। ତେବେ ମହାନଦୀ ବଞ୍ଚାଓ ଆନ୍ଦୋଳନ କମିଟି ପକ୍ଷରୁ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଗସ୍ତକୁ ପିକ୍‌ନିକ୍ ବୋଲି ଆଖ୍ୟା ଦିଆଯାଇଛି। ଏହା ବିରୋଧରେ (୯ ପୃଷ୍ଠାରେ)

## ବିଜ୍ଞପ୍ତି ପରେ ରାଜ୍ୟସଭା ପ୍ରାର୍ଥୀ ଚୟନ କସରତ ଆରମ୍ଭ



ଭୁବନେଶ୍ୱର, ୨୬।୨ (ସବ୍ୟୁ) : ରାଜ୍ୟସଭା ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇଛି। ପ୍ରଥମ ଦିନରେ ବିଜେଡି ୬ ସେଟ୍ ପ୍ରାର୍ଥୀପତ୍ର ନେଇଛି। ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଭାବେ କାନ୍ତେ ସୟନା ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅପରପକ୍ଷରେ ବିଜେଡି ୬ ସେଟ୍ ପ୍ରାର୍ଥୀପତ୍ର ନେଇ ଦ୍ୱନ୍ଦ୍ୱ ବଢ଼ିଛି। ବିଜେଡିରୁ କିଏ ପ୍ରାର୍ଥୀ ହେବ ସେ ନେଇ ଆଜି ନବୀନ ନିବାସରେ ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ କମିଟି ପ୍ରାର୍ଥୀ ଚୟନ ଲାଗି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛି।

ଓଡ଼ିଶାରୁ ୪ ରାଜ୍ୟସଭା ଆସନ ଖାଲି ହେଉଛି। ସଂଖ୍ୟା ଦୃଷ୍ଟି କୋଣରୁ ବିଜେପିର ୨ ଓ ବିଜେଡିର ଜଣେ ରାଜ୍ୟସଭାକୁ ଯିବା ନିଶ୍ଚିତ। ତେବେ ଚତୁର୍ଥ ପ୍ରାର୍ଥୀ ବିଜୟ ଲାଗି ଅନ୍ୟ ଦଳର ବିଧାୟକଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ। ତେବେ ଏହି ପରିପ୍ରେକ୍ଷୀରେ ବିଜେପି ପ୍ରଭାରୀ କହିଛନ୍ତି ଯେ ଦିନେ ଦୁଇଦିନ ମଧ୍ୟରେ ବି ଜେପିର ପ୍ରାର୍ଥୀ ଚୂଡାନ୍ତ ହେବ। ସଂସଦୀୟ ଦଳ ବୈଠକ ଖୁବ୍‌ଶୀଘ୍ର ବସିବ ଓ ପ୍ରାର୍ଥୀ ଘୋଷଣା କରାଯିବ। ଅପରପକ୍ଷରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବ କି ନାହିଁ ତାହା ୨୮ ତାରିଖରେ ସ୍ଥିର କରାଯିବ। କଂଗ୍ରେସର ୧୪ ଓ ଏହାର ସହଯୋଗୀ ସିପିଏମ୍‌ର ଜଣେ ବିଧାୟକ ଅଛନ୍ତି। କଂଗ୍ରେସ ପ୍ରାର୍ଥୀଙ୍କୁ ଜିତିବା ପାଇଁ ଆଉ ୧୫ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ତେବେ ଇତି ମଧ୍ୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ଶ୍ରୀ ଦାସ ସମୟ ମାଗିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଉଭୟଙ୍କ (୯ ପୃଷ୍ଠାରେ)

- ବିଜେଡି ନେଲା ୬ ସେଟ୍ ପ୍ରାର୍ଥୀପତ୍ର
- ପିଏସି ବୈଠକରେ ନବୀନଙ୍କୁ ପ୍ରାର୍ଥୀ ଚୟନ କ୍ଷମତା
- ୨୮ରେ ପ୍ରାର୍ଥୀ ଦେବ କି ନାହିଁ ନିଷ୍ପତ୍ତି ନେବ କଂଗ୍ରେସ
- ଦୁଇଦିନ ମଧ୍ୟରେ ବିଜେପି ଘୋଷଣା କରିବ ପ୍ରାର୍ଥୀ

## ରାଜ୍ୟସଭା ନିର୍ବାଚନ ଲାଗି ବିଜ୍ଞପ୍ତି




ଭୁବନେଶ୍ୱର, ୨୬।୨ (ସବ୍ୟୁ) : ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶାରୁ ୪ ସଦସ୍ୟ ନିର୍ବାଚିତ ହେବେ। ମମତା ମହନ୍ତ, ସୁଜିତ୍ କୁମାର, ମୁଜିବୁଲ୍ଲା ଖାନ୍ ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଏପ୍ରିଲ ୨ରୁ ଶେଷ ହେଉଛି। ଏହି ପରିପ୍ରେକ୍ଷୀରେ ବିଜ୍ଞପ୍ତି ପ୍ରକାଶ ପାଇଛି।

ରିଟର୍ଣ୍ଣିଂ ଅଫିସର ତଥା ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏହି ବିଜ୍ଞପ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ପାଇଁ ସତ୍ୟବ୍ରତ ରାଉତ, ବିଦ୍ୟାଧର ମାଝୀ ରିଟର୍ଣ୍ଣିଂ ଅଧିକାରୀ ଅଛନ୍ତି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମନୋନୟନ ପତ୍ର ବିକ୍ରି ଆରମ୍ଭ ହୋଇଛି। ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଓଡ଼ିଶା ବିଧାନସଭା ସୌଧର ସମ୍ମିଳନୀ କକ୍ଷରେ ଏହା ଉପଲବ୍ଧ ହେବ। ୫ ତାରିଖ ସୁଦ୍ଧା ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀମାନେ ମନୋନୟନ ପତ୍ର ଦାଖଲ କରିବେ। ୬ ତାରିଖ ପୂର୍ବାହ୍ନ ୧୧.୩୦ରେ ଏହାକୁ ଯାଞ୍ଚ କରାଯିବ। ୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି। ଯଦି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ୧୬ ତାରିଖ ପୂର୍ବାହ୍ନ ୯ ଟାରୁ ଅପରାହ୍ନ ୪ଟା ଯାଏ ଓଡ଼ିଶା ବିଧାନସଭା ସୌଧର ପ୍ରକୋଷ୍ଠ ନଂ ୧୪ରେ ଭୋଟ୍ ଗ୍ରହଣ କରାଯିବ ଓ ସନ୍ଧ୍ୟା ୫ଟାରେ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ଆସନ୍ତା ୨୦ ତାରିଖ ସୁଦ୍ଧା ନିବାଚନ ପ୍ରକ୍ରିୟା ଶେଷ ହେବ।

- ମାର୍ଚ୍ଚ ୫ ସୁଦ୍ଧା ନାମାଙ୍କନ ଦାଖଲ
- ୯ ତାରିଖ ସୁଦ୍ଧା ପ୍ରତ୍ୟାହାର
- ୪ରୁ ଅଧିକ ପ୍ରାର୍ଥୀ ହେଲେ ୧୬ରେ ନିର୍ବାଚନ

## ସୋସିଆଲ କୋଟ୍ସ



ମୋ ବିବାହରେ ବାପା ମାଆ ବେଶି ଚିନ୍ତାରେ ଥିଲେ । ମୋତେ କହିଥିଲେ କି ଏତେ ବଡ ଘରର ଝିଅକୁ ବିବାହ କରିବା ତାଙ୍କର ଖର୍ଚ୍ଚ କିପରି ଉଠାଇବ । ତୁମେତ କିଛି ରୋଜଗାର କରୁନ ।

**ଆୟୁଷ ଶର୍ମା, ଅଭିନେତା**



ବିରାସତ ଫିଲ୍ମ ସହିତ ମୋର ଅନେକ ଅନୁଭୂତି ଯୋଡି ହୋଇ ରହିଛି । ଏହାର ଏକ ସିନ୍ ସୁଟିଂ ପାଇଁ ପ୍ରିୟଦର୍ଶନ ମୋ ମୁଣ୍ଡରେ ତେଲ ବୋତଲ ଢାଳି ଦେଇଥିଲେ ।

**ତବୁ, ଅଭିନେତ୍ରୀ**



ମୁଁ ସଲିମ ସାରଙ୍କୁ ଦେଖା କରିପାରି ନାହିଁ, ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା କଥା ସବୁବେଳେ ବୁଝୁଛି । ସେ ବର୍ତ୍ତମାନ ବିପଦ ମୁକ୍ତ ହୋଇଛନ୍ତି । ତାଙ୍କ ସର୍ଜରୀ ଭଲଭାବେ ହୋଇଛି ।

**ଡେଜି ଶାହ, ଅଭିନେତ୍ରୀ**

## ଇତିହାସ ରଚିଲେ ଭାବିଥା




ବ୍ରିଟିଶ୍ ଭୋଗ୍ ମାଗାଜିନର ମାର୍ଚ୍ଚ ୨୦୨୬ ସଂସ୍କରଣର କଭର ପେଜ୍‌ରେ ସ୍ଥାନ ପାଇ ହାଇଦ୍ରାବାଦର ୨୬ ବର୍ଷୀୟା ମଡେଲ ଭାବିଥା ମାଣ୍ଡଭା ଏକ ନୂଆ ଇତିହାସ ରଚିଛନ୍ତି । ପ୍ରିୟଙ୍କା ଚୋପ୍ରାଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ଭାରତୀୟ ମହିଳା ଯିଏ ଏହି ସମ୍ମାନଜନକ ପତ୍ରିକାର କଭରରେ ଏକାକୀ ସ୍ଥାନ ପାଇଛନ୍ତି । ଜଣେ ସଫଳ ମଡେଲ ହେବା ପୂର୍ବରୁ ଭାବିଥା ହାଇଦ୍ରାବାଦର ଜବାହରଲାଲ ନେହେରୁ ଟେକ୍ନୋଲୋଜିକାଲ ୟୁନିଭର୍ସିଟିରୁ ସ୍ଥାପତ୍ୟ ବିଦ୍ୟାରେ ସ୍ନାତକ ହାସଲ କରିଥିଲେ ଏବଂ ପରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ । ଯେଉଁଠାରୁ ତାଙ୍କର ମଡେଲିଂ ଯାତ୍ରା ଆରମ୍ଭ ହୋଇଥିଲା । ନିଜ କ୍ୟାରିୟରରେ ଅନେକ ସଫଳତାର ସିଢ଼ି ଚଢିଛନ୍ତି ଭାବିଥା । ସେ ବିଶ୍ୱପ୍ରସିଦ୍ଧ ବ୍ରାଣ୍ଡ 'ଚାନେଲ' ପାଇଁ ରାମ୍ପରେ ଚାଲିବାରେ ପ୍ରଥମ ଭାରତୀୟ ମଡେଲ ଭାବେ ଗୌରବ ଅର୍ଜନ କରିଛନ୍ତି । ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ମଧ୍ୟ ନିକଟରେ ତାଙ୍କ ସଫଳତା ପାଇଁ ତାଙ୍କର ପ୍ରଶଂସା କରିଥିବାବେଳେ, ଭାବିଥା ନିଜର ଶିକ୍ଷା ଏବଂ ବୃତ୍ତି ମଧ୍ୟରେ ସନ୍ତୁଳନ ରକ୍ଷା କରି ଅନେକ ଯୁବତୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ଆଗକୁ ଭାରତକରୁ ବିଶ୍ୱସ୍ତରରେ ଆହୁରି ଅନେକ ସଫଳତା ଦେବେ ବୋଲି ଆଶା ରଖିଛନ୍ତି ଭାବିଥା ।

## ଇତିହାସ

୧୫୬୦: ଇଂଲଣ୍ଡ ଏବଂ ସ୍କଟଲ୍ୟାଣ୍ଡ ମଧ୍ୟରେ 'ବର୍ୱିକ୍ ଚୁକ୍ତି' ସ୍ୱାକ୍ଷରିତ ହୋଇଥିଲା, ଯାହା "ରଫ୍ ୱୁଇଙ୍ଗ" ନାମକ ସଂଘର୍ଷର ଅନ୍ତ ଘଟାଇଥିଲା ।
୧୮୪୪: ଡୋମିନିକାନ୍ ରିପବ୍ଲିକ୍ ହାଇତି ଠାରୁ ସ୍ୱାଧୀନତା ହାସଲ କରିଥିଲା ।
୧୯୦୦: ଜର୍ମାନୀର ପ୍ରସିଦ୍ଧ ପେସାଦାର ଫୁଟବଲ୍ କ୍ଲବ୍ 'ବାୟର୍ଣ୍ଣ ମ୍ୟୁନିକ୍' ପ୍ରତିଷ୍ଠିତ ହୋଇଥିଲା ।
୧୯୩୩: ବର୍ଲିନରେ ଥିବା ଜର୍ମାନ ସଂସଦ ଭବନ 'ରିକ୍ସଟ୍ୟାଗ୍' ରେ ନିଆଁ ଲଗାଇ ଦିଆଯାଇଥିଲା ।
୧୯୩୪- ଓଡ଼ିଶାର ପ୍ରସିଦ୍ଧ ଲେଖକ ମନୋଜ ଦାସଙ୍କ ଜନ୍ମ ।
୧୯୪୦: ମାର୍ଟିନ କାମେନ ଏବଂ ସାମ ରୁବେନ୍ 'କାର୍ବନ-୧୪' ଆବିଷ୍କାର କରିଥିଲେ ।
୧୯୮୦: ନରୱେର ତୈଳ ପ୍ଲାଟଫର୍ମ 'ଆଲେକ୍ସଜାଣ୍ଡାର୍ ଏଲ୍. କିଲାଣ୍ଡ' ଉତ୍ତର ସାଗରରେ ଭୁଶୁଡ଼ି ପଡ଼ିଥିଲା, ଯେଉଁଥିରେ ୧୨୩ ଜଣଙ୍କର ମୃତ୍ୟୁ ଘଟିଥିଲା ।
୧୯୯୧: ଆମେରିକା ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲୁ. ବୁଶ୍ ଗଲ୍ଫ ୱାର୍ ସମୟରେ 'କୁଏତର ମୁକ୍ତି' ବିଷୟରେ ଘୋଷଣା କରିଥିଲେ ।
୨୦୦୨: ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାରେ ୫୯ ଜଣ ହିନ୍ଦୁ ତୀର୍ଥଯାତ୍ରୀ ପ୍ରାଣ ହରାଇଥିଲେ ।
୨୦୧୦: ଚିଲିରେ ୮.୮ ତୀବ୍ରତାର ଏକ ଭୟଙ୍କର ଭୂକମ୍ପ ହୋଇଥିଲା, ଯେଉଁଥିରେ ୫୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିବା ସହ ବହୁଳ ମାତ୍ରାରେ କ୍ଷୟକ୍ଷତି ହୋଇଥିଲା ।
୨୦୧୫: ରୁଷର ବିରୋଧୀ ଦଳର ନେତା ବୋରିସ୍ ନେମତସୋଭଙ୍କୁ ମସ୍କୋରେ ହତ୍ୟା କରାଯାଇଥିଲା ।

## ମଧୁମେହ ଓ ମାନସିକ ସ୍ୱାସ୍ଥ୍ୟ

ଟାଇପ୍-୨ ମଧୁମେହ ଏବଂ ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି । ଏହି ଦୁଇଟି ପରସ୍ପରକୁ ପ୍ରଭାବିତ କରିଥାନ୍ତି, ଯାହାକୁ ଚିକିତ୍ସା ବିଜ୍ଞାନରେ 'ବାଇ-ଡାଇରେକ୍ସନାଲ୍' ସମ୍ପର୍କ କୁହାଯାଏ । କିଛି ସମ୍ପର୍କ ସିଧାସଳଖ ଥିବାବେଳେ କିଛି ପରୋକ୍ଷରେ ରହିଛି । ଟାଇପ୍-୨ ମଧୁମେହ ହେଉଛି ଏକ ଦୀର୍ଘକାଳୀନ ଶାରୀରିକ ଅବସ୍ଥା ଯେଉଁଠାରେ ଶରୀର ଇନସୁଲିନ୍‌କୁ ସଠିକ୍ ଭାବରେ ବ୍ୟବହାର କରିପାରେ ନାହିଁ କିମ୍ବା ପର୍ଯ୍ୟାପ୍ତ ପରିମାଣର ଇନସୁଲିନ୍ ତିଆରି କରିପାରେ ନାହିଁ । ଏହା ଫଳରେ ରକ୍ତରେ ଶର୍କରାର ମାତ୍ରା ବଢ଼ିଯାଏ, ଯାହା ଶରୀରର ବିଭିନ୍ନ ଅଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ ।



ସାଧାରଣତଃ ଅତ୍ୟଧିକ ଓଜନ, ଶାରୀରିକ ପରିଶ୍ରମର ଅଭାବ ଏବଂ ବଂଶଗତ କାରଣରୁ ଏହି ରୋଗ ହୋଇଥାଏ ।

**ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ସମ୍ପର୍କ**

**ମଧୁମେହ ଜନିତ ମାନସିକ ଚାପ :** ମଧୁମେହ ରୋଗୀଙ୍କୁ ପ୍ରତିଦିନ ରକ୍ତ ଶର୍କରା ଯାଞ୍ଚ କରିବା, ଔଷଧ ଖାଇବା ଏବଂ ଖାଦ୍ୟପେୟ ଉପରେ ନଜର ରଖିବାକୁ ପଡ଼ିଥାଏ । ଏହି କାରଣରୁ ରୋଗୀ ମାନସିକ ଭାବେ କ୍ଲାନ୍ତ ଅନୁଭବ କରନ୍ତି, ଯାହାକୁ 'ଡାଇବେଟିସ୍ ଡିଷ୍ଟ୍ରେସ୍' କୁହାଯାଏ ।

**ଅବସାଦ :** ରିପୋର୍ଟ ଅନୁଯାୟୀ, ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଅବସାଦ ହେବାର ସମ୍ଭାବନା ସାଧାରଣ ଲୋକଙ୍କ ତୁଳନାରେ ଦୁଇରୁ ତିନି ଗୁଣ ଅଧିକ ଥାଏ । ଅବସାଦ ଯୋଗୁଁ ରୋଗୀ ନିଜର ସ୍ୱାସ୍ଥ୍ୟ ପ୍ରତି ଅବହେଳା କରନ୍ତି, ଯାହା ମଧୁମେହକୁ ଆହୁରି ଜଟିଳ କରିଦିଏ ।

**ଆଙ୍ଗଜାଇଟି:** ରକ୍ତରେ ଶର୍କରା କମିଯିବାର ଭୟ ରୋଗୀଙ୍କ ମନରେ ସବୁବେଳେ ଉଦ୍‌ବେଗ ସୃଷ୍ଟି କରିଥାଏ । ଏହା ଶରୀରରେ ଷ୍ଟ୍ରେସ୍ ହରମୋନ୍ ବୃଦ୍ଧି କରେ, ଯାହା ରକ୍ତ ଶର୍କରା ସ୍ତରକୁ ଅସ୍ଥିର କରିଦିଏ ।

**ନିଦ୍ରାହୀନତା :** ମଧୁମେହ ଏବଂ ମାନସିକ ଚିନ୍ତା ଉଭୟ ନିଦକୁ ପ୍ରଭାବିତ କରନ୍ତି । ନିଦ ଠିକ୍‌ରେ ନହେବା ଫଳରେ ଶରୀରର ଇନସୁଲିନ୍ ବ୍ୟବହାର କରିବା କ୍ଷମତା ହ୍ରାସ ପାଏ ।

**ଖାଦ୍ୟପେୟର ବ୍ୟତିକ୍ରମ :** ମାନସିକ ଅଶାନ୍ତି ଯୋଗୁଁ ଅନେକ ସମୟରେ ରୋଗୀ ଅଧିକ ମିଠା ବା ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବାକୁ ଲାଗନ୍ତି , ଯାହା ଟାଇପ୍-୨ ମଧୁମେହକୁ ନିୟନ୍ତ୍ରଣ କରିବାରେ ବାଧା ସୃଷ୍ଟି କରେ । ତେବେ ଏସମସ୍ତ କ୍ଷେତ୍ରରେ ନିଜ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ । ତାଙ୍କୁ ନିଜର ସମସ୍ତ ଅସୁବିଧା ସମ୍ପର୍କରେ ଜଣାନ୍ତୁ ଏବଂ ତାଙ୍କ ପରାମର୍ଶରେ ଜୀବନଶୈଳୀ ବଦଳାନ୍ତୁ ଉପଶମ ମିଳିବ ।

ଜାପାନର ଇଚିକାୱା ସିଟି ଚିଡ଼ିଆଖାନା ଏବଂ ବୋଟାନିକାଲ୍ ଗାର୍ଡେନ୍‌ର "ମଙ୍କି ପଞ୍ଚ" ଭିଡିଓ ଭାଇରାଲ୍ ହେବା ପରେ, କର୍ତ୍ତୃପକ୍ଷ ମାଙ୍କଡ଼ମାନଙ୍କ ମାନସିକ ଚାପ ହ୍ରାସ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ସୋସିଆଲ ମିଡିଆରେ ଏନେଇ ଚିଡିଆଖାନା ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚିଡିଆଖାନାରେ ଥିବା ମାଙ୍କଡ଼ ପାହାଡ଼ର କିଛି ଅଂଶକୁ ବର୍ତ୍ତମାନ ଏକ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି, ଯାହାଫଳରେ ପର୍ଯ୍ୟଟକମାନେ ପ୍ରାଣୀମାନଙ୍କର ଅତି ନିକଟତର ହୋଇ ସେମାନଙ୍କୁ ବିରକ୍ତ କରିପାରିବେ ନାହିଁ । ଏହି ନିଷ୍ପତ୍ତି ମାଙ୍କଡ଼ମାନଙ୍କୁ ଏକ ଶାନ୍ତିପୂର୍ଣ୍ଣ ଏବଂ ଆରାମଦାୟକ ପରିବେଶ ଯୋଗାଇବା ପାଇଁ ନିଆଯାଇଛି । ବର୍ତ୍ତମାନ ପର୍ଯ୍ୟଟକମାନେ ଧାଡ଼ିରେ ଠିଆ ହୋଇ ଅତି ଶୃଙ୍ଖଳିତ ଭାବେ ପ୍ରାଣୀମାନଙ୍କୁ ଦେଖୁଥିବାରୁ ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହି ପୋଷ୍ଟରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପୂର୍ବରୁ ଭାଇରାଲ୍ ହୋଇଥିବା ଭିଡିଓରେ ଏକ ବଡ଼ ମାଙ୍କଡ଼ ଅନ୍ୟ ଏକ ଛୋଟ ମାଙ୍କଡ଼କୁ ଆପଣାଇବା ପାଇଁ ପ୍ରତ୍ୟାଖାନ କରିଥିଲା । ଭିଡିଓଟି ସୋସିଆଲ ମିଡିଆରେ ଖୁବ ଭାଇାଲ ହେବାସହିତ ଛୋଟ ମାଙ୍କଡଟି ଅନେକ ସମବେଦନା ସାଉଁଟିଥିଲା । ତେବେ ଚିଡିଆଖାନା ପକ୍ଷରୁ ଏହି ଘଟଣା ଉପରେ ସ୍ପଷ୍ଟୀକରଣ ଦେଇ କୁହାଯାଇଛି ଯେ, ମା' ମାଙ୍କଡ଼ଟି ନିଜ ଛୁଆକୁ ଅନ୍ୟ ଏକ ମାଙ୍କଡ଼ କବଳରୁ ରକ୍ଷା କରିବାକୁ ଯାଇ ଏପରି ବ୍ୟବହାର ପ୍ରଦର୍ଶନ କରିଥିଲା । ବର୍ତ୍ତମାନ ପର୍ଯ୍ୟଟକଙ୍କ ଗହଳି ଯୋଗୁଁ ଯେପରି ପ୍ରାଣୀମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ନଆସେ, ସେଥିପାଇଁ ଏହି କଟକଣା ଲାଗୁ କରାଯାଇଛି ।

## ମାଙ୍କଡଙ୍କୁ ଦିଆଯିବ ମାନସିକ ଶାନ୍ତି





## ଅସ୍ଥି ପାଇଥାଏ ପୂଜା

ଉତ୍ତରାଖଣ୍ଡରେ ଏଭଳି ଏକ ସ୍ଥାନ ରହିଛି ଯେଉଁଠାରେ **ଠାକୁରଙ୍କ ପରିବର୍ତ୍ତେ ଅସ୍ଥି ପୂଜା ପାଇଥାଏ ।** ଏଠାରେ ଏକ ପଥର ରଖାଯାଇଛି ଯାହାକୁ ଭଗବାନ କାର୍ତ୍ତିକେୟଙ୍କର ଅସ୍ଥିବୋଲି ବିବେଚନା କରି ପୂଜା କରାଯାଇଥାଏ । ଏହି ମନ୍ଦିରର ନାଁ **ରହିଛି କାର୍ତ୍ତିକ ସ୍ୱାମୀ ମନ୍ଦିର, ଯାହା ପ୍ରାୟ ୩ ହଜାର ଫୁଟ ଉପରେ ପାହାଡର ଶୀର୍ଷରେ ରହିଛି ।** ଏଠାକୁ ଯିବାକୁ ହେଲେ ପାଖାପାଖି ୩ କିମି ଟ୍ରେକିଂ କରିଯିବାକୁ ହୋଇଥାଏ । ଲୋକକଥା ଅନୁସାରେ ଏଠାରେ **ଗଣେଶ ଓ କାର୍ତ୍ତିକଙ୍କ ମଧ୍ୟରେ ଏକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯେଉଁଥିରେ କାର୍ତ୍ତିକ** ହାରିଥିଲେ । ଏହାପରେ ସେ ଏହି ପର୍ବତରେ ସେ ନିଜ ବାପା ମାଆଙ୍କୁ ତପସ୍ୟା କରିଥିଲେ । ଏଠିକାର ସ୍ଥାନୀୟଲୋକ ଏହି ମନ୍ଦିରରେ ଅନେକ **ସମୟରେ ପୂଜାଅର୍ଚ୍ଚନା କରିଥାଆନ୍ତି । ଏଠାକୁ** ଆସୁଥିବା ପର୍ଯ୍ୟଟକମାନେ ମଧ୍ୟ ଏହି ମନ୍ଦିରରେ ପୂଜା କରିଥାଆନ୍ତି ।

## ରଶ୍ମିକାଙ୍କ ହାତ ଧରିଲେ ବିଜୟ



ସିନେ-ଜଗତର ଲୋକପ୍ରିୟ ଯୋଡ଼ି ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକା ମନ୍ଦାନା ୨୬ ଫେବୃଆରୀରେ ଉଦୟପୁରଠାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ପାରମ୍ପରିକ ତେଲୁଗୁ ରୀତିନୀତି ଅନୁଯାୟୀ ସେମାନଙ୍କର ବିବାହ ସମ୍ପନ୍ନ ହୋଇଥିବାବେଳେ, ସନ୍ଧ୍ୟାରେ ରଶ୍ମିକାଙ୍କ ପକ୍ଷରୁ କୁର୍ଗ କୋଡାଭା ପରମ୍ପରାରେ ଦ୍ୱିତୀୟ ଥରପାଇଁ ଏହି ବିବାହ ଅନୁଷ୍ଠିତ ହୋଇଛି । ଏହା ପୂର୍ବରୁ ସଙ୍ଗୀତ ସେରିମନିରେ ଉଭୟଙ୍କ ମା'ଙ୍କ ନୃତ୍ୟ ପ୍ରଦର୍ଶନ ଏବଂ ବିଜୟଙ୍କ ମା'ଙ୍କ ପକ୍ଷରୁ ରଶ୍ମିକାଙ୍କୁ ପାରିବାରିକ ଚୁଡ଼ି ଉପହାର ପ୍ରଦାନ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା । ଫେବୃଆରୀ ୨୫ରେ ଅନୁଷ୍ଠିତ ହଳଦୀ ଉତ୍ସବକୁ ଏହି ଯୋଡ଼ି ନିଜ ପୋଷା କୁକୁରମାନଙ୍କୁ ସମର୍ପିତ କରିବା ସହ ପାରମ୍ପରିକ ହଳଦୀ ବଦଳରେ ହୋଲି ରଙ୍ଗ ଓ ଫୁଲରେ ଏହାକୁ ବେଶ୍ ଧୁମଧାମରେ ପାଳନ କରିଥିଲେ । ଉଭୟଙ୍କ ବିବାହକୁ ନେଇ ସେମାନଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ଥିଲେ ।



**ମେଷ-** ଧନପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ଶତ୍ରୁନାଶ, ଉଚ୍ଚଆଶାରେ ବାଧା, କର୍ମନିଯୁକ୍ତି, ମୋକଦ୍ଦମାରେ ବିଜୟ, ଦୂରଯାତ୍ରା, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା- ମହାଲକ୍ଷ୍ମୀ ।

**ବୃଷ- ଧର୍ମବ୍ୟୟ,** କର୍ମକ୍ଷେତ୍ରେ ଅଶାନ୍ତି, ଦୂରଯାତ୍ରା, ଗାଡ଼ିଚାଳନାରେ ସାବଧାନ, ଶତ୍ରୁଦ୍ୱାରା କଷ୍ଟ, ନୂତନ ବାଣିଜ୍ୟ ଆରମ୍ଭ, ଶରୀର ସୁସ୍ଥ, ବିଦ୍ୟାରେ ଅବନତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା- ମା ବଗଳାମୁଖୀ ।

**ମିଥୁନ-** ସମ୍ମାନବୃଦ୍ଧି, ଶତ୍ରୁନାଶ, ଉଚ୍ଚଆଶା ସଫଳ, ବ୍ୟବସାୟରେ ଲାଭ, ଭୂସମ୍ପତ୍ତିର ସମାଧାନ, ଦୂରଯାତ୍ରା, ବିବାଦ ସମାଧାନ, ଶରୀର ସୁସ୍ଥ, ସ୍ତ୍ରୀ ସହଯୋଗ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧, ଆରାଧନା- କୁବେର ଭଗବାନ ।

**କର୍କଟ-** କାର୍ଯ୍ୟରେ ବିବାଦ, ବନ୍ଧୁ ଦର୍ଶନ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ଲାଭ, ଉତ୍ସବ ରହିବ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ମା ଗଗବତୀ ।

**ସିଂହ-** ଦ୍ରବ୍ୟଲାଭ, କାର୍ଯ୍ୟରେ ଉନ୍ନତି, ସମ୍ମାନ ପ୍ରାପ୍ତି, ଅର୍ଥସମସ୍ୟାର ସମାଧାନ, ଈଶ୍ୱର ପୂଜାରେ ଶାନ୍ତି, ଲମ୍ବାଯାତ୍ରା, ବ୍ୟବସାୟରେ ଆଗ୍ରହ, ଶତ୍ରୁ ପରାଜିତ, ବିଦ୍ୟାରେ ସଫଳ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ଭଗବାନ ବିଷ୍ଣୁ ।

**କନ୍ୟା-** ସମସ୍ୟା ସମାଧାନ, ଦେବର୍ଶନ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳତା, ସୁସମାଚାର, ଶତ୍ରୁ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୯, ଆରାଧନା- ଶଙ୍କର ଭଗବାନ ।

**ତୁଳା-** କର୍ମକ୍ଷେତ୍ରରେ ଶୁଭ, ଦୂରଯାତ୍ରା, ଉଚ୍ଚଆଶା ବିଫଳ, ଶତ୍ରୁ ପରାଜିତ, ବ୍ୟବସାୟରେ ମାନ୍ଦାବସ୍ଥା, ସୁସମାଚାର, ମୋକଦ୍ଦମାରେ କଷ୍ଟ, ପଡ଼ୋଶୀ କଳହ, ମାନସିକ ଦୁଃଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ବିଛା-** ଅସନ୍ତୁଷ୍ଟ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସମସ୍ୟା, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହ ନିର୍ମାଣ, ମୋକଦ୍ଦମାରେ ସନ୍ତୁଷ୍ଟ, ଦୂରଯାତ୍ରା, ସନ୍ତାନସ୍ନେହ, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ-** ସଫଳତା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଅର୍ଥ ସମସ୍ୟା, ସୁସମ୍ବାଦ ପ୍ରାପ୍ତି, ବିବାଦ ସମାଧାନ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ସମସ୍ୟା, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା- ପିତାମାତାଙ୍କ ସେବା ।

**ମକର-** ଦ୍ରବ୍ୟପ୍ରାପ୍ତି, ଅଳ୍ପ ସମସ୍ୟା, ଦୂରଯାତ୍ରା, ବାଣିଜ୍ୟରେ ଲାଭ, ଶତ୍ରୁ ସମସ୍ୟା, ଗୃହ ସମସ୍ୟା, ସମ୍ମାନପ୍ରାପ୍ତି, ପୁରାତନ ରୋଗ, ସୁମିଷ୍ଟ ଭୋଜନ ,, ସନ୍ତାନସୁଖ, ଲୋକସମ୍ପର୍କ ବୃଦ୍ଧି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ଲକ୍ଷ୍ମୀ ନାରାୟଣ ।

**କୁମ୍ଭ-** ସଫଳତା, ସମ୍ମାନ ବୃଦ୍ଧି, ଦାମ୍ପତ୍ୟ କଳହ, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ଋଣଗ୍ରସ୍ତ, ଦୂରସ୍ଥାନକୁ ଯାତ୍ରା, ମୋକଦ୍ଦମାରେ କଷ୍ଟ, ସୁସମ୍ବାଦ, ଦେବଦର୍ଶନ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୫, ଆରାଧନା-ପ୍ରଭୁ ଗଣେଶ ।

**ମୀନ-** ଋଣଗ୍ରସ୍ତ, ସମ୍ପର୍କରେ ଉନ୍ନତି, ବନ୍ଧୁ ଦର୍ଶନ, ଗୃହେ ଅଶାନ୍ତି, ମୋକଦ୍ଦମାରେ ପଡ଼ିପାରନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ପଷ୍ଟ, ମାନସିକ ଅଶାନ୍ତି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬ ଆରାଧନା-ଲକ୍ଷ୍ମୀନୃସିଂହ ।

**ଫାଲଗୁନ ଶୁକ୍ଳପକ୍ଷ, ଏକାଦଶୀ**
**୨୭.୨.୨୦୨୬ ଶୁକ୍ରବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




ନୂଆଦିଲ୍ଲୀରେ ଓଡ଼ିଶା ଭବନ ନୂତନ କୋଠାର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଶଳା- ଭିଣୋଇ ସମେତ ୩ ମୃତ

ମୁରିବାହାଲ/ସମ୍ବଲପୁର,(ସବ୍ୟ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ବୁଢ଼ୀବାହାଲ ଗାଁଛକ ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଶଳା- ଭିଣୋଇଙ୍କ ମତ୍ୟୁ ଘଟିଥିବା ବେଳେ ନାବାଳକ ଭଣଜା ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନା ଅନୁଯାୟୀ କଣ୍ଟାବାଞ୍ଜି ଥାନା ଗାଁର ଶଳା ହରେଶ ମାଝୀ, ତାଙ୍କ ଭିଣୋଇ ବେଦ ପୁଝାରୀ ଓ ଭଣଜା କୃଷ୍ଣ ପୁଝାରୀ ଉଭୟ ଲାଠୋର ଥାନା ଅନ୍ତର୍ଗତ ବାଗଡିଆ ଗାଁକୁ ଏକ ଦଶାହ କାର୍ଯ୍ୟକୁ ଯୋଗଦେବା ପାଇଁ ଶଳା ଭିଣୋଇ ଓ ଭଣଜା ଯାଇଥିଲେ । ଦଶାହ କାର୍ଯ୍ୟରେ ଯୋଗଦେଇ ଗାଁକୁ ଫେରିବା ବାଟରେ ବୁଢ଼ୀବାହାଲ ଗାଁଛକଠାରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ବେଦ ପୁଝାରୀ ଓ ହରେଶ ମାଝୀ ଦୁଇ ଶଳା- ଭିଣୋଇଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବେଦ ପୁଝାରୀଙ୍କ ୧୨ ବର୍ଷର ପୁଅ କୃଷ୍ଣ ପୁଝାରୀ ଗୁରୁତର ଆହତ ହୋଇଥିଲେ । ଦଶାହ ଘର କାର୍ଯ୍ୟକୁ ଯାଇ ଘରକୁ ଫେରିନଥିବାରୁ ଏନେଇ ପରିବାର ଲୋକ ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ । ହେଲେ ପାଇନଥିଲେ ଗୁରୁବାର ଦିନ ସକାଳେ ଏକ ସ ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକେ ଦେଖି ତୁରେକେଲା ଥାନାକୁ ଖବର ଦେଇଥିଲେ । ତୁରେକେଲା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଗୁରୁତର ଅବସ୍ଥାରେ ୧୨ ବର୍ଷର ବାଳକ କୃଷ୍ଣ ପୁଝାରୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପହଞ୍ଚାଇଥିଲେ । ହେଲେ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶଳା ଭିଣୋଇଙ୍କ ମୃତ ଶରୀର ଉଦ୍ଧାରକରି ପୋଲିସ କଣ୍ଟାବାଞ୍ଜି ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଦୁର୍ଘଟଣାର କାରଣ ପୋଲିସ ତଦନ୍ତ କରୁଥିବା ଜଣାପଡିଛି । ତେବେ ଦୁର୍ଘଟଣାରେ ଦୁଇ ଜଣଙ୍କ ପ୍ରାଣହାନି ହୋଇଥିବା ବେଳେ ପରିବାର ଦୁଃଖରେ ଭାଙ୍ଗିପଡ଼ିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

### ହୋର୍ଡ଼ିଂ ପଡ଼ି ମୃତ୍ୟୁ ପରେ ଚେତିଲା ବିଏମ୍‌ସି

# ବେଆଇନ ହୋର୍ଡ଼ିଂ ପଛରେ ୱାର୍ଡ଼ ଅଫିସର

ଭୁବନେଶ୍ୱର(ସବ୍ୟ): ରାଜଧାନୀ ଭୁବନେଶ୍ୱରରେ ବେଆଇନ ମାଳ ମାଳ ହୋର୍ଡିଂ । ବିଏମସି ଅଞ୍ଚଳରେ କେଉଁଠି ବେଆଇନ ହୋର୍ଡିଂ ଲାଗିଛି ସେସବୁର ଚିଠା ୱାର୍ଡ ଅଫିସରଙ୍କ ପାଖରେ ଅଛି । କେବଳ ସେତିକି ନୁହେଁ, ସପିଂ ମଲ ଓ ଶୋ ରୁମ ସମ୍ମୁଖରେ ବଡ଼ ବଡ଼ ବିଜ୍ଞାପନ ବୋର୍ଡ ବି ବେଆଇନ ଭାବେ ଲାଗିଛି । ଫଳରେ ବିଏମସି ରାଜସ୍ୱ ବାବଦକୁ କୋଟି କୋଟି ଟଙ୍କା ଟିକସ ହରାଇବା ସହ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ବେଆଇନ ହୋର୍ଡିଂ ପଡି ଦୁଇ ଜଣଙ୍କ ମୂଲ୍ୟବାନ ଜୀବନ ଗଲା ପରେ ବିଏମସି ଅଧିକାରୀଙ୍କ ଚେତା ପଶିଛି ।

ବାଣୀବିହାରରୁ ଶିଶୁ ଭବନ, କଳ୍ପନାରୁ ରସୁଲଗଡ଼, ଜୟଦେବ ବିହାରୁ ପଟିଆ, ବରମୁଣ୍ଡାରୁ ପାତ୍ରପଡ଼ା ଯାଏ ସବୁଠି ଲାଗିଛି ବେଆଇନ ହୋର୍ଡିଂ । ବାଣୀବିହାରୁ ଶିଶୁ ଭବନ ପର୍ଯ୍ୟନ୍ତ ବଡ଼ ବଡ଼ ମଲ ଓ ଶୋ ରୁମ ରହିଛି । ଏହାର ସମ୍ମୁଖରେ ଥିବା ସରକାରୀ ଜାଗାକୁ ମଡ଼ାଇ ବିରାଟ ବିଜ୍ଞାପନ ବୋର୍ଡ ଲଗାଇଛନ୍ତି ବ୍ୟବସାୟୀ । ତେବେ ସେଗୁଡ଼ିକୁ ଯାଞ୍ଚ କରାଯାଉନି । ଦୋକାନ କମ୍ବା ଶୋ ରୁମ



ସମ୍ମୁଖରେ ବୋର୍ଡ ଲାଗଇବା ପୂର୍ବରୁ ବିଏମସି ଠାରୁ ଅନୁମତି ନେବା ସହିତ ଏହା ବାବଦକୁ ଟିକସ ବି ପୈଠ କରିବାକୁ ନିୟମ ରହିଛି । ଏହିସବୁ ଟିକସ ଓ୍ୱାର୍ଡ ଅଫିସର ଆଦାୟ କରିଥାନ୍ତି । କିନ୍ତୁ ଅନେକ ସମୟରେ ଏଥିରେ ବ୍ୟତିକ୍ରମ ଦେଖାଯାଉଛି । ୱାର୍ଡ ଅଫିସର ଓ ବ୍ୟବସାୟୀଙ୍କ ସଲାସୁତରାରେ ଟିକସ ଗଫଲତି ହେଉଥିବା ଅଭିଯୋଗ ହେଉଛି । ଫଳରେ ବିଏମସି କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ନଜରକୁ ଆସିଛି । ବିଏମସିର ୬୭ଟି ୱାର୍ଡ ଲାଗି ୬୭ ଜଣ ୱାର୍ଡ ଅଫିସର କାର୍ଯ୍ୟରତ ଅଛନ୍ତି ।

- ଶୋ ରୁମ, ମଲ ସମ୍ମୁଖରେ ବଡ଼ବଡ଼ ବେଆଇନ ବିଜ୍ଞାପନ ବୋର୍ଡ
- ପକେଟ ଗରମ କରି ୱାର୍ଡ ଅଫିସର ଚୁପ୍

ଆଇଗିଣିଆ ଠାରେ ହୋର୍ଡିଂ ପଡ଼ି ଦୁଇ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ପରେ ବିଏମସି ଅଧିକାରୀ ବୈଠକ ଡାକି ପ୍ରତ୍ୟେକ ହୋର୍ଡିଂର ତୃତୀୟ ପକ୍ଷ ବୀମା କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିଏମସି କମିଶନର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ ରାଜସ୍ୱ ଉପାୟୁକ୍ତ ଅଜୟ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଅନୁବନ୍ଧିତ ବିଜ୍ଞାପନ ସଂସ୍ଥାର ପ୍ରତିନିଧିମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମସ୍ତ ଅନୁବନ୍ଧିତ ସଂସ୍ଥାଙ୍କୁ ଚିଠି ମାଧ୍ୟମରେ ହୋର୍ଡିଂଗୁଡିକର ସ୍ଥାୟୀତ୍ୱ ପ୍ରମାଣପତ୍ର ଦେବା ପାଇଁ ଆଲୋଚନା ହୋଇଯାଇଛି । ସମସ୍ତ ହୋର୍ଡିଂ ଷ୍ଟ୍ରକଚର କିପରି ପରିଚାଳନା, ଦେଖାଶୁଣା ଓ ସୁରକ୍ଷା କିପରି ହେଉଛି, ତାହାର ପ୍ରାମାଣିକ ବିବରଣୀ ଦେବାକୁ ମଧ୍ୟ କୁହାଯାଇଛି । ଏହି ଅବସରରେ ସମସ୍ତେ ନିଜ ନିଜର ହୋର୍ଡିଂଗୁଡ଼ିକୁ ସମୀକ୍ଷା କରି ଏହାର ସ୍ଥିତି କିପରି ଅଛି, ତାହା ଜଣାଇବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି । ଲଗାଯାଇଥିବା ହୋର୍ଡିଂଗୁଡିକରେ ନିଜ ସଂସ୍ଥାର ନାମ ଲେଖିବାକୁ ମଧ୍ୟ କୁହାଯାଇଛି । ପ୍ରତ୍ୟେକ ଏଜେନ୍ସି ସବୁ ହୋର୍ଡିଂର ଥାର୍ଡ ପାର୍ଟି ବା ତୃତୀୟ ପକ୍ଷ ଇନସ୍ୟୁରାନ୍ସ(ବୀମା) କରିବାକୁ କୁହାଯାଇଛି । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଯଦି କୌଣସି ହୋର୍ଡିଂରେ ଫ୍ଲେକ୍ସ ଇତ୍ୟାଦି ଛିଣ୍ଡି ଉଡେ, ତେବେ ସେଗୁଡିକୁ ସଂଗେ ସଂଗେ କାଟିଦେବା ପାଇଁ କୁହାଯାଇଛି । ତେବେ ଆବଶ୍ୟକୀୟ ସ୍ଥଳେ ସୁରକ୍ଷା ଦୃଷ୍ଟିରୁ ହୋର୍ଡିଂଗୁଡିକୁ ହଟାଇ ଦେବା ପାଇଁ ଏଜେନ୍ସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ବିଦ୍ୟୁତ୍ ବିଭାଗ, ହାତୀଙ୍କ ଯମ

ଭୁବନେଶ୍ୱର,(ତଥ୍ୟ) ହାତୀ ମାନଙ୍କର ଯମ ସାଜିଛି ବିଦ୍ୟୁତ୍ ବିଭାଗ। ଦେଢ ବର୍ଷ ମଧ୍ୟରେ ୪୨ ହାତୀ ବିଦ୍ୟୁତ୍ ଆଘାତରେ ମରିବାରୁ ଏହା ଜଳ ଜଳ ହୋଇ ଦିଶୁଛି। ରାଜ୍ୟରେ ହାତୀ ମୃତ୍ୟୁ ସଂକ୍ରାନ୍ତରେ ବିଧାନସଭାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯେଉଁ ତଥ୍ୟ ଦେଇଛନ୍ତି ସେଥିରେ ଉଲ୍ଲେଖ କରାଯାଇଛି ଯେ ଗତ ଦେଢବର୍ଷ ମଧ୍ୟରେ ରାଜ୍ୟରେ ଶିକାରୀଙ୍କ ହାତରେ ୬ଟି ହାତୀ ମରିଥିବାବେଳେ ରେଳ ଦୁର୍ଘଟଣାରେ ୪ଟି, ରୋଗରେ ପଡି ୨୯ଟି, ପ୍ରାକୃତିକ ଭାବେ ୧୭ଟି, ଲୋକଙ୍କ ପ୍ରତିଶୋଧ ପରାୟଣ ପାଇଁ୩ ଏବଂ ପାହାଡରୁ, ନଦୀନାଳରେ ପଡି, ନିଜ ଭିତରେ ଲଢେଇ ଆଦି କାରଣରୁ ୧୩ଟି ହାତୀ ମରିଥିବାବେଳେ ବିଦ୍ୟୁତ୍ ଆଘାତରେ ମରିଛନ୍ତି ସର୍ବାଧିକ ୪୨ଟି ହାତୀ।

ତେବେ ରାଜ୍ୟରେ ବିଦ୍ୟୁତ୍ ଆଘାତରେ ହାତୀମାନେ ଯେଭଳି ନମରନ୍ତି ସେଥିପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉଭୟ ରାଜ୍ୟ ସରକାର ଓ ବିଦ୍ୟୁତ୍ ବିଭାଗ ମାରମ୍ବାର କହୁଥିବାବେଳେ ଏତେ ସଂଖ୍ୟକ ହାତୀ ବିଦ୍ୟୁତ୍ ଆଘାତରେ ମରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଙ୍ଗଲ ଭିତରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ସୁଉଚ୍ଚ କରିବା ସହିତ ସେଠାରେ ଇନସୁଲୁଟେଡ ତାର ଟାଣିବାପାଇଁ ମଧ୍ୟ ଅର୍ଥ ଖର୍ଚ୍ଚ ହେଉଛି। ହାତୀଙ୍କ ଚଳ ପ୍ରଚଳକକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାଟ୍ ପାଇଁ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ତାଗିଦା କରାଯାଇଛି। ହାତୀ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ବାରମ୍ବାର ବୈଠକ ଅନୁଷ୍ଠିତ ହେବା ସହିତ ହାତୀମାନେ କିଭଳି ବିଦ୍ୟୁତ୍ ତାର ସଂସ୍ପର୍ଶରେ ନଆସିବେ ସେଥିପାଇଁ ପଦକ୍ଷେପ ନିଆଯାଉଥିବା କଥା ଦର୍ଶାଯାଉଥିଲେ ବି ହାତୀ ମୃତ୍ୟୁରେ ରୋକ୍ ଲାଗି ପାରୁନାହିଁ। ଶିକାରୀମାନଙ୍କ ସହିତ ଗାଁ ଗହଳର ଲୋକେ ବି ବିଦ୍ୟୁତ୍ ଆଘାତ ଦେଇ ହାତୀମାନଙ୍କୁ ମାରୁଥିବା କେତେକ ସ୍ଥାନରେ ଲକ୍ଷ୍ୟ କରାଯାଉଛି। ଅପ୍ରାକୃତିକଭାବେ ମୃତ୍ୟୁ ବରଣ କରିଥିବା ହାତୀମାନଙ୍କ ପାଇଁ ୯୩ ଜଣଙ୍କୁ ଗିରଫ ସହିତ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ମଧ୍ୟରେ କିଛି ଶିକାରୀ ରହିଥିବାବେଳେ ବିଭିନ୍ନ ଉପାୟରେ ହାତୀଙ୍କୁ ମାରୁଥିବା ଲୋକେ ବି ରହିଛନ୍ତି। ହାତୀ ମୃତ୍ୟୁକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉଦବେଗ ପ୍ରକାଶ କରୁଥିବାବେଳେ ରାଜ୍ୟରେ ଏତେ ସଂଖ୍ୟକ ହାତୀ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିବା ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇ ଦେଇଛି। ତୁରନ୍ତ ଏହାର ପ୍ରତିକାର କରାନଗଲେ ହାତୀମାନେ ଯେଭଳି ଜଙ୍ଗଲ ଛାଡି ଗାଁ ମୁହାଁ ହେଉଛି ସେଥିଯୋଗୁଁ ଆହୁରି ଅଧିକ ହାତୀ ବିଦ୍ୟୁତ ଆଘାତରେ ମରିବେ ବୋଲି ପଶୁ ସୁରକ୍ଷା କର୍ମୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

## ଅସ୍ତ୍ରୋପଚାର ପରେ ୧୭ ମହିଳା ତଳେ ଶୋଇବା ଘଟଣା : ତଦନ୍ତ ଆରମ୍ଭ

ପାରାଦୀପ ,( ଜି ପ୍ର ): ଗତ ୧୮ ତାରିଖ ଦିନ ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିଅନ୍ତ୍ରଣ ଅସ୍ତ୍ରୋପଚାର ପରେ ୧୭ ଜଣ ମହିଳାଙ୍କୁ ତଳେ ଶୁଣାଇବା ଘଟଣା ଗଣମାଧ୍ୟମରେ ପ୍ରକାଶ ହେବାପରେ ଡାକ୍ତରଖାନାର ମୁଖ୍ୟଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଏହାର ଚାରିଦିନ ପରେ ନୋଟିସ ପାଇଥିବା ଅଧିକାରୀ ଡାକ୍ତରଖାନାର ଦୁଇଜଣ କର୍ମଚାରୀଙ୍କୁ ଓ୍ୱାର୍ଣ୍ଣିଙ୍ଗ ନୋଟିସ ଜାରି କାରିଥିଲେ। ଆଜି ଉକ୍ତ ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ପ୍ରମୋଦ କୁମାର ବାରିକଙ୍କ ସମେତ ଚାରିଜଣ ଅଧିକାରୀ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ତନାଘନା ଆରମ୍ଭ କରିଛନ୍ତି। ଡାକ୍ତରଖାନାରେ ଶଯ୍ୟା ୮ଟି ଖାଲି ଥାଇ କଣ ପାଇଁ ଅସ୍ତ୍ରୋପଚାର ପରେ ମହିଳା ମାନଙ୍କୁ ତଳେ ଶୋଇବା ଦିଆଗଲା ଓ ଦାୟିତ୍ୱରେ ଥିବା କର୍ମଚାରୀ ମାନେ କଣ ଦାଇତ୍ୱ ତୁଲାଉଥିଲେ ତାହା ପ୍ରଶ୍ନ କରିଛନ୍ତି। କିନ୍ତୁ ଏହି ଘଟଣାରୁ ମୁକୁଳିବା ପାଇଁ ଏଫସିଏମ ଆଇରନ ଆଳରେ ଖସିବାକୁ ଯୋଜନା କରାଯାଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡିଛି। କିଛି ରୋଗୀଙ୍କୁ ବିନା ଆଡ଼ମିସନରେ ଏଫସିଏମ ଆଇରନ ଇଂଜେକସନ ଓ ସାଲାଇନ ଶଯ୍ୟାରେ ଶୁଆଇ ଦିଆଯାଉଥିବା ତଦନ୍ତକାରୀ ଅଧିକାରୀ ମାନଙ୍କୁ ସଫେଇ ଦେଇଛନ୍ତି ଡାକ୍ତରଖାନାର କିଛି କର୍ମଚାରୀ ବୋଲି ଚର୍ଚ୍ଚା ହେଉଛି। ଦାୟିତ୍ୱରେ ଥିବା କିଛି କର୍ମଚାରୀ ମାନଙ୍କୁ ମୁଖ୍ୟ ଅଧିକାରୀ ଉକ୍ତ ଦିନ ଟ୍ରେନିଂ ପାଇଁ ଅନୁମତି ଦେବା ଓ ଛୁଟିଦେବା ଘଟଣା ତଦନ୍ତ ସମୟରେ ସାମ୍ନାକୁ ଆସିଥିବା ବେଳେ ଏପରି ଭୁଲ ଆଉ ଆଗକୁ ପୁନରାବୃତି ହେବନାହିଁ ବୋଲି ଅନେକ ତଦନ୍ତକାରୀ ଅଧିକାରୀ ମାନଙ୍କୁ କହିଥିବା ଶୁଣିବାକୁ ମିଳୁଛି।

## ମହିଳା ଓ ଶିଶୁ ବିକାଶ କମିଶନରଙ୍କ ପୃଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ

କେନ୍ଦ୍ରାପଡ଼ା, (ସବ୍ୟ): ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼.ମୃଣାଳିନୀ ଦାରସ୍ୱାଲ କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଥିବା ପୃଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପୁନର୍ବାସ କେନ୍ଦ୍ରରେ ଥିବା ସମସ୍ତ ମା ମାନଙ୍କୁ ସେମାନଙ୍କ ଶିଶୁର ସ୍ୱାସ୍ଥ୍ୟ କଥା ପଚାରି ବୁଝିଛନ୍ତି। ଶିଶୁଙ୍କ ଉତ୍ତମ ଯନି ନେବାକୁ କମିଶନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ମା ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ କଥା ବୁଝିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ବୁଝିଛନ୍ତି। କମିଶନର ବିଭାଗୀୟ ଅଧିକାରୀଙ୍କୁ କିପରି ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ଯୋଜନା ର ସୁଫଳ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ କମିଶନର ୱାନ ଷ୍ଟପ ସେଣ୍ଟର (ସଖି) ପରିଦର୍ଶନ କରି ବିଭିନ୍ନ ସଂକ୍ରାନ୍ତରେ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି।

DSPL- 15001/3/2526



ଓଡ଼ିଶା ସରକାର

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୭ ଫେବୃଆରୀ, ୨୦୨୬

ସକାଳ ଘ. ୮. ୩୦ ମିନିଟ୍ ସମୟରେ ଆଚାର୍ଯ୍ୟ ବିହାର, ଭୁବନେଶ୍ୱରସ୍ଥିତ ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି
ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ବାବୁ ସିଂ, ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ
ଶ୍ରୀଯୁକ୍ତ ଆଶ୍ରିତ ପଟ୍ଟନାୟକ, ବିଧାୟକ, ପିପିଲି

ମୁଖ୍ୟବକ୍ତା
ଡ. ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ

ଆଚାର୍ଯ୍ୟ ବିହାର ପରିଷଦ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଆଚାର୍ଯ୍ୟ ବିହାର ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/15001/2/25-26/0003

## ସିମେଣ୍ଟ ବୋଝେଇ ହାଇୱା ଦୁର୍ଘଟଣା, ଚାଳକ ଆହତ

ପାଣିକୋଇଲି,(ସବ୍ୟ) :ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭାରସମ୍ୟ ହରାଇ ଏକ ସିମେଂଟ ବୋଝେଇ ହାଇଓ୍ୱା ଦୁର୍ଘଟଣା ହୋଇଥିବା ବେଳେ ଚାଳକ ଆହତ ହୋଇଛି। ପ୍ରକାଶଯେ କଟକ ଟାଂଗିରୁ ସିମେଟ ବୋଝେଇ କରି ଏକ ଟ୍ରକ (ଓଡି୦୫କେ୦୨୫୫) ବାରିପଦା ଅଭିମୁଖେ ଯାଉଥିଲା। ଜାତୀୟ ରାଜପଥର ସାହାପୁର ଟ୍ରକ ଟର୍ମିନାଲ ନିକଟରେ ଉକ୍ତ ହାଇଓ୍ୱାଟି ଭାରସାମ୍ୟ ହରାଇ ଟ୍ରକ ଟର୍ମିନାଲର ଗଛ ଉପରେ ଚଢି ଡିଭାଇଡରରେ ଚଢିଯାଇଥିଲା। ଫଳରେ ଚାଳକ ଯାଜପୁରରୋଡ ଅଂଚଳର ତୁଫାନ ସ୍ୱାଇଁ ଆହତ ହୋଇଥିଲେ। ଖବରପାଇ ରାଜପଥ ପେଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ପହଂଚି ଆହତ ଚାଳକଙ୍କୁ ପ୍ରାଥମିକ ଚିକିତ୍ସା କରାଇଥିଲେ। ହାଇଡ୍ରା ମାଧ୍ୟମରେ ଗାଡିଟି ବାହାର କରାଯାଇଥିଲା। ଫଳରେ ପ୍ରାୟ ୧ଘଂଟା ଗାଡିଚଳା ସ୍ୱାଭାବିକ ହୋଇପାରିନଥିଲା।

## ଶିବୁନା ପଲେଇ ବୋମାମାଡ ଘଟଣାରେ ୪ ଗିରଫ

ପୁରୀ, (ସବ୍ୟ): ଗତ ୧୦ ତାରିଖ ଦିନ ବଳିଆ ପଣ୍ଡା ଲାଇଟ୍ ହାଉସ ଛକ ନିକଟରେ ଥିବା ହୋଟେଲ ସ୍ୱପ୍ନ ଇନ୍ ସମ୍ମୁଖରେ ଶିବୁନା



ପଲେଇଙ୍କ ଉପରେ ହୋଇ ଥିବା ବୋମା ମାଡ ଘଟଣାରେ ବଳିପଣ୍ଡା ଥାନା ପୋଲିସ ଗୁରୁବାର ଦିନ ଚାରି ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧ ମହାବୀର ଅଟକଳ ଲେନର ବିଶାଲ ଓରଫ ଓମ୍ ପାତ୍ର ଓରଫ ବିଷ୍ଣୁ ପାତ୍ର (୨୨), ବଳିଆପଣ୍ଡ ପଣ୍ଡା ଥାନା ଅନ୍ତର୍ଗତ ବିଜୟ ନଗର ବସ୍ତିର ପିଣ୍ଟୁ ଓରଫ ସମୀର ସାମନ୍ତରାୟ (୩୩), ବିଜୟ ନଗର ବସ୍ତିର ଟିମା ଓରଫ ସଞ୍ଜୟ ସରକାର (୨୪) ଓ ଡେଲାଙ୍ଗ ଥାନା ଅନ୍ତର୍ଗତ ଗଡକାଲୁପଡ଼ା ଗ୍ରାମର ପ୍ରିୟବ୍ରତ ଜେନା(୨୯)। ସିଟି ଡିଏସପି ରଶ୍ମି ରଂଜନ ମହାପାତ୍ରଙ୍କ ସୂଚନା ମୁତାବକ ଏହି ବୋମା ମାଡ ଘଟଣା ମୁଖ୍ୟତଃ ହୋଟେଲ ବ୍ୟବସାୟ ଓ ଶତ୍ରୁତାକୁ କେନ୍ଦ୍ରକରି ଘଟିଛି। ୧୦ ତାରିଖ ରାତ୍ର ୧୦ ଟା ସମୟରେ ଗୌଡ଼ବାଡ ସାହିର ଶିବୁନା ତାଙ୍କ ହୋଟେଲ ସ୍ୱପ୍ନ ଇନ୍ ସମ୍ମୁଖରେ ଛିଡ଼ା ହୋଇ ଥିବା ବେଳେ ଲୋକନାଥ ରୋଡ ଆଡୁ ଏକ ସ୍କୁଟିରେ ଦୁଇ ଜଣ ଅଜଣା ଯୁବକ ଦୃତ୍ ଗତିରେ ଆସି ଜୀବନରେ ମାରି ଦେବା ଉଦ୍ଧେଶ୍ୟରେ ତାଙ୍କ ଉପରକୁ ଲକ୍ଷ କରି ୩ ଗୋଟି ବୋମା ମାଡ କରି ଥିଲେ। ଏହା ପରେ ସେମାନେ ଘଟଣା ସ୍ଥଳରୁ ଫେରାର ହୋଇ ଯାଇ ଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲା। ଶିବୁନାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ପୋଲିସ ଆଜି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବଳିଆପଣ୍ଡା ଥାନା ଆଇଆଇସି ସୁନିଲ ଯାଦବ ମାମଲାର ତଦନ୍ତ କରିଛନ୍ତି।

## ସ୍ତ୍ରୀ ମୃତ୍ୟୁର ୨୫ ଦିନରେ ସ୍ୱାମୀ ମୃତ

ବାଲିପାଟଣା , (ସବ୍ୟ): ସ୍ୱାମୀ ସ୍ତ୍ରୀ ର ସମ୍ପର୍କ ଏକ ନୈସର୍ଗିକ ବନ୍ଧନ ।ସମ୍ପର୍କକୁ ଅତୁଟ ରଖୁଥିବା ଦମ୍ପତି ଜୀବନର ସମସ୍ତ ସୁଖ ଲାଭ କରି ଅନ୍ୟ ମାନଙ୍କ ପାଇଁ ଆଦର୍ଶ ହୋଇଥାନ୍ତି । ବଳଭଦ୍ରପୁର ଗ୍ରାମ ରେ ଏହିଭଳି ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ।ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶରତ ବାଳା ଦେଇ ଓ ରାଜସ୍ୱ ବିଭାଗ ରେ କାର୍ଯ୍ୟକରି ଅବସର ନେଇଥିବା ବଂଶୀଧର ପାଇଟିଆଲଙ୍କ ଦାମ୍ପତ୍ୟ ଜୀବନ ନିଶ୍ଚିତ ଭାବରେ ସୁଖମୟ ଥିଲା ।ଦୁଇ ପୁଅ ଓ ଗୋଟିଏ ଝିଅ ସମସ୍ତଙ୍କୁ ବାହାଘର କରିସାରି ପୁଅ ବୋହୂ ନାତି ନାତୁଣୀଙ୍କୁ ନେଇ ତାଙ୍କର ହସ ଖୁସିର ସଂସାର । କିନ୍ତୁ ଗତ ୩୧ ତାରିଖ ଅପରାହ୍ନରେ ସ୍ତ୍ରୀ ଶରତ ବାଳାଙ୍କର ହଠାତ ମଢତ୍ୟୁ ଘଟିଥିଲା ।ତାଙ୍କର ସୁଦ୍ଧକ୍ରୀୟା ନଗଦ ସମାପ୍ତ ହେଉ ହେଉ ଗୁରୁବାର ସକାଳେ ସ୍ୱାମୀ ବଂଶୀଧରଙ୍କର ପରଲୋକ ଘଟିଛି ।ଏହି ଘଟଣା ଗ୍ରାମରେ ଆଲୋଚ୍ୟ ବିଷୟବସ୍ତୁ ହୋଇଛି ।

## ପୁରୀ ଅଟୋ ଟୋଟୋ ମିଳିତ ମହାମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ



ପୁରୀ, (ସବ୍ୟୁ): ସ୍ଥାନୀୟଭୋଲାନାଥ ବିଦ୍ୟାପୀଠ ପରିସରରେ ପୁରୀ ଅଟୋ ଟୋଟୋ ମିଳିତ ମହାମଞ୍ଚ ପକ୍ଷରୁ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ପୁରୀ ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ଚଣ୍ଡୀ ପ୍ରସାଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ। ସମ୍ମାନ ନିତ ଅତିଥି ଭାବେ ପୁରୀ ବାର ସୋସିଏସନ୍ ର ସାଧାରଣ ସମ୍ପାଦକ ତଥା ମହାମଞ୍ଚର କାର୍ଯ୍ୟକାରୀ ସଭାପତି ଆଡଭୋକେଡ ଶରତ ଚନ୍ଦ୍ର ରାୟଗୁରୁ , ବରିଷ୍ଠ ସାମ୍ବାଦିକ ତଥା ସମୟ ଜିଲ୍ଲା ପ୍ରତିନିଧି ବିଶ୍ୱଜିତ୍ ପଟ୍ଟନାୟକ, ଆମ ଆଦମୀ ପାର୍ଟିର ପୁରୀ ସଭାପତି ସଞ୍ଜୀବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ମହା ମଞ୍ଚ ସଭାପତି ପ୍ରମୋଦ ଜେନା କାର୍ଯ୍ୟ କ୍ରମ ପରିଚାଳନା କରି ଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଘ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଏହି ଉତ୍ସବରେ ମହାସଂଘର ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ଅସ୍ତରଙ୍ଗ (ସବ୍ୟୁ): ବୁଧବାର ପ୍ରାତଃ ରୁ ଜଣେ ବୃଦ୍ଧଙ୍କ ମୃତଦେହ ଡମଶୁଣ ସ୍ଥିତ ଲୁଣାପାଟ ନିକଟ ଏକ ଚୁଆ ରେ ମୁହଁ ମାଡି ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇବା ପରେ ଏହି ଘଟଣା ସମ୍ପର୍କରେ ନୂଆଗଡ ସାମୁଦ୍ରିକ ଥାନା ପୁଲିସ କୁ ସୂଚନା ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଂଚି ବୃଦ୍ଧଙ୍କ ମୃତଦେହ କୁ ଜବତ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଛି । ମୃତ ବୃଦ୍ଧ ଜଣକ ହେଲେ ବିଦ୍ୟାଧର ମହାନ୍ତି (୮୫) । ସେ ଜଗତସିଂହପୁର ଜିଲ୍ଲା ମାଛଗାଁ ଓଚିନ୍ଦା ଗ୍ରାମର ବାସିନ୍ଦା ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନା ଅଧୀନ ଝାଡ଼ଲିଙ୍ଗ ପଞ୍ଚାୟତ ଡମଶୁଣ ନିକଟ ଲୁଣାପାଟ ଏକ ବନ୍ଧ ନିକଟରେ ବୁଧବାର ସକାଳୁ ପାଣି ଭିତରେ ମୁହଁ ମାଡି ପଡ଼ିଥିଲେ । ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଖବର ପାଇବା ପରେ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ ପରେ ଜଣାପଡିଥିଲା ମୃତ ବୃଦ୍ଧ ଜଣକ ବିଦ୍ୟାଧର ମହାନ୍ତି । ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ ହେବ ଖଣ୍ଡିବେଲାରୀ ଗ୍ରାମର କୈଳାଶ ବିଶ୍ୱାଳ ଙ୍କ ଘରେ ରହୁଥିଲେ । କିନ୍ତୁ ଅଚାନକ ବୃଦ୍ଧ ଜଣକ ମଙ୍ଗଳବାର ସନ୍ଧ୍ୟାରେ ଏକ ବ୍ୟାଗ ଧରି ଘରୁଆସିଥିଲେ ।

## ଘରେ କେହି ନ ଥିବାର ସୁଯୋଗ ନେଇ କଳାକନା ବୁଲାଇଲେ ଦୁର୍ବୃତ୍ତ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଉପଖଣ୍ଡ ରଙ୍ଗାମାଟିଆ ଛକ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଜନୈକ ବ୍ୟକ୍ତିଙ୍କ ଘରୁ ସ୍ୱଷ୍ଟ ଦିବାଲୋକରେ ଘରେ କେହି ନ ଥିବାର ସୁଯୋଗ ନେଇ ନଗଦ ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଏବଂ ରୂପା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ । ପ୍ରାପ୍ତ ସୂଚନା ଅନୁଯାଇ ବୈଶିଙ୍ଗା ଥାନା ରଙ୍ଗାମାଟିଆ ଛକ ନିକଟରେ ଥିବା ବିଶିଷ୍ଟ ସମାଜସେବୀ ଇନ୍ଦ୍ରମଣି ମହାପାତ୍ର ଆଜି ଗୁରୁବାର ସକାଳ ୮ ସମୟରେ ପରିବାର ବର୍ଗ ସହ ବୈଶିଙ୍ଗା ଅଞ୍ଚଳର ନିଜର ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଘରେ ତାଲା ମାରି ଯାଇଥିଲେ । କାର୍ଯ୍ୟ ସାରି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ଘରକୁ ଫେରି ଦେଖିବାକୁ ପାଇଥିଲେ କି କେହି ଦୁର୍ବୃତ୍ତ ଘର ମୁଖ୍ୟ କବାଟ ତାଲା ଭାଙ୍ଗି ଭିତରେ ପଶି ଶୋଇବା ଘର ଗୁଡିକରେ ଥିବା ଏକାଧିକ ଗଡ଼ରେଜ ତାଲା ଭଙ୍ଗା ଯାଇଛି । ଏହା ସହ ପାଖାପାଖି ନଗଦ ୫୦ ହଜାର ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର



ସୁନାରୂପା ଅଳଙ୍କାର ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ । ଶ୍ରୀଯୁକ୍ତ ମହାପାତ୍ର ସଙ୍ଗେ ସଙ୍ଗେ ବୈଶିଙ୍ଗା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ କରିଥିଲେ । ଏ ନେଇ ଶ୍ରୀଯୁକ୍ତ ମହାପାତ୍ର ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଏହାକୁ ଭିତ୍ତି କରି ୯୬/୨୬ର ଏକ ମାମଲା ରୁଜୁ କରାଯାଇ ସନ୍ଧ୍ୟା ସମୟରେ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛି ବୈଶିଙ୍ଗା ପୁଲିସ । ଏହି ଘଟଣାକୁ ନେଇ ଆସନ୍ତାକାଲି ସାଇଣ୍ଟିଫିକ ଦଳ ମଧ୍ୟ ଅନୁଧ୍ୟାନ କରିବ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ସରୋଜ କୁମାର ଜେନା ପ୍ରକାଶ କରିଛନ୍ତି।

## ତିନି ମହଲାରୁ ପଡ଼ି ଯୁବକ ମୃତ

କଣ୍ଟାପଡ଼ା, (ସବ୍ୟୁ):କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏକ ତିନି ମହଲା ଘର ଉପରୁ ତଳଖୁ ଖସିପଡ଼ି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ସୁଦୂର ଆସାମ ପ୍ରଦେଶ ଅନ୍ତର୍ଗତ ମୋରିଗାଁ ଅଞ୍ଚଳର ରୋହନ କାକୋଟି (୨୯) । ଓଲଟପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇବା ସହିତ ଘଟଣାର ତଦନ୍ତ ଚଳାଇଛି । ଖବର ନେବାରେ ଜଣାଯାଇଛି ଯେ, ରୋହନ ଓଲଟପୁରସ୍ଥିତ କବିତା କମ୍ପ୍ଲେକ୍ସରେ ଭଡ଼ାରେ ରହି ନିଜସ୍ୱ ଉଦମରେ ଫିଜିଓଥେରାପି ଶିକ୍ଷା ଦେଉଥିଲେ । ତେବେ ଗୁରୁବାର ଦିନ ହଠାତ ଉକ୍ତ କୋଠାର ତିନି ମହଲାରୁ ସେ ତଳକୁ ଖସି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ାଙ୍କ ସମେତ କଟକ ସଦର ଏସଡ଼ିପିଓ ବିଜୟକୁମାର ମଲିକ, ଅନ ପୁଲିସ କର୍ମଚାରୀ ଓ ସାଇଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତେବେ ସେ କେଉଁ ପରିସ୍ଥିତିରେ ଏଭଳି ଅପ୍ରତାଶିତ ଢଙ୍ଗରେ ତଳକୁ ଖସିପଡ଼ି ମୃତ୍ୟୁବରଣ କଲେ ସେ ବିଷୟରେ ତୁରନ୍ତ କୌଣସି ସୂଚନା ମିଳିନାହିଁ । ଅପରପକ୍ଷରେ ମୃତ ରୋହନଙ୍କ ପରିବାର ଏଠାରେ ପହଞ୍ଚିବା ପରେ ଅଧିକ ତଥ ସାମନାକୁ ଆସିବବୋଲି ପୁଲିସ କହିଛି । ରିପୋର୍ଟ ଲେଖା ହେବା ସମୟରେ ଏ ସଂକ୍ରାନ୍ତରେ ରିପୋର୍ଟ ଏବଂ ପରିବାର ପକ୍ଷରୁ ଦାୟର ହେବାକୁ ଥିବା ଏତଲା ଆଧାରରେ ତଦନ୍ତ ଆଗକୁ ବଢ଼ିବ ଏବଂ ଏହାପରେ ମୃତ୍ୟୁର ପ୍ରକୃତ କାରଣ ସ୍ୱଷ୍ଟ ହୋଇଯିବବୋଲି ପୁଲିସ ଓ ସାଇଫିଂକ ଟିମର ଅଧିକାରୀ ଗଣମାଧମକୁ ସୂଚନା ଦେଇଛନ୍ତି ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ
## ବାଲିପାଟଣା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



ଖୋର୍ଦ୍ଧା, (ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଅଚାନକ ବାଲିପାଟଣା ସ୍ଥିତ ପଂଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ ବିଦ୍ୟାଳୟରେ ବାଳିକା ମାନେ ବ୍ୟବହାର କରୁଥିବା ଶୌଚାଳୟ, ଶୁଦ୍ଧ ପାନୀୟ ଜଳ ର ଉତ୍ସ, ରୋଷେଇ ଘର ଇତ୍ୟାଦି ତନଖି କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ କିପରି ନିଜର ମନବଳ ଦୃଢ଼ କରି ଆଗକୁ ବଢ଼ିବେ ଏବଂ ଆତ୍ମ ସୁରକ୍ଷା ତଥା ଝିଅମାନଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପ୍ରଦତ ବିଭିନ୍ନ ଆଇନ ଯଥା କିଶୋର ନ୍ୟାୟ ଆଇନ ୨୦୧୫, ବାଲ୍ୟ ବିବାହ ଆଇନ ତଥା ପୋକ୍ସୋ ଆଇନ ଉପରେ ଛାତ୍ରୀମାନଙ୍କ ମଧ୍ୟରେ ସଚେତନ କରାଇଥିଲେ। କୌଣସି ପରିସ୍ଥିତିରେ ଯଦି ଶିଶୁମାନେ ଅସୁରକ୍ଷିତ ମନେ କରନ୍ତି। ଶିଶୁ ସହାୟତା ଟୋଲ୍ ଫ୍ରି ନମ୍ବର ୧୦୯୮ ଏବଂ ପୁଲିସ୍ ସହାୟତା ନମ୍ବର ୧୧୨ ସହିତ ଯୋଗାଯୋଗ କରିବା ପାଇଁ ସମସ୍ତ ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ଆଇନ ତଥା ପ୍ରୋବସନ ଅଧିକାରୀ ସୌମେନ୍ଦ୍ର ନାୟକ, ୟୁନିଟ୍ ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ ପ୍ରମୁଖ ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ସୁନିଲ କୁମାର ପଣ୍ଡା, ଉମା ସାହୁ ଏବଂ ବରିଷ୍ଠ କିରାଣୀ ସୁକାନ୍ତ କିଶୋର ରାୟ ପ୍ରମୁଖ ସହଯୋଗ କରିଥିଲେ।

## ରୌଦ୍ର ତାପ ମୁକାବିଲା ଜନିତ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, (ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରେ ଗ୍ରୀଷ୍ମ ପ୍ରବାହ ତଥା ରୌଦ୍ର ତାପ କୁ ସମ୍ପୂର୍ଣ୍ଣ ଭାବେ ମୁକାବିଲା କରାଯାଇ ସମସ୍ତ ଧନ ଜୀବନ ପ୍ରତ୍ୟେକ ପ୍ରାଣୀ, ତଥା ମନୁଷ୍ୟ, ପଶୁ ଓ ପକ୍ଷୀ ମାନଙ୍କୁ ସୁରକ୍ଷା ପ୍ରଦାନ କରି ଶୂନ୍ୟ ମୃତ୍ୟୁହାର ବଜାୟ ରଖିବା ଦିଗରେ ଅଧ୍ୟକ୍ଷ ବୈଠକରେ ବିସ୍ତୃତ ଆଲୋଚନା କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ପ୍ରମୁଖ ଯୋଗ ଦେଇଥିବା ଆଭାଷିରେ ବି ଡି ଓ, ତହସିଲଦାର ମାନେ ଯୋଗ ଦେଇଥିଲେ।

ବୈଠକରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ବିଭାଗ ପକ୍ଷରୁ ଆସିଥିବା ବିଭିନ୍ନ ଆଶୁ ପଦକ୍ଷେପ ଗ୍ରହଣ ଦିଗରେ ଅଧିକାରୀ ମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜନସାଧାରଣ ମାନେ ରୌଦ୍ର ତାପରୁ ସୁରକ୍ଷା ନିମନ୍ତେ ଅସୁରକ୍ଷିତ ଗୋଷ୍ଠୀ ମାନଙ୍କ ଚିହ୍ନଟ କରଣ, ପାନୀୟ ଜଳ ଯୋଗାଣ, ଜଳଛତ୍ର କେନ୍ଦ୍ର ଖୋଲିବା, ଅସୁରକ୍ଷିତ ଲୋମାନଙ୍କ ନିମନ୍ତେ ଦିନବେଳା ରୌଦ୍ରତାପରୁ ସୁରକ୍ଷା ଦେବା ନିମନ୍ତେ ଆଶ୍ରୟ ସ୍ଥଳୀ ଯୋଗାଇଦେବା, ଗାଈଗୋରୁ ମାନଙ୍କୁ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଜଳକୁଣ୍ଡ ନିର୍ମାଣ କରିବା, ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବିଶୁଦ୍ଧ ୨୪ ଘଂଟିଆ ଜଳ ଯୋଗାଣ, ସ୍କୁଲ ମାନଙ୍କରେ ଥିବା ଅଚଳ ନଳ କୂପ ଗୁଡ଼ିକୁ ଯୁଧକାଳୀନ ଭିତିରେ ସଚଳ କରିବା, ପର୍ଯ୍ୟାପ୍ତ ପରିମାଣର ଓ ଆର ଏସ ପ୍ୟାକେଟ ମହଜୁଦ ରଖିବା, ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପାନୀୟଜଳ, ଓଆରଏସ ପ୍ୟାକେଟ ରଖିବା ସହ ଯେଭଳି ପ୍ରତ୍ୟେକ ଆଶା ଦିଦି ଏବଂ ଅଙ୍ଗନୱାଡ଼ି କର୍ମୀ ମାନେ ଓ ଆର ଏସ, ଜୀବନ ରକ୍ଷାକାରୀ ଔଷଧ, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱତନ୍ତ୍ର ଅଂଶୁଘାତ ବେଡ ରଖିବା, ଇଏସଆଇ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସାଧାରଣ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ପ୍ରଶାସନକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବିଶିଷ୍ଟ କଳାକାର ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗରେ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପାରମ୍ପରିକ ଲୋକକଳା 'ଚଇତି ଘୋଡ଼ା ନାଚ'କୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ବିଶିଷ୍ଟ କଳାକାର 'ପଦ୍ମଶ୍ରୀ' ଉତ୍ସବ ଚରଣ ଦାସଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ, ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ । ନିଜର ନିଖୁଣ ଅଭିନୟ, ଗୀତିକବିତା ଏବଂ ନିର୍ଦ୍ଦେଶନା ମାଧ୍ୟମରେ ସେ ଓଡ଼ିଶାର ଲୋକସଂସ୍କୃତିକୁ ସମୃଦ୍ଧ କରିବାରେ ଯେଉଁ ଅବଦାନ ରଖିଛନ୍ତି, ତାହା ଅତୁଳନୀୟ। ତାଙ୍କର ଆବର୍ତ୍ତମାନରେ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଓଡ଼ିଶାର ଲୋକକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ତାଙ୍କର ସମର୍ପଣ ଆଗାମୀ ପିଢ଼ିର କଳାକାରମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ । ଶ୍ରୀ ପ୍ରଧାନ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

## ପିସିସି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତିଚାରଣ କରି ପିସିସି ସଭାପତି ଶ୍ରୀ ଦାସ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ ଯେ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳ ଜଣେ ସତ୍ୟନିଷ୍ଠ, ନିର୍ଭିକ ଓ ସାଲିସବିହିନ ରାଜନେତା ଥିଲେ । ସତ୍ୟକୁ ସେ ସର୍ବଦା ଗ୍ରହଣ କରୁଥିଲେ ଓ ସତ୍ୟ ପ୍ରକାଶ କରୁଥିଲେ । ସାମାଜିକ ନ୍ୟାୟ, ସମାଜର ଅବହେଳିତ ବର୍ଗର ଉନ୍ନତି ଓ ରାଜ୍ୟର ବିକାଶ କରିବା ଦିଗରେ ଶେଷ ଜୀବନ ପର୍ଯ୍ୟନ୍ତ ଚେଷ୍ଟିତ ଥିଲେ । ତାଙ୍କର ପଦାଙ୍କ ଅନୁକରଣ କରିବା ପାଇଁ ଯୁବପିଢ଼ୀ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ କଂଗ୍ରେସ ନେତୃବୃନ୍ଦ ଶ୍ରୀକାନ୍ତ ଜେନା, ବିଧାୟକ ପବିତ୍ର ସାଉଂଟା ଓ ମଙ୍ଗୁ ଖିଲ, କଂଗ୍ରେସ ନେତା ସନ୍ତୋଷସିଂ ସାଲୁଜା, ଶିବାନନ୍ଦ ରାୟ, ସୁରେଶ କୁମାର ରାଉତରାୟ, ସସ୍ମିତା ବେହେରା, ଲଲାଟେନ୍ଦୁ ମହାପାତ୍ର, ପ୍ରକାଶ ଜେନା ଓ ନିର୍ମଳ ନାୟକ ପ୍ରମୁଖ ସ୍ୱର୍ଗତ ବିଶ୍ୱାଳଙ୍କର ପ୍ରଭା ଓ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାକୁ ଅରବିନ୍ଦ ଦାସ ପରିଚାଳନା କରିଥିଲେ ଓ ଶେଷରେ ରଜନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜୟଦେବ ଜେନା, ଦେବାଶିଷ ପଟ୍ଟନାୟକ, ଅଭୟ ସାହୁ, କିଶୋର ଜେନା, ମାନସ ଆଚାର୍ଯ୍ୟ, ସିର୍ଦ୍ଧାଥ ସ୍ୱରୂପ ଦାଶ, ବାଙ୍କନିଧି ବେହେରା, ହଳଧର ସେଠୀ, କୃଷ୍ଣଚନ୍ଦ୍ର ବରାଳ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ଗଡ଼ଦେଉଳିଆରେ ଦ୍ୱିତୀୟ ବୃହତ ଗ୍ରୀଡ୍ ନିର୍ମାଣ
## ଓପିଟିସିଏଲ୍‌କୁ ପ୍ରସ୍ତାବିତ ଜମି ହସ୍ତାନ୍ତର ଚୂଡ଼ାନ୍ତ ପର୍ଯ୍ୟାୟରେ

ବେତନଟୀ, (ସବ୍ୟୁ): ଓଡିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିମିଟେଡ ( ଓପିଟିସିଏଲ) ପକ୍ଷରୁ ବେତନଟୀ ବ୍ଲକ ଅଧୀନ ଗଡଦେଉଳିଆ ଉପକଣ୍ଠ ଶ୍ରୀବସ୍ତପୁର ମୌଜାରେ ମୟୂରଭଞ୍ଜ ଜିଲ୍ଲାର ଦ୍‌ବିତୀୟ ତୀୟ ବୃହତ ଗ୍ରୀଡ ନିର୍ମ ନିର୍ମାଣ ନିମନ୍ତେ ଜମି ହସ୍ତାନ୍ତର ପ୍ରକ୍ରିୟା ବେତନଟୀ ତହସିଲ ପକ୍ଷରୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନା ମୁତାବକ ଓଡିଶା ସରକାରଙ୍କର ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିମିଟେଡ ପକ୍ଷରୁ ୪୦୦/ ୨୨୦ କିଲୋଭଲ୍ଟ, ଉଚ୍ଚ କ୍ଷମତାସମ୍ପନ୍ନ ମୟୂରଭଞ୍ଜର ଦ୍ୱିତୀୟ ବୃହତ ଗ୍ରୀଡ ସ୍ଥାପନ ପାଇଁ ନିଷ୍ପରି ଚୂଡାନ୍ତ ହେବାପରେ ଜମି ଗ୍ରହଣ ନିମନ୍ତେ ଜିଲ୍ଲାପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା। ତଦନୁଯାୟୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ବ୍ଲକ ତଥା ତହସିଲ ଅଧୀନ ଗଡଦେଉଳିଆ ଅଞ୍ଚଳକୁ ଚୟନ କରାଯାଇଥିଲା । ବେତନଟୀ ତହସିଲ ପକ୍ଷରୁ ଗଡଦେଉଳିଆ ଉପକଣ୍ଠ ଶ୍ରୀସ୍ୱବପୁର ମୌଜାରେ ଥିବା ଖାତା ନମ୍ବର ୪୧୪ ଏବଂ ପ୍ଲଟନଂ ୨୦୭ରେ ଥିବା ୩୭.୬୧ଏକର ଜମିକୁ ଚିହ୍ନଟ କରାଯାଇଛି। ଶ୍ରୀବସୂପୁର ମୌଜାରେ ଥିବା ଏହି ୩୭,୬୧ଏକର ଜମିକୁ ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ ଗ୍ରୀଡ ଗ୍ରୀଡ ସ୍ଥାପନ ପାଇଁ ଓପିଟିସିଏଲକୁ ହସ୍ତାନ୍ତର ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ବେତନଟୀ ତହସିଲ ପକ୍ଷରୁ ନୋଟିସକୁ ସାର୍ବଜନୀନ କରାଯାଇଛି। ଜିଲ୍ଲାର ଦ୍ୱିତୀୟ ବୃହତ ଗ୍ରୀଡ ସ୍ଥାପନ ପାଇଁ ଓପିଟିସିଏଲକୁ ଜମି ହସ୍ତାନ୍ତର ପ୍ରକ୍ରିୟା ଏକପ୍ରକାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଓପିଟିସିଏଲକୁ ଜମି ହସ୍ତାନ୍ତର ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବାକି ରହିଯାଇଥିବା ଆଉ କିଛି ପ୍ରକ୍ରିୟା ଚୂଡାନ୍ତ ହେବାପରେ ଜମି ହସ୍ତାନ୍ତର କରାଯିବ ବୋଲି ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ସୂଚନା ଦେଇଛନ୍ତି ।

### ବେଦାନ୍ତ ଏନ୍‌ସିଡି ମାଧ୍ୟମରେ ୩୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ
## ପାଣ୍ଠି ସଂଗ୍ରହ କରିବା ସହିତ ପୁଞ୍ଜି ଗଠନକୁ ଆହୁରି ମଜବୁତ କରିବ

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଲିମିଟେଡ୍ କହିଛି ଯେ ଏହାର ନିର୍ଦ୍ଦେଶକ କମିଟି ଏକ ପ୍ରାଇଭେଟ୍ ପ୍ଲେସମେଂଟ ଆଧାରରେ ଅଣ-ପରିବର୍ତ୍ତନୀୟ ଡିବେଂଚର ମାଧ୍ୟମରେ ୩,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ସଂଗ୍ରହକୁ ଅନୁମୋଦନ କରିଛି। ଏହି ପାଣ୍ଠି ସଂଗ୍ରହ ଋଣ ଖର୍ଚ୍ଚକୁ ଉନ୍ନତ କରିବା ସହିତ କମ୍ପାନୀର ପୁଞ୍ଜି ଗଠନକୁ ଆହୁରି ମଜବୁତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏକ ଏକ୍ସଚେଞ୍ଜ ଫାଇଲିଂରେ, କମ୍ପାନୀ କହିଛି ଯେ ଏହା ଟ.୧,୦୦,୦୦୦ ପ୍ରତ୍ୟେକର ମୁଦ୍ରା ମୂଲ୍ୟ ସହିତ ତିନି ଲକ୍ଷ ପର୍ଯ୍ୟନ୍ତ ଅସୁରକ୍ଷିତ, ମୂଲ୍ୟାଙ୍କିତ, ତାଲିକାଭୁକ୍ତ ଏବଂ ରିଡିମେବଲ୍ ଏନସିଡି ଜାରି କରିବ, ଯାହାର ମୋଟ ମୂଲ୍ୟ ୩,୦୦୦ କୋଟି ଟଙ୍କା ହେବ। ଏନସିଡି ଗୁଡ଼ିକ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବ। ଇୱାଇ ଉପକରଣ ଏବଂ ବଣ୍ଡର ପୂର୍ବ ପ୍ରକାଶନଗୁଡ଼ିକ ନିବେଶକଙ୍କ ଆଗ୍ରହକୁ ଆକର୍ଷଣ କରିଛି। ଅକ୍ଟୋବର ୨୦୨୫ ରେ, ୫୦୦ ନିୟୁତ ଡଲାର ବଣ୍ଡ ଇସ୍ୟୁ ତିନିଥର ଓଭର ସବ୍ସ୍କ୍ରାଇବ ହୋଇଥିଲା, ଯେତେବେଳେ ଗତ ବର୍ଷ ଜୁନରେ ଏକ ଏନସିଡି ଇସ୍ୟୁ ପ୍ରାୟ ୬୦% ପ୍ରତିଶତ ଓଭରସବ୍ସ୍କ୍ରାଇବ ହୋଇଥିଲା।

କମ୍ପାନୀ ଘରୋଇ ଏବଂ ଆନ୍ତର୍ଜାତୀୟ ଋଣ ବଜାରରେ ପ୍ରବେଶ ଜାରି ରଖିଛି। ଏନସିଡି ଏବଂ ବ୍ୟାଙ୍କ ପାଣ୍ଠି ସହାୟକ ରହିଥିବା ବେଳେ, ଅପଡେଟ୍ ହୋଇଥିବା ବାହ୍ୟ ବାଣିଜ୍ୟିକ ଋଣ (ଇସିବି) ନିୟମାବଳୀ ମଧ୍ୟ ପୁନଃଅର୍ଥ କାରବାରରେ ବିଦେଶୀ ଋଣଦାତାମାନଙ୍କଠାରୁ ଆଗ୍ରହ ଦେଖିଛି। ଘରୋଇ ଏନସିଡି, ବ୍ୟାଙ୍କ ଋଣ, ଇସିବି ଏବଂ ଆମେରିକୀୟ ଡଲାର ବଣ୍ଡ ମିଳିତ ଭାବରେ କମ୍ପାନୀ ପାଇଁ ଆର୍ଥିକ ନମନୀୟତା ଏବଂ ବାଲାନ୍ସ ସିଟ୍ ଶକ୍ତିକୁ ସମର୍ଥନ କରି ପୁଞ୍ଜିର ବିବିଧ ଉତ୍ସ ପ୍ରଦାନ କରେ। ଏହା ଏପରି ସମୟରେ ଆସିଛି ଯେତେବେଳେ ଗୋଷ୍ଠୀଟି ଧୀରେ ଧୀରେ ଏହାର ବାଲାନ୍ସ ସିଟ୍ ହ୍ରାସ କରୁଛି ଏବଂ ଏହାର ସାମଗ୍ରିକ ଋଣ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ଋଣ ପୁନଃଅର୍ଥ କରୁଛି। ଏକ ସାମ୍ପ୍ରତିକ ଏକ୍ସଚେଞ୍ଜ ଫାଇଲିଂ ଅନୁଯାୟୀ, ବେଦାନ୍ତ ଲିମିଟେଡର ନେଟଡେବଟ୍ / ଇବିଟା ୩କ୍ୟୁ ଆର୍ଥିକ ବର୍ଷ୨୫ ରେ ୧.୪୦ଏକ୍ସ ରୁ ବର୍ତ୍ତମାନ ୧.୨୩ଏକ୍ସ କୁ ଉନ୍ନତ ହୋଇଛି।

ବେଦାନ୍ତ ରିସୋର୍ସ ସ୍ତରରେ, ଅନୁପାତ ଆର୍ଥିକ ବର୍ଷ ୨୦ ରେ ୩.୩ ଗୁଣ ସ୍ତରରୁ ବର୍ତ୍ତମାନ ପ୍ରାୟ ୧.୯ ଗୁଣକୁ ବୃଦ୍ଧି ପାଇଛି। ନେଟ୍ ଋଣ-ଟୁ-ଇବିଟା ଅନୁପାତରେ ଉନ୍ନତି ବାଲାନ୍ସ ସିଟ୍ ସୁଦୃଢ଼ ହେବା ଏବଂ ପରିଚାଳନା ଆୟରୁ ଋଣ ପରିଶୋଧ କରିବାର କ୍ଷମତାକୁ ସୂଚିତ କରେ। ମୂଳ ବେଦାନ୍ତ ରିସୋର୍ସ (ବେଦାନ୍ତ ଲିମିଟେଡ୍ ବ୍ୟତୀତ) ରେ ନେଟ୍ ଋଣ ମଧ୍ୟ ମାର୍ଚ୍ଚ ୨୦୨୨ ରେ ପ୍ରାୟ ୮.୯ ବିଲିୟନ ଆମେରିକୀୟ ଡଲାରରୁ ହ୍ରାସ ପାଇ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ପ୍ରାୟ ୪.୮ ବିଲିୟନ ଆମେରିକୀୟ ଡଲାର ହୋଇଛି। ଉଚ୍ଚ ପରିମାଣ, ମୂଲ୍ୟ ଦକ୍ଷତା ଏବଂ ଅନୁକୂଳ ସାମଗ୍ରୀ ଧାରା ଦ୍ୱାରା ସମର୍ଥିତ ବ୍ୟବସାୟଗୁଡିକରେ ପରିଚାଳନା କାର୍ଯ୍ୟଦକ୍ଷତାରେ ଉନ୍ନତି ମଧ୍ୟରେ ନିରନ୍ତର ନିବେଶକଙ୍କ ଆଗ୍ରହ ଆସିଛି। ପ୍ରସ୍ତାବିତ ବିଚ୍ଛିନ୍ନତା, ଯାହା ସମାପ୍ତ ହେବାକୁ ଯାଉଛି, ବିଶ୍ଳେଷକମାନେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପାଇଁ ଏକ ଗଠନମୂଳକ ସକାରାତ୍ମକ ଭାବରେ ମଧ୍ୟ ଦେଖୁଛନ୍ତି। ଡିଲିଭରେଜିଂ ପଦକ୍ଷେପ ସହିତ ସମାନ୍ତରାଳ ଭାବରେ, ବେଦାନ୍ତ ଆଗାମୀ କିଛି ବର୍ଷ ମଧ୍ୟରେ ପୁଞ୍ଜି ବିନିଯୋଗରେ ପ୍ରାୟ ଟ.୪୦,୦୦୦ କୋଟି ଖର୍ଚ୍ଚ କରିବାକୁ ଯୋଜନା କରିଛି କାରଣ ଏହା ଏହାର ବଜାର ନେତୃତ୍ୱକୁ ସୁଦୃଢ଼ କରିବା, ଏହାର ଇବିଟାକୁ ପ୍ରାୟ ୧୦ ବିଲିୟନ ଡଲାରକୁ ବୃଦ୍ଧି କରିବା ଏବଂ ନିକଟ ଅବଧିରେ ୧୮% ଇବିଟା ଚକ୍ରବୃଦ୍ଧି ହାର ହାସଲ କରିବା ଲକ୍ଷ୍ୟ ରଖିଛି। ସେପ୍ଟେମ୍ବର ୨୦୨୫ ସୁଦ୍ଧା, କମ୍ପାନୀ ପ୍ରାୟ ୭୫,୦୦୦ କୋଟି ଟଙ୍କାର ମୋଟ ଅନୁମୋଦିତ ପୁଞ୍ଜି ବିନିଯୋଗରୁ ପ୍ରାୟ ୩୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛି, ବାକି ଅଂଶ ଆଗାମୀ କିଛି ବର୍ଷ ମଧ୍ୟରେ ଖର୍ଚ୍ଚ ହେବ। ଆଲୁମିନିୟମ, ଜିଙ୍କ୍, ତେଲ ଏବଂ ଗ୍ୟାସ୍, ଲୁହା ଖଣିଜ, ଇସ୍ପାତ ଏବଂ ଶକ୍ତି କ୍ଷେତ୍ରରେ ପ୍ରମୁଖ ପ୍ରକଳ୍ପଗୁଡ଼ିକ ଆଗାମୀ ଦୁଇଟି ଆର୍ଥିକ ବର୍ଷରେ କାର୍ଯ୍ୟକ୍ଷମ ହେବା ପାଇଁ ଯୋଜନା କରାଯାଇଛି।

## ସ୍ୱର୍ଣ୍ଣ ବିଜୟୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଡଃ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର (ସବ୍ୟୁ): ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆନ ସେପାକ ଟାକ୍ରାଓ ଚମ୍ପିୟାନସିପ୍‌ରେ ଭାରତୀୟ ମହିଳା ଓ ପୁରୁଷ ଦଳ ଭାଗ ନେଇଥିଲେ । ଏଥିରେ ଓଡିଶାର ଶ୍ରୀମାନ ଆକାଶ କୁମାର ରେଡ୍ଡୀ ସ୍ଥାନ ପାଇଥିଲେ । ପ୍ରତିଯୋଗୀତାରେ ଭାରତୀୟ ଦଳ ୩ଟି ସ୍‌ବର୍ଣ୍ଣ ପଦକ ହାସଲ କରିଥିଲେ । ଏଥିରେ ଓଡିଶା ପାଇଁ ଗୌରବ ଆଣିଥିବା ଶ୍ରୀମାନ ଆକାଶ କୁମାର ରେଡ୍ଡୀଙ୍କୁ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ମାନିତ କରିବା ସହ ଆଗାମୀ ଦିନରେ ସେପାକ୍ ଟାକ୍ରାଓ ଖେଳର ଓଡିଶାରେ ବହୁଳ ପ୍ରସାର ପାଇଁ ତାଙ୍କୁ ଉତ୍ସାହିତ କରିଛନ୍ତି । ଏହି ଉତ୍ସବରେ ରାଜ୍ୟ ସେପାକ ଟାକ୍ରାଓ କ୍ରୀଡା ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ ଉପସ୍ଥିତ ଥିଲେ ।

# ଅପରେସନ ସାଇବର କବଚ, ଜଣେ ଗିରଫ

ଛତ୍ରପୁର, (ସବ୍ୟୁ): ସାଇବର ଅପରାଧ୍ ବର୍ତ୍ତମାନ ସମାଜ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରିଛି । ଏହା କେବଳ ଜନସେଚତନା ହିଁ ରୋକିବାରେ ସଫଳ ହେବ । ଦୈନିକ କିଏ ନା କିଏ ସାଇବର ଠକେଇର ଶିକାର ହୋଇଥାନ୍ତି । ସାଇବର ଅପରାଧ୍ ଉପରେ ଲଗାମ ଲଗାଇବା ପାଇଁ ଓଡିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଛି ଅପରେସନ ସାଇବର କବଚ । ଏହି ଅବସରରେ ଗଞ୍ଜାମ ଏସପି ସୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସବୁ ଥାନା ପକ୍ଷରୁ ଏହି ଅପରେସନ ଜାରି ରହିଛି । ବେନାମୀ ବ୍ୟାଙ୍କ ଆକଉଂଟ (ମ୍ୟୁଲ ଆକଉଂଟ) ଖାତା ଖୋଲି ବେଆଇନ ଭାବେ ଟଙ୍କା କାରବାର କରାଯାଉଛି । ଜଣେ ବ୍ୟକ୍ତି ମଧ୍ୟସ୍ଥି ସାଜି ମ୍ୟୁଲ ଆକଉଣ୍ଟରେ କରି ବେନିୟମ ଭାବେ ଟଙ୍କା କାରବାର ହେଉଥିବା ନେଇ ଜଣକୁ ଗିରଫ କରିଛି ଛତ୍ରପୁର ପୁଲିସ । ଗିରଫ ଯୁବକ ଜଣକ ହେଲେ ପାତ୍ର ସାହିର ରୋହିତ ବେହେରା । ସେ ମଧ୍ୟସ୍ଥି ସାଜି କିଛି ବ୍ୟକ୍ତିଙ୍କ ନାମରେ ମ୍ୟୁଲ ଆକଉଣ୍ଟ ଖୋଲି ବେନିୟମ ଭାବେ ଟଙ୍କା କାରବାର କରୁଥିବା ପୁଲିସ ପକ୍ଷରୁ କୁହାଯାଇଛି । ସେ ଗୋଟି ମ୍ୟୁଲ ଆକଉଣ୍ଟ ଖୋଲିଲେ ମାଷ୍ଟର ମାଇଣ୍ଡ ଠାରୁ କିଛି ଟଙ୍କା ପାଇଥାଏ । ଏବଂ ଯେଉଁ ଖାତା ଖୋଲାଯାଇଥିବ ତାହାକୁ ମାଷ୍ଟର ମାଇଣ୍ଡ ପାଖକୁ ପଠାଯାଇଥାଏ । ତେବେ ଏହି ମ୍ୟୁଲ ଆକାଏଂଟର ଚେର କେଉଁ କେଉଁ ଯାଏଁ ଲମ୍ୱିଛି ଓ କେଉଁ ସାଇବର ଅପରାଧ୍ ପାଇଁ ଏସବୁ ଆକଉଂଟକୁ ବ୍ୟବହାର କରାଯାଇଛି ସେ ଦିଗରେ ଛତ୍ରପୁର ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ଗୋଟିଏ ମୋବାଇଲ ଫୋନ ମଧ୍ୟ ଜବତ ହୋଇଛି । କିଛି ବେକାର ଯୁବକ/ଯୁବତୀ ମାନଙ୍କୁ କିଛି ଆର୍ଥିକ ଲୋଭ ଦେଖାଇ ବ୍ୟାଙ୍କ ଖାତା ଖୋଲି ସେହି ଖାତା ଜରିଆରେ ବେଆଇନ ଟଙ୍କା କାରବାର ହୋଇଥାଏ । କିଛି ଦିନ ତଳେ ଛତ୍ରପୁର ପୁଲିସ ମଧ୍ୟ ୪ ଜଣକୁ ଗିରଫ କରି ଦୁଇ ପାସବୁକ ଜବତ କରିଥିବା ବେଳେ ଏହାର ମାଷ୍ଟର ମାଇଣ୍ଡ ଦିଲ୍ଲିରେ ରହୁଥିବା ବେଳେ ତାକୁ ଗିରଫ କରିପାରିନାହିଁ ।



## ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା

# ଘଟଣାର ତଦନ୍ତ କରିବେ ଏସଡ଼ିପିଓ : ଏସପି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଅଞ୍ଚଳର ଜଦଶମ ଶ୍ରେଣୀ ଛାତ୍ରୀ ଶ୍ରୀୟା ସାହୁ ଗତ ୨୧ ତାରିଖରେ ଆତ୍ମହତ୍ୟା କରିଥିଲେ । ପରୀକ୍ଷା କକ୍ଷରେ ଶ୍ରୀୟାଙ୍କୁ ଜଣେ ଶିକ୍ଷକ ମାନସିକ ଚାପ ପ୍ରୟୋଗ କରିବାରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ ତାଙ୍କ ବାପା କାଳିଆ ସାହୁ ଅଭିଯୋଗ କରିଥିଲେ । ପୋଲିସ ମୃତଦେହ ଜବତ କରି ପ୍ରଥମିକ ତଦନ୍ତରୁ ୪/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା । ତାଙ୍କୁ ନ୍ୟାୟ ନମିଳିବାରୁ ମୃତ ଛାତ୍ରୀଙ୍କ ପରିବାର ଲୋକ ଆଇନଜୀବୀ ପ୍ରଦୀପ କୁମାର ବେହେରାଙ୍କ ସହ ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ.ଙ୍କୁ ଭେଟିନ୍ୟାୟ ଭିକ୍ଷା କରିଥିଲେ । ଏନେଇ ଏସପି କହିଛନ୍ତି ଯେ, ଗୁରୁବାର ମୃତ ଛାତ୍ରୀଙ୍କ ପରିବାର ମୋଟେ ଭେଟି ଘଟଣାର ତଦନ୍ତ ସଠିକଭାବେ କରିବାକୁ ଅନୁରୋଧ କରିଥିଲେ । ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଜଣେ ଡ଼ିଏସପିଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିସହ ଥାନାଧିକାରୀ ମଧ୍ୟ ଘଟଣାରେ ଡ଼ିଏସପିଙ୍କୁ ସହଯୋଗ କରିବାକୁ କୁହାଯାଇଛି । ତଦନ୍ତରେ ଯଦି କୌଣସି ଶିକ୍ଷକଙ୍କ ତ୍ରୁଟି ଥିବା ଜଣାପଡିବ ତେବେ ଉକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଘଟଣାରୁ ପ୍ରକାଶ ଯେ, ଶ୍ରୀୟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପଢୁଥିଲେ । ଉକ୍ତ ସ୍କୁଲର ପରୀକ୍ଷା କେନ୍ଦ୍ର ଥିଲା ଭିଭିଗିଁରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ । ଶନିବାର ଇଂରାଜି ପରୀକ୍ଷା ଥିଲା । କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ । ରାତିରେ ପରିବାର ଲୋକେ ଖାଇବାକୁ ଡାକିଥିଲେ, କିନ୍ତୁ ଶ୍ରୀୟାଙ୍କ କୌଣସି ଉତ୍ତର ନମିଳିବାରୁ ପରିବାର ଲୋକେ କବାଟ ଖୋଲି ଭିତରକୁ ଯାଇଥିଲେ । ସେ ଝୁଲୁଥିବା ଦେଖି ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରୁ

# ସମ୍ମାନିତ ହେଲେ ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ

ବାରିପଦା, (ସବ୍ୟୁ) : ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସମର୍ପଣ ତରଫରୁ ପବିତ୍ର ପୁରୀଧାମ ଠାରେ ଏକ ବିରାଟ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶ ଓ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନିୟମିତ ରକ୍ତଦାତା ଓ ରକ୍ତଦାନ ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା । ବାରିପଦାର ନିୟମିତ ରକ୍ତଦାତା ଭାବରେ ଡଃ ନିରୋଜ କୁମାର ପୋଥାଳଙ୍କୁ ଅନୁଷ୍ଠାନ ତରଫରୁ ଚୟନ କରାଯାଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରୁ ମାନପତ୍ର ସହ ଉପଢୌକନ ଓ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଥିଲା । ପ୍ରକାଶ ଥାଉ କି ଡଃ ନିରୋଜ କୁମାର ପୋଥାଳ ଆଜିକୁ ୨୪ଥର କ୍ୟାନସର ଓ ବୋନମେରୋ ପୀଡ଼ିତ ରୋଗୀଙ୍କ ପାଇଁ ନିୟମିତ ପ୍ଲେଟଲେଟ ଦାନ ସହିତ ସମୁଦାୟ ୧୩୪ଥର ରକ୍ତଦାନ କରି ଥିବାରୁ ତାଙ୍କୁ ଏହି "ସେବାସମ୍ମାନରେ ସମ୍ମାନିତ କରାଯାଇଥିଲା। ସମର୍ପଣ ଅନୁଷ୍ଠାନର ସଭାପତି ଡ଼ଃ ଅଭିମନ୍ୟୁ ଭୂୟାଁଙ୍କ ସଭାପତିତ୍ୟରେ ସଭାକାର୍ଯ୍ୟ ହୋଇଥିବାବେଳେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୁରୀ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅଧ୍ୟକ୍ଷ ଡଃ ବଦ୍ରି ମିଶ୍ର, ସମ୍ପାଦିକା ଜୟନ୍ତୀ ମହାପାତ୍ର, ଆବାହକ ମଧୁସୂଦନ ମିଶ୍ର, ସଂଯୋଜକ ସୌମ୍ୟ ରଞ୍ଜନ ପାତ୍ର ଓ ଗୋବିନ୍ଦ ପାତ୍ର ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ । ଡଃ ନିରୋଜ ଏହି ସମ୍ମାନ ପାଇବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।



# ଦୁଇଟି ସଡକ ଦୁର୍ଘଟଣା : ୪ମୃତ , ୫ଗୁରୁତର

ବ୍ରହ୍ମପୁର, (ସବ୍ୟୁ): ଗୁରୁବାର ରାତ୍ର ପୃଥକ ପୃଥକ ଭାବେ ଦୁଇଟି ସଡକ ଦୁର୍ଘଟଣା ଘଟିଛି । ଏଥିରେ ୪ଜଣଙ୍କ ମୃତ୍ୟୁ ଘଟିଛି । ୫ଜଣ ଆହତ ହୋଇଛନ୍ତି । ନିମଖଣ୍ଡି ଥାନା ଅନ୍ତର୍ଗତ ଗୁରୁଣ୍ଡି ନିକଟ ଏକ କୁକୁଡ଼ା ଫାର୍ମ ନିକଟରେ ଗୁରୁବାର ସନ୍ଧ୍ୟା ସାଢେ ୭ଟା' ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ବୋରୱେଲ ଗାଡି ଦୁର୍ଘଟଣାଗସ୍ତ ହୋଇ ରାସ୍ତା କଡ଼କୁ ଖସି ପଲଟିଯିବାରୁ ଉକ୍ତ ଗାଡିରେ ବସିଥିବା ୮ ଜଣଙ୍କ ମଧ୍ୟରୁ ଗାଡି ତଳେ ଚାପି ହୋଇ ଦୁଇଜଣ ମୃତ୍ୟୁ ବରଣ କରିଥିବା ବେଳେ ଡ୍ରାଇଭର ଚମ୍ପଟ ମାରିଥିବା ପୋଲିସ କହିଛି । ମୃତକ ମାନେ ହେଲେ ଫୁଲବାଣୀର ଶିବାଜୀ କହଁର (୨୨) ଓ ମୟୁରଭଞ୍ଜର ରବି ନାୟକ (୨୪) । ଏହି ଦୁର୍ଘଟଣାରେ ୫ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଆହତଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି କ୍ରେନ ସହାୟତାରେ ପଲଟିଯାଇଥିବା ବୋରେଓ୍ୱେଲକୁ ବାହାର କରୁଛି । ରାସ୍ତା ସ୍ୱଭାବିକ କରିବା ପାଇଁ ଉଦ୍ୟମ କରୁଛି । ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାବେଳେ ଜଣ ସାଇକଲ ଆରୋହୀ ଗୁରୁଣ୍ଡି ନିକଟ ଉକ୍ତ ଫାର୍ମହାଉସ ଛକ ଦେଇ ଯାଉଥିଲେ । ଏହି ସମୟରେ ବ୍ରହ୍ମପୁର ଆଡକୁ ଦ୍ରୁତ ଗତିରେ ଏକ ବୋରୱେଲ ଗାଡି ଆସୁଥିଲା । ସେଠାରେ ଥିବା ଏକ ଛକ ବୁଲାଣିରେ ବୋରୱେଲ ଗାଡି ଓ ସାଇକଲ ଆରୋହୀ ମୁହାଁମୁହିଁ ହୋଇ ଯାଇଥିଲେ । ବୋରୱେଲ ଗାଡିଟି ଜଣେ ସାଇକଲ ଆରୋହୀଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଗଛରେ ପିଟି ହେବା ପରେ ରାସ୍ତା କଡରେ ଓଲଟି ପଡିଥିଲା । ଏହା ଯୋଗୁ ବୋରୱେଲ ଗାଡି ଉପରେ ବସିଥିବା ୮ ଜଣ ଶ୍ରମିକଙ୍କ ମଧ୍ୟରୁ ୫ ଗୁରୁତର ଭାବେ ଆହତ ହୋଇଥିଲେ । ସେଥିରୁ କାଳିଆ ନାମକ ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ସେହିପରି ଗାଡି ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ଆହତ ହୋଇଥିବା ବେଳେ ବୋରେଓ୍ୱଲ ଗାଡିର ଶ୍ରମିକଙ୍କ ମଧ୍ୟରୁ ଏକାଧିକ ଗୁରୁତର ହୋଇପଡିଛନ୍ତି । ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଆହତଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଯାଉଛି । ବୋରୱେଲ ଗାଡିଟି ଓଲଟି ପଡିଥିଲା । ବୋପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକ କହୁଛନ୍ତି । ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ଗୁରୁବାର ରାତ୍ର ପ୍ରାୟ ସାଢେ ୮ ବେଳେ ଜାତୀୟ ରାଜପଥ ଖଜୁରିଆରେ ଏକ ଦୁର୍ଘଟଣାରେ ଦୁଇଜଣ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ପରିଚୟ ଏଯାବତ ମିଳିପାରିନଥିବା ଟ୍ରାଫିକ ପୋଲିସ କହିଛି ।

# ହତ୍ୟାକାରୀ ଯୁବକଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା, (ସବ୍ୟୁ) : ଏକ ହତ୍ୟା ମାମଲାର ବିଚାର କରି ଜିଲ୍ଲା ଦୌରାଜଜ୍ ସୁଦିପ୍ତ ଆଚାର୍ଯ୍ୟ ଅଭିଯୁକ୍ତ କ୍ରିଷ୍ଣା ସିଂଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପି.ପି ସସ୍ମିତା ମହାପାତ୍ର ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଆମ୍ବଗଡିଆ ଗ୍ରାମର ଶଙ୍କର ସିଂ, ୨୦୨୨ ଫେବୃଆରୀ ୯ତାରିଖ ଦିନ ଆଧାରକାର୍ଡ, ମୋବାଇଲ ଓ ବ୍ୟାଙ୍କ ପାସବୁକ୍ ଆଣିବାକୁ କାର୍ତ୍ତିକ ସିଂ ଘରକୁ ଯାଇଥିଲେ। ମାତ୍ର ସେଠାରେ ଶଙ୍କରଙ୍କୁ ଏସବୁ କାଗଜପତ୍ର ନଦେଇ କାର୍ତ୍ତିକ ସିଂଙ୍କ ସ୍ତ୍ରୀ ସରସ୍ୱତୀ ସିଂ ଓ ତାଙ୍କ ତିନିପୁଅ ଯଥା ଗୌରା ସିଂ, ବାପୁନୁ ସିଂ ଓ କ୍ରିଷ୍ଣା ସିଂ ମିଶି ଶଙ୍କର ସିଂଙ୍କ ସହ ଝଗଡା କରିବା ପରେ ଶଙ୍କରଙ୍କୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ହାଣି ଦେଇଥିଲେ। ଏହାପରେ ଶଙ୍କର ଚିତ୍କାର ଶୁଣି ଗ୍ରାମବାସୀ ତାଙ୍କୁ ବେତନଟୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିବାବେଳେ ଡାକ୍ତର ଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶଙ୍କରଙ୍କ ପୁଅ ଡମ୍ବୁରୁଧର ସିଂଙ୍କ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ୩୦୨,୩୪୧ ଓ ୩୪ ଆଇପିସି ଧାରାରେ ୪୪/୨୨ ରେ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଗୁରୁବାର ୧୪ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

# ଜରାଶ୍ରମରେ ଡ୍ରିମ୍ସ ପଲିଟେକ୍‌ନିକ ଛାତ୍ରଛାତ୍ରୀଙ୍କ ସେବା କାର୍ଯ୍ୟ



କଟକ, (ସ୍ୱପ୍ର) : ରାଜ୍ୟର ପ୍ରଥମ ସ୍ୱୟଂଶାସିତ ମାନ୍ୟତା ପାଇଥିବା ଡ୍ରିମ୍ସ ପଲିଟେକ୍‌ନିକ୍ ପଛାତ୍ରଛାତ୍ରୀ ଛତିଆସ୍ଥିତ ସେବକ ଜରାଶ୍ରମ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କ ସହ ଭାବବିନିମୟ ସହ ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ । ପାରିବାରିକ ସମସ୍ୟା, ସମାଜିକ ଅବହେଳାର ଶୀକାର ହୋଇ ଥିବା ବୟୋବୃଦ୍ଧମାନଙ୍କ ଜୀବନ ସଂଗ୍ରାମର ବ୍ୟଥା ଛାତ୍ରଛାତ୍ରୀଙ୍କୁ ଭାବପ୍ରବଣ କରିଥିଲା ଓ ଭବିଷ୍ୟତରେ ଏଭଳି ସେବା କରିବାର ସୁଯୋଗକୁ କେବେ ହାତ ଛଡା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ । ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ ମାନେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଅଙ୍ଗଦ କୁମାର ଲେଙ୍କାଙ୍କ ତତ୍ତ୍ୱବଧାନରେ ଅଧ୍ୟାପକ ଅନୀଲ କୁମାର ପଣ୍ଡା, ଦେବାଶିଷ ଦାସ, ଅଧ୍ୟାପିକା ଦେବସ୍ମିତା ସାହୁ, ଏସଏମ୍ ନଜରୁଲ, ରଣଜିତ୍ ସାହୁ, ବିଭୁପଦ ଜେନା ଓ ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଛାତ୍ରଛାତ୍ରୀଙ୍କ ସେବାମୂଳକ କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବ ବୋଲି ଅଶା ପ୍ରକଶ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ।



## ୨୭-୨୮ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୁଇ ଦିନିଆ ଅନୁଗୁଳ ଜିଲ୍ଲା ଗସ୍ତ

ତାଳଚେର ,(ସବ୍ୟୁ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଫେବୃଆରୀ ୨୭,୨୮ ଦୁଇ ଦିନିଆ ଅନୁଗୁଳ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଫେବୃଆରୀ ୨୭ ତାରିଖ ଦିନ ଅପରାହ୍ନ ୪ ଟାରେ କିଶୋର ନଗର ଧଉରାପଲ୍ଲୀ ଠାରେ ପହଂଚି ଦୋଳ ଯାତ୍ରା ସତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେବେ ପରେ ତାଳଚେର ଆସି ଦିନଦୟାଲ ନଗରରେ ପହଁଚିବେ । ଫେବୃଆରୀ ୨୮ ତାରିଖରେ ତାଳଚେରରୁ ଅନୁଗୁଳ ଯାଇ ଦିଶା ଓ ଜିଲ୍ଲା ପରିଷଦ ବୈଠକରେ ଯୋଗଦେବେ । ପରେ ଅନୁଗୁଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ସଂଗଠନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରେ ଯୋଗଦେବେ । ଅପରାହ୍ନ ରେ କଟକ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରମନ୍ତ୍ରୀ ଙ୍କର କାର୍ଯ୍ୟକ୍ରମ ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି ।

## ଧାନ ବିକ୍ରି ଟଙ୍କା ମିଳୁନି, କୃଷି ସଚିବଙ୍କୁ ଅଭିଯୋଗ କଲେ ଚାଷୀ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ସେବା ସମବାୟ ସମିତିରେ ଧାନ ବିକ୍ରି କରିଥିଲେ ମଧ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସୁନଥିବା ପାଇକସାହି ଗ୍ରାମର ଚାଷୀ ବିବେକାନନ୍ଦ ପ୍ରଧାନ ଗୁରୁବାର ଦିନ ଡାକ ଯୋଗେ କୃଷି ସଚିବଙ୍କୁ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଅନୁଗୋଳ ଜିଲ୍ଲାପାଳ, କୃଷି ମନ୍ତ୍ରୀ,ଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ଅଭିଯୋଗପତରେ ଉଲେଖ କରିଛନ୍ତି ଜେ ତାଙ୍କ ୮୬ କୁଇଣ୍ଟାଲ ଧାନକୁ ସେ ପାଇକସାହି ସେବା ସମବାୟ ସମିତିରେ ତା ୧୭/୨/୨୦୨୬ ରେ ବିକ୍ରି କରିଥିଲେ। ୮୬ ଘଣ୍ଟା ମଧରେ ତାଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ଆସିବ ବୋଲି ସମବାୟ ସମିତି ପକ୍ଷରୁ ସୂଚନା ଦିଆ ଯାଇଥିଲା। ହେଲେ ଦୀର୍ଘ ୯ ଦିନ ହୋଇ ଥିଲେ ମଧ ଧାନ ବିକ୍ରି ଟଙ୍କା ତାଙ୍କ ଆକାଉଣ୍ଟ କୁ ଆସି ନାହିଁ ସେ ତାଙ୍କର ସମସ୍ତ ଆକାଉଣ୍ଟକୁ ଯାଞ୍ଚ କରିଥିଲେ ମଧ ତାଙ୍କ ଧାନ ବିକ୍ରି ଟଙ୍କା ଆସି ନଥିବା ଯୋଗୁଁ ସେ ଚିନ୍ତିତ ହୋଇ ପଡିଛନ୍ତି। ଫଳରେ ସେ ଏ ନେଇ ପ୍ରଥମେ ପାଇକସାହି ସେବା ସମବାୟ ସମିତି ଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନଥିଲା। ଫଳରେ ସେ ସଚିବ ଙ୍କ ଠାରେ ଅଭିଯୋଗ କରିଛନ୍ତି। ତୁରନ୍ତ ତାଙ୍କ ଧାନ ବିକ୍ରି ଟଙ୍କା ଯୋଗାଇ ଦେବା ପାଇ ସାଧାରଣ ରେ ଦାବି ହୋଇଛି। ଏ ନେଇ ପାଇକ ସାହି ସେବା ସମବାୟ ସମିତି ର ସମ୍ପାଦକ ତ୍ରିଲୋଚନ ନାୟକ କୁହନ୍ତି ଆମ ଠାରେ କୌଣସି ଏରିଅର ଦେଖାଉ ନାହିଁ ଆଉ କିଛି ଦିନ ଅପେକ୍ଷା କରିବା ପରେ ଟଙ୍କା ନ ଆସିଲେ ସମିତି ପକ୍ଷରୁ ଚିଠି ଲେଖା ଯିବ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ



ପାଲଲହଡା,(ସବ୍ୟୁ ):ପାଲଲହଡ଼ା ବିଧାୟକ ଆଜି ଏକ ଦିନିକିଆ ପାଲଲହଡା ଗସ୍ତରେ ଆସି ନମପସି ଓ ଝାରବେଡା ପଂଚାୟତର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦଘାଟନ କରିଛନ୍ତି। ପାଲଲହଡା ବ୍ଲକ ନମପସି ପଞ୍ଚାୟତ ଛେଳିଆବେଡ଼ା ହାଟପଦାଠାରେ ୧୦ ଲକ୍ଷ୍ୟ ଟଙ୍କା ବିନିମୟରେ ହେବାକୁ ଥିବା ସାପ୍ତାହିକ ହାଟ ଉନ୍ନତିକରଣର ଭିତ୍ତିପ୍ରସ୍ତର ସ୍ଥାପନ, ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ନଗୁଡା ଗ୍ରାମରେ ୪ ଲକ୍ଷ୍ୟ ଟଙ୍କା ବ୍ୟୟ ଅଟକଳରେ ନବନିର୍ମିତ ହୋଇଥିବା କଂକ୍ରିଟ ରାସ୍ତା ର ଉ'ାଟନ , ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପାଣ୍ଠିରୁ ୩ ଲକ୍ଷ୍ୟ ୮୩ ହଜାର ଟଙ୍କା ବିନିମୟରେ ଯମରା ଗ୍ରାମରେ ନିର୍ମିତ ହୋଇଥିବା କଂକ୍ରିଟ ରାସ୍ତାର ଉ'ାଟନ ଓ ଝାରବେଡ଼ା ପଞ୍ଚାୟତ କଣ୍ଟାନାଳି ଗ୍ରାମରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପାଣ୍ଠିରୁ ୫ ଲକ୍ଷ୍ୟ ୫୦ ହଜାର ଟଙ୍କା ବିନିମୟରେ ନବ ନିର୍ମିତ ହେବାକୁଥିବା ଗୋଷ୍ଠିକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରି ଭିତ୍ତିପ୍ରସ୍ତର ସ୍ଥାପନ ଓ ଉ'ାଟନ କରିଛନ୍ତି। ଏହି ବିଶେଷ ମୁହୂର୍ତରେ ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟର ଅଗ୍ରଗତି ଓ ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ଭାରତୀୟ ଜନତା ପାର୍ଟି ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ ,ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପଞ୍ଚାନନ ସାହୁ,ଲିଙ୍ଗରାଜ ଦାସ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଯୋଜନା ସମନ୍ୱୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ସଖୀ କେନ୍ଦ୍ର ପରିଦର୍ଶନ

କାମାକ୍ଷାନଗର,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ କାର୍ଯ୍ୟ କରୁଥିବା ସଖୀ ୱାନ ଷ୍ଟପ୍ ସେଣ୍ଟରର କାର୍ଯ୍ୟକାରିତା ଅନୁଧ୍ୟାନ କରିବା ପାଇଁ ଆଜି ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ଟେମଜେନଓ୍ୱାପାଞ୍ଜି ଆଓ ଏକ ସରକାରୀ ଗସ୍ତରେ ଆସି ପରିଦର୍ଶନ କରିଛନ୍ତି । ଏହି ପରିଦର୍ଶନ ସମୟରେ ସ୍ୱତନ୍ତ୍ର ସଚିବ କେନ୍ଦ୍ରର ସମସ୍ତ ବିଭାଗ ବୁଲି ଦେଖିବା ସହ ଏହାର ପରିଚାଳନା ସମ୍ପର୍କରେ ତଦାରଖ କରିଥିଲେ ।ମୁଖ୍ୟତଃ ସ୍ଥାନୀୟ ଅଞ୍ଚଳରେ ମହିଳାମାନଙ୍କ ସାମାଜିକ ସ୍ଥିତି, ସେମାନଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷ କରି ଶିଶୁ ବିବାହର କାରଣ ଏବଂ ଏହାର ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।ଏହି ଗସ୍ତ ସମୟରେ ସ୍ୱତନ୍ତ୍ର ସଚିବଙ୍କ ସହିତ ଢେଙ୍କାନାଳ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ, କାମାକ୍ଷାନଗର ବିଡିଓ ପ୍ରଭୁ କଲ୍ୟାଣ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଦିଗାମ୍ବର ସାହୁ ଏବଂ ଉପଖଣ୍ଡ ଡାକ୍ତରଖାନାର ଜୁନିୟର ହସ୍ପିଟାଲ ମ୍ୟାନେଜର ରଶ୍ମିପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ରର ପରିଚାଳନା ଦାୟିତ୍ୱରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଶୋଭାର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ଅତିଥିମାନଙ୍କୁ କେନ୍ଦ୍ରର କାର୍ଯ୍ୟଧାରା ଏବଂ ମହିଳାମାନଙ୍କୁ ଦିଆଯାଉଥିବା ବିଭିନ୍ନ ସେବା ସମ୍ପର୍କରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ ।ସ୍ୱତନ୍ତ୍ର ସଚିବ ସଖୀ କେନ୍ଦ୍ରର କର୍ମଚାରୀମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ମହିଳାମାନଙ୍କୁ ତୁରନ୍ତ ସହାୟତା ଓ ନ୍ୟାୟ ଯୋଗାଇବାରେ ସେମାନଙ୍କ



ଭୂମିକା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ନିର୍ଯାତିତ ମହିଳାଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଏବଂ କେନ୍ଦ୍ରର ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ । ଏହି ଅବସରରେ ଶୋଭାର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସରକାରୀ ପଦାଧିକାରୀମାନେ ଉପସ୍ଥିତ ରହି ସଖୀ କେନ୍ଦ୍ରର ଉନ୍ନତି ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଥିଲେ ।

## ସଡ଼କ ଦୁର୍ଘଟଣା ରେ ପ୍ରାଣ ହରାଇଥିବା ବିସ୍ମୟ ଦାସଙ୍କ ପରିବାରଙ୍କୁ ଭେଟିଲେ ଢେଙ୍କାନାଳ ସାଂସଦ ଓ ପରଜଙ୍ଗ ବିଧାୟକ

ତାଳଚେର ,(ସବ୍ୟୁ) : ତାଳଚେର ଲୋକେଇପଶି ଗ୍ରାମର ବିସ୍ମୟ ଦାସଙ୍କର ଗତ କିଛିଦିନ ପୂର୍ବେ ସଡ଼କ ଦୁର୍ଘଟଣା ରେ ଅନୁଗୁଳ ବଙ୍ଗଣ୍ଡା ମୂଷାପାଲି ଠାରେ ମୃତ୍ୟୁ ହୋଇଥିଲା । ମୃତ ବିସ୍ମୟ ଢେଙ୍କାନାଳ ଜିଲ୍ଲାରେ ବିବାହ କରିଥିଲେ । ମୃତ ବିସ୍ମୟ ଢେଙ୍କାନାଳ ଜିଲ୍ଲାର ବିଜେପିର ବରିଷ୍ଠ କାର୍ଯ୍ୟକର୍ତା ସତ୍ୟରଞ୍ଜନ ଭୂୟାଁ ଙ୍କର ଝିଆରୀ ଜ୍ୱାଇଁ । ଗୁରୁବାର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ ତାଙ୍କ ଦେଉଳବେଡା ସ୍ଥିତ ବାସଭବନରେ ପହଂଚି ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ଶ୍ରମିକ ନେତା ଅଶୋକ ସାମନ୍ତ, ବରୁଣ କୁମାର ସାହୁ, ଜଗଦୀଶ ମିଶ୍ର, ଜଗଦୀଶ ସିଂହ, ପୂର୍ଣ୍ଣଚନ୍ଦ୍ର ବେହେରା, ଅଜୟ ସାହୁ, ସୁନୀଲ ପଟ୍ଟନାୟକ, ଶମ୍ଭୁନାଥ ବେହେରା, ଧିରେନ ସାହୁ ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ବଇସିଣାରେ ରକ୍ତଦାନ ଶିବିର

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମରେ ଗୁରୁବାର ଦିନ ହନୁମାନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ



ହୋଇ ଯାଇଛି। ଏହି ଶିବିରକୁ ଭାଜପା ର ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଭାଜପା ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ,ପୂର୍ବତନ ଜିଲ୍ଲା ଉପ ସଭାପତି ଅର୍ଜୁନ କୁମାର ସାହୁ, ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳ, ମଣ୍ଡଳ ସମ୍ପାଦକ ରାଜେନ୍ଦ୍ର ସାହୁ, ଭାଜପା ନେତା ଅରବିନ୍ଦ ସାହୁ, ବାନାମ୍ବର ପ୍ରଧାନ, ଧିର୍ ଚରଣ ସାହୁ, ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମରୁ ଯୁବକ, ଯୁବତୀ ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ଏଥିରେ ୪୫ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା। ଏଥିରେ ଅନୁଗୋଳ ବ୍ଲଡ଼ ବ୍ୟାଙ୍କର କର୍ମଚାରୀମାନେ ଯୋଗ ଦେଇ ବ୍ଲଡ଼ ସଂଗ୍ରହ କରିଥିଲେ।

## ୨୮ ରେ ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ୫୦ତମ ବାର୍ଷିକ ପୂର୍ତ୍ତି ସମାରୋହ

ଅନୁଗୋଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ (ଏଡିସିସିଆଇ) ର ଆସନ୍ତା ଫେବୃଆରୀ ୨୮ ତାରିଖରେ ୫୦ତମ ବାର୍ଷିକ ପୂର୍ତ୍ତି ସମାରୋହ ପାଳନ କରାଯିବ ବୋଲି ଆଜି ଏଥି ନେଇ ସ୍ଥାନୀୟ ହୋଟେଲ ଲକ୍ଷ୍ମୀ ପ୍ରିମିୟମ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଧକ୍ଷ ତଥା ସିଇଓ ଅଶୋକ କୁମାର ଜୈନ, ସଭାପତି ଦୀପକ ବର୍ମା, ସମ୍ପାଦକ ଅଶୋକ କୁମାର ମୋଦୀ ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ପୂର୍ତ୍ତି ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ,ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ), ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ। ଏହି ମହୋତ୍ସବରେ କ=ଶିଳ୍ପୀ ଶଶାଙ୍କ



ଶେଖର, ଭାଗ୍ୟଶ୍ରୀ ମହାନ୍ତି ତାଙ୍କ ଟିମ ଦ୍ୱାରା ସଂଗୀତ ସଂଗୀତ ପରିବେଷଣ ଓ ହାସ୍ୟ ଅଭିନେତା ପପୁ ପମ ପମଙ୍କ ସମେତ ବହୁ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ଏହି ସମାରୋହରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଜିଲ୍ଲାର ସମସ୍ତ ବ୍ୟବସାୟୀ, ଶିଳ୍ପ ସଂସ୍ଥା ର ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହି ଉତ୍ସବକୁ ଗୌରବାନ୍ୱିତ କରିବେ ବୋଲି ଉପରୋକ୍ତ କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରତିଷ୍ଠାନର ଉପସଭାପତି ବିକ୍ରମ ଆଗ୍ରଓ୍ୱାଲ,କୋଷାଧକ୍ଷ ବିକାଶ ପୋଦାର, ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ସହ- ସମ୍ପାଦ କ ଶେକ ରଫିକ, ମିଡ଼ିଆ ପ୍ରଭାରୀ ଦୀପ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କୁମୁରସିଂହା ଗ୍ରାମରେ ଢେଙ୍କାନାଳ ସାଂସଦ

ଅନୁଗୋଳ,(ସବ୍ୟୁ) : ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଅନୁଗୋଳ ବିଧାନସଭା ଅନ୍ତର୍ଗତ କୁମୁରସିଙ୍ଗା ପଂଚାୟତ ଠାରେ ଥିବା ବଡ଼ବନ୍ଧ ଏବଂ ଟାକୁଆ ଖୁଦ୍ର ଜଳସେଚନ ଯୋଜନାର ଶାଖା କେନାଲ ଗୁଡିକର ସ୍ଥିତି ଅନୁଧ୍ୟାନ କରିବାକୁ କୁମୁରସିଙ୍ଗା ଠାରେ ଉପସ୍ଥିତ ହୋଇ ଥିଲେ। କୁମୁରସିଙ୍ଗାର ବଡ଼ବନ୍ଧ ଭୌଗଳିକ ଅବସ୍ଥିତି ଏହିପରି ଯେ ସେହି ପୁଷ୍କରିଣୀ



ଉପରେ ରାମବେରେନି, କୁମୁରସିଂହା, ପାତେଲି ପ୍ରଭୃତି ରାଜସ୍ୱ ଗ୍ରାମର ଚାଷୀ ଭାଇ ଏବଂ ପଶୁସମ୍ପଦ ମୁଖ୍ୟତଃ ଏହାର ଜଳକୁ ପାନୀୟ ଜଳ ,ଗଧୋଇବା ଏବଂ ଚାଷ କାର୍ଯ୍ୟ ରେ ବିନିଯୋଗ କରନ୍ତି। ବହୁ ବର୍ଷ ହେବ ଏହି ପୋଖରୀଟି ରକ୍ଷଣବେକ୍ଷଣ ଅଭାବ ରୁ ପ୍ରାୟ ପୋତି ହୋଇ ଜାଇଛି ଏବଂ ପୁଷ୍କରିଣୀର ହିଡ଼ ଭାଙ୍ଗି ତାର ଜଳଧାରଣ କ୍ଷମତା ହରେଇ ବସିଛି। ତେଣୁ ଗ୍ରୀଷ୍ମ ଋତୁରେ ପାଣି ପାଇଁ ଗ୍ରାମବାସୀ ଏବଂ ପଶୁସମ୍ପଦ ଡହଳବିକଳ ହେଉଛନ୍ତି। ପୁଷ୍କରିଣୀର ନିମ୍ନଭାଗରେ ଯେଉଁ ଚାଷୀ ଭାଇ ମାନେ ପୁଷ୍କରିଣୀ ଜଳକୁ ବିନିଯୋଗ କରି ଚାଷ କାର୍ଯ୍ୟ କରୁଥିଲେ ସେମାନେ ମଧ ପୁଷ୍କରିଣୀ ଜଳଶୂନ୍ୟ ହେବାରୁ କୃଷିକାର୍ଯ୍ୟ କରିବାରୁ ବଞ୍ଚିତ ହେଉଛନ୍ତି। ଏହି ପୁଷ୍କରିଣୀର ଉର୍ନତୀକରଣ ପାଇଁ ପୂର୍ବ ସରକାରରେ ବହୁବାର ଗ୍ରାମବାସୀଙ୍କ ଦାବି ଉଠିଥିଲେ ମଧ ତାହା ଫଳପ୍ରଦ ହାପିପାରିନଥିଲା। ଶାଖା କେନାଲ ଗୁଡିକର ଅବସ୍ଥା ମଧ ସେହିପରି ଛୋଟ ଛୋଟ ବୁଦା ଆଦିରେ ପରିପୂର୍ଣ୍ଣ ଏବଂ ଶୁଷ୍କ ହୋଇ ପଡ଼ିରହିଛି। ତେଣୁ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ସାଂସଦ ନିଜେ ସ୍ଥିତି ଅନୁଧ୍ୟାନ କରିବାକୁ ସେଠାରେ ପହଂଚି ତାର ଉର୍ନତୀକରଣ ଏବଂ ଜନସାଧାରଣ ଙ୍କ ପୁଷ୍କରିଣୀକୁ ପ୍ରବେଶ ପାଇଁ ଆବଶ୍ୟକ ହେଉଥିବା ପାହାଚ ନିର୍ମାଣ ନିମନ୍ତେ ହେଉଥିବା ଦୀର୍ଘ ଦିନର ଦାବି ପୂରଣରେ ସହାୟତାର ହାତବଢ଼େଇବେ ବୋଲି ପ୍ରତିଶୃତି ଦେବା ସହ ଶାଖା କେନାଲ ଗୁଡିକର ମରାମତି ଅଉ ଉପଯୁକ୍ତ ଭାବେ ପରିଷ୍କାର କରାଯାଇ ଜଳ ପ୍ରବାହ ଯୋଗ୍ୟ ହୋଇ ପାରିବ ସେ ବାବଦରେ ବିଧାୟକ ଙ୍କ ସହ ଆଲୋଚନା କରି ନିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେବେବୋଲି ଗ୍ରାମବାସୀଙ୍କୁ ଅବଗତ କରେଇଥିଲେ। ସାଂସଦଙ୍କ ଏହି ଗସ୍ତ ସମୟରେ ସାଂସଦ ଙ୍କ ପ୍ରତିନିଧି ତଥା ବଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ,ପ୍ରଶାନ୍ତ ପ୍ରଧାନ, ଅଧିକାରୀ ବେହେରା, ସଂଗ୍ରାମ ରାଉତ, ଭାଗିରଥି ଦେହୁରୀ, ମାନସ ପ୍ରଧାନ, ଲିପୁ ବିଶ୍ୱାଳ ପ୍ରମୁଖ ଙ୍କ ସମେତ ଗ୍ରାମବାସୀ ମାନେ ସାମିଲ ଥିଲେ।

## ଆସନ୍ତା ୧୪ ମାର୍ଚ୍ଚରେ ଜାତୀୟ ଲୋକ ଦାଲତ

ବ୍ରହ୍ମପୁର: (ସବ୍ୟୁ): ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମ, ବ୍ରହ୍ମପୁର ଓ ଜିଲ୍ଲାର ସମସ୍ତ ତାଲୁକ୍ ଆଇନ ସେବା କମିଟି (ଟିଏଲଏସସି) ସ୍ତରରେ ଆସନ୍ତା ତା ୧୪.୦୩.୨୦୨୬ରିଖ (ଶନିବାର) ଦିନ ଜାତୀୟ ଲୋକ ଆଦାଲତ ଆୟୋଜିତ ହେବ । ଏହି ଜାତୀୟ ଲୋକ ଅଦାଲତକୁ ଜାତୀୟ ଆଇନସେବା ପ୍ରାଧିକରଣ (ନାଲସା) ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସଏଲଏସଏ), କଟକଙ୍କ ନିର୍ଦ୍ଦେଶାନୁସାରେ ଆୟୋଜନ କରାଯାଉଛି । ଏହି ଜାତୀୟ ଲୋକ ଅଦାଲତରେ ଦାଖଲ ହୋଇଥିବା ଓ ପ୍ରି-ଲିଟିଗେସନ୍ ମାମଲାମାନଙ୍କୁ ସମ୍ମତିଭିତ୍ତିକ ଭାବରେ ସମାଧାନ କରାଯିବ । ବିଦ୍ୟୁତ ବିଲ୍, ବ୍ୟାଙ୍କ ଋଣ ଆଦାୟ, ମୋଟର ଦୁର୍ଘଟଣା ଦାବି ମାମଲା, ବିବାହିକ ବିବାଦ, ଚେକ୍ ବାଉନ୍ସ ମାମଲା, ଶ୍ରମ ବିବାଦ, ରାଜସ୍ୱ ମାମଲା ସହିତ ବିଭିନ୍ନ ପ୍ରକାରର ସମ୍ମତିଯୋଗ୍ୟ ମାମଲାମାନଙ୍କୁ ଶୀଘ୍ର, ସହଜ ଓ ନିଶୁ◂ ଭାବେ ନିର୍ଣ୍ଣୟ କରାଯିବ । ଲୋକ ଅଦାଲତରେ ମାମଲା ନିର୍ଣ୍ଣୟ ହେଲେ ଆପିଲ୍ ଶୁ◂ ନାହିଁ ଓ କୋର୍ଟ ଫି ଫେରସ୍ତ ପାଇବାର ବ୍ୟବସ୍ଥା ରହିଛି । ଏହା ଦ୍ୱାରା ସମୟ ଓ ଧନର ସଞ୍ଚୟ ସହିତ ଦୁଇପକ୍ଷୀୟ ସମ୍ମତିରେ ବିବାଦର ସମାଧାନ ସମ୍ଭବ ହୁଏ । ସାଧାରଣ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଯେକୌଣସି ଚାଲୁଥିବା କିମ୍ବା ପ୍ରି-ଲିଟିଗେସନ୍ ମାମଲାକୁ ଜାତୀୟ ଲୋକ ଆଦାଲତରେ ରଖି ସମାଧାନ କରିବା ପାଇଁ ସମ୍ବନ୍ଧିତ ଅଦାଲତ କିମ୍ବା ଡିଏଲଏସଏ/ଟିଏଲଏସସି କାର୍ଯ୍ୟାଳୟ ସହିତ ସମ୍ପର୍କ କରନ୍ତୁ । ଏହି ସୁଯୋଗକୁ ସବୁଠାରୁ ଉପଯୋଗ କରି ସ୍ୱଇଚ୍ଛାମୂଳକ ଓ ସହଜ ପ୍ରକ୍ରିୟାରେ ବିବାଦର ନିରାକରଣ କରିବା ପାଇଁ ଡିଏଲଏସଏ, ଗଞ୍ଜାମ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ।

## ଆଜିଠୁ ସମସ୍ତ ସରକାରୀ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ : ମୟୂରଭଞ୍ଜ ଠିକାଦାର ସଂଘ

ବାରିପଦା, (ସବ୍ୟୁ) : ଗୁରୁବାର ମୟୂରଭଞ୍ଜ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ରାଜ୍ୟ ଠିକାଦାର ସଂଘର ନିଷ୍ପତ୍ତି ଅନୁସାରେ ଫେବୃଆରୀ ୨୭ତାରିଖ ଠାରୁ ସମସ୍ତ ସରକାରୀ କାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବା ପାଇଁ ନିଷ୍ପତି ଗ୍ରହଣ କରାଗଲା । ଏହି କାର୍ଯ୍ୟବନ୍ଦ ନିଷ୍ପତ୍ତିକୁ ଯେଉଁ ଠିକାଦାର ଅମାନ୍ୟ କରିବେ, ମୟୂରଭଞ୍ଜ ଠିକାଦାର ସଂଘ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଉକ୍ତ ବୈଠକରେ ସଭାପତି ପରେଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ତରୁନ୍ତ କୁମାର ମହାନ୍ତି, ଉପସଭାପତି ସଂଜୟ କୁମାର ଅଗ୍ରଓ୍ୱାଲ, ସହସମ୍ପାଦକ କୁମୁଦ ମିଶ୍ର ଏବଂ ଶୁଭେନ୍ଦୁ ସାହୁ, ସଜଳ ମୌଳିକ, ପ୍ରିୟବତ ଦାସ, ନନ୍ଦୁଲାଲ ମିଶ୍ର, ସଂଦୀପ ପତି, କପିଳ ଖଣ୍ଡେଲଓ୍ୱାଲଙ୍କ ସହ ବହୁ ସଂଖ୍ୟାରେ ଠିକାଦାର ଉପସ୍ଥିତ ଥିଲେ ।

## ଏନ୍‌ଏସି ପକ୍ଷରୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ) : ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱକାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ । ଏ ଅବସରରେ ବାର୍ଦ୍ଧକ୍ୟ, ବିକଳାଙ୍ଗ ଓ ବିଧବା ବର୍ଗର ୩୫ ଜଣ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଥିଲା । କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଏଥିରେ ହିତାଧିକାରୀମାନଙ୍କ ସମେତ ବିଭିନ୍ନ ଓ୍ୱାର୍ଡର ସଭ୍ୟ ଓ ସଭ୍ୟା, ଏନଏସି କର୍ମଚାରୀଗଣ ଉପସ୍ଥିତ ରହିଥିଲେ ।

## ଉପଖଣ୍ଡସ୍ତରୀୟ ପୋଲିସ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ୭୮ ଜଣ ଆରକ୍ଷୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ପାଲଲହଡା, (ସବ୍ୟୁ ):ଅନୁଗୁଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କଡା ନିର୍ଦ୍ଦେଶ ମୁତାବକ ଆଜି ପାଲଲହଡା ଉପଖଣ୍ଡର ପାଲଲହଡା ଓ ଖମାର ପୋଲିସ ଷ୍ଟେସନରେ ଅବସ୍ଥାପିତ ସମସ୍ତ ଆରକ୍ଷୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଲଲହଡା ମୁଖ୍ୟ ଡାକ୍ତରଖାନା ରେ କରାଯାଇଥିଲା। ପାଲଲହଡା ମୁଖ୍ୟ ଡାକ୍ତରଖାନାର ଭେସଜ ବିଶେଷଜ୍ଞ ଡ଼କଟର ଦିଲ୍ଲୀପ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ପରୀକ୍ଷାରେ ମୋଟ ଅଠସ୍ତରୀ ଜଣ ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ପୋଲିସ କର୍ମଚାରୀଙ୍କ ବିପି, ଡାଏବେଟିସ, ସିବିସୀ, ଏସ (ଇଉଆର ଓ ସିଆର ), ଇସିଜି, ଲିପିଡ଼ ପ୍ରଫାଇଲ,ୟୁରିନ (ଆରଇ /ଏମଇ ), ଏଚବି ଓ୍ୱାନ ସି, ଟି ୩,ଟି ୪,ଟିଏସଏଚ ପ୍ରଭୃତି ପରୀକ୍ଷା କରାଯାଇଥିବାର ଜଣାପଡିଛି। ଆଜିର ଏହି ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ରେ ମୁଖ୍ୟ ଡାକ୍ତରଖାନା ର ସମସ୍ତ କର୍ମଚାରୀ ସାହାଯ୍ୟ କରିଥିବାବେଳେ ପାଲଲହଡା ପୋଲିସ ପକ୍ଷରୁ ସମସ୍ତ ପ୍ରକାରସହଯୋଗ କରାଯାଇଥିବାର ପାଲଲହଡା ଆଇଆଇସି ପ୍ରଦୀପ୍ତ କୁମାର ମହାନ୍ତ କହିଛନ୍ତି।

## ଶିବ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଇଛାପୁର ଶିବ ମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଦିନ ମହାସମାରୋହରେ ପାଳିତ ହୋଇ ଯାଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା କରିବା ପରେ ଯଥା ରୀତିନୀତି ନିୟମ ଅନୁସାରେ ପୂଜା କରା ଯାଇଥିଲା। ହୋମ ଯଜ୍ଞ କରା ଯାଇଥିବା ବେଳେ କର୍ତ୍ତା ଭାବରେ ଉତ୍ତମ କୁମାର ମାଟି ଆରି ଓ ତାଙ୍କ ପନୀ ନୟନୀ ବେହେରା, ବଂଶୀଧର ସାହୁ ଯୋଗ ଦେଇଥିବା ବେଳେ ମନ୍ଦିର ପୂଜକ ବିକାଶ ମିଶ୍ର, ସର୍ବେଶ୍ୱର ମିଶ୍ର ଯୋଗଦେଇ ପୂଜା କରିଥିଲେ। ଆଖ ପାଖ ଅଂଚଳ ରୁ ନାମ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ ପରିବେଷଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ପ୍ରଧାନ, ଯୁବ ବିଜେଡି ବ୍ଲକ ସଭାପତି ଅରୁଣ କୁମାର ସାହୁ, ଅର୍ଜୁନ କୁମାର ସାହୁ, ଯୋଗ ଦେଇଥିଲେ। ଏଥିରେ ଅରୁଣ ସାହୁ, ଭାଗିରଥି ସାହୁ, ଜେନା ମଣି ସାହୁ ସହଯୋଗ କରିଥିଲେ।

## ଶୋଇଥିଲେ ଟାଣି ନେଲା ଦନ୍ତା : ପରିବାର ସମ୍ମୁଖରେ ଦଳିଚକଟି ମାରିଦେଲା

ଢେଙ୍କାନାଳ, (ସବ୍ୟୁ) :ଢେଙ୍କାନାଳ ବନଖଣ୍ଡ ସଦର ରେଞ୍ଜ ଓଡାପଡା ବ୍ଲକ ନଗାରୀ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ଏହାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟିହୋଇଛି । ନଗାରୀ ଗ୍ରାମର କଷ୍ଟୁ ବେହେରାଙ୍କ ସହିତ ତାର ପୁଅ ସୁନିଲ ବେହେରା,ବୋହୁ ସରିତା ବେହେରାଙ୍କ ସହିତ ଅନ୍ୟ ଦୁଇଜଣ ପିଲା ବୁଧବାର ରାତିରେ ଖାଇ ପିଇ ଶୋଇଯାଇଥିଲେ । ରାତି ପ୍ରାୟ ସାଢେ ଗୋଟାଏ ସମୟରେ ପ୍ରଚଣ୍ଡ ଶବ୍ଦ ହେବାରୁ ପରିବାର ବର୍ଗ ଉଠିପଡିଥିଲେ । ଏହି ସମୟରେ ଏକ ଦନ୍ତା ହାତୀ ଘର ମଧ୍ୟରୁ କଷ୍ଟୁ ବେହେରାଙ୍କୁ ଟାଣି ନେଇ ମୁଣ୍ଡକୁ ପାଦରେ ଦଳି ଦେଇଥିଲେ । ପରିବାର ବର୍ଗ ଏହା ଦେଖି ଜୀବନ ବିକଳରେ ପଳାଇଯାଇଥିବା ବେଳେ ଖବରପାଇ ଗ୍ରାମବାସୀମାନେ ପାଟିକରିବାରୁ ହାତୀଟି ଚାଲିଯାଇଥିଲା । କୌଣସି ସୂତ୍ରରୁ ଖବର ପାଇ ବନବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର କଷ୍ଟୁଙ୍କୁ ପ୍ରଥମେ ହିନ୍ଦୋଳରୋଡ ଏବଂ ପରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବନବିଭାଗର କର୍ମଚାରୀମାନେ କ୍ଷତିପୂରଣ ଦେବାକୁ ପ୍ରତିଶୃତି ଦେଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ମାତ୍ର ୫ହଜାର ଟଙ୍କାଦେବାରୁ ବୋହୁ ସରିତା ବେହେରା ନିଜର ପ୍ରତିକ୍ରୀୟା ପ୍ରକାଶ କରିଥିଲେ । କଷ୍ଟୁ ଏକମାତ୍ର ରୋଜଗାରକ୍ଷମ ହୋଇଥିବା ବେଳେ କିପରି ପରିବାର ପ୍ରତିପୋଷଣ ହେବ ବୋଲି କହିଥିଲେ ।ହାତୀ ଆକ୍ରମଣରେ ମୃତ୍ୟୁକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## "ମାତୃଭାଷାର ମହତ୍ତ୍ୱ ଶୀର୍ଷକ ସମ୍ମାନ ଆୟୋଜିତ

ବାରିପଦା, (ସବ୍ୟୁ) : ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମିଳିତ ସହଯୋଗରେ ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦାରେ ଏକ ଦିବସୀୟ ରାଜ୍ୟସ୍ତରୀୟ ସମ୍ମାନ ଆୟୋଜିତ ହୋଇଯାଇଛି । ଯେଉଁଥିରେ ମହାରାଜା ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦାର ପ୍ରାକ୍ତନ ଓଡ଼ିଆ ବିଭାଗର ମୁଖ୍ୟ ଡକଟର ସୁଶାନ୍ତ କୁମାର ବସା ଓ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟାର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ହିରଣ୍ମୟୀ ଶତପଥୀ ଆଦି ଆଲୋଚକ ଭାବେ ଅଂଶଗ୍ରହଣ କରି ମାତୃଭାଷାର ମହତ୍ତ୍ୱ ବିଷୟରେ ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ । ଦୈନନ୍ଦିନ ଜୀବନରେ ମନର ଭାବକୁ ଯଥାସମ୍ଭବ ଶୁଦ୍ଧ ଭାଷାରେ ଓଡ଼ିଆ ଭାଷାର ବହୁଳ ବ୍ୟବହାରରେ ହିଁ ଓଡ଼ିଆ ଭାଷା ଅଧିକ ସୁଦୃଢ଼, ସଶକ୍ତ ହୋଇପାରିବ ବୋଲି ଉପସ୍ଥିତ ବକ୍ତାଗଣ ଦୃଢୋକ୍ତି ପ୍ରକାଶ କରିଥିଲେ । ଓଡ଼ିଆ ସାହିତ୍ୟର କବିମାନେ ନିଜ ଲେଖନୀରେ ସାଂପ୍ରତିକ ସମୟର କଥା କହିବା ସହିତ ଓଡ଼ିଆ ଭାଷାର ବହୁଳ ପ୍ରୟୋଗକୁ ସୁଦୁରପ୍ରସାରୀ କରିବାରେ ସହାୟକ ହୋଇପାରିଛି ବୋଲି ମଧ ଆଲୋଚକମାନେ ମତପ୍ରକାଶ କରିଥିଲେ । ସେହିପରି ନିଜର ମାତୃଭାଷା ସାଙ୍ଗକୁ ବୈଦେଶିକ ଭାଷାର



ବ୍ୟବହାରକୁ ମଧ ଗ୍ରହଣ କଲେ ଯାଇ ନିଜ ମାତୃଭାଷା ଅଧିକ ଶାଣିତ ହୋଇପାରିବ ବୋଲି ଅଧକ୍ଷା ତଥା ସଭାପତି ଡକଟର ସାଗରିକା ସିଂହ ନିଜ ବକ୍ତବ୍ୟରେ କହିଥିଲେ । ଏହି ସମ୍ମାନ ଆୟୋଜନ ପରିପ୍ରେକ୍ଷୀରେ ଓଡ଼ିଆ ଭାଷା ସଂପର୍କରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷ ଭାଗରେ ବିଭାଗୀୟ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଉପସ୍ଥିତ ଅତିଥି ଓ ଛାତ୍ରୀମାନେ କବିତା ପାଠ କରିଥିଲେ । ଏହି ସମ୍ମାନରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା, ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ିଆ, ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ, ଖୁଣ୍ଟାର ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ଡଃ ଲମ୍ବୋଦର ନାୟକ ସମ୍ମାନ ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ ଓ ବିଭାଗୀୟ ଅଧ୍ୟାପକ ଡକ୍ଟର ଚନ୍ଦ୍ରଶେଖର ଦାସ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଡକଟର ମନୋରଞ୍ଜନ ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ନୀତି ଆୟୋଗର ସମ୍ପୂର୍ଣ୍ଣତା ଅଭିଯାନ




ଠାକୁରମୁଣ୍ଡା,(ସବ୍ୟ): ଭାରତ ସରକାରଙ୍କ ନୀତି ଆୟୋଗ ଆନୁକୂଲ୍ୟରେ ଠାକୁରମୁଣ୍ଡା ବ୍ଲକ ସଭା ଗୃହରେ ସମ୍ପୂର୍ଣ୍ଣତା ଅଭିଯାନ ୨-୦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ସପ୍ନେଶର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୀତି ଆୟୋଗ ଓ୍ୱାଇପି କାବ୍ୟା ରାଓ, ଏପିଡି ଜୀବନ ଜୀବିକା ମଧୁସ୍ମିତା ଭୂୟାଁ,ସିଡିପିଓ ପ୍ରେମଲତା ସେଠି, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ନୀତି ଆୟୋଗ ସ୍ଥିର କରିଥିବା ୬ ଟି ସୂଚକାଙ୍କ ବିଭାଗୀୟ ସହଯୋଗ ମାଧ୍ୟମରେ କିପରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ହାସଲ କରାଯାଇଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୟୁରଭଞ୍ଜ ଜିଲ୍ଲାର ଆକାଂକ୍ଷୀ ବ୍ଲକ ଭାବେ ଠାକୁରମୁଣ୍ଡା ବ୍ଲକ ଚିହ୍ନଟ ହୋଇଥିବାରୁ ୬ ଟି ସୂଚକାଙ୍କ ଉପରେ ଅଧିକ ଗୁରୁତ୍ୱର ସହ କାର୍ଯ୍ୟ ହେଉଛି । ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିକର ବିକଳ୍ପ ଖାଦ୍ୟ ସହାୟତା, ମଧୁମେହ ସ୍ଥିତି, ଉଚ୍ଚ ରକ୍ତଚାପ ଏବଂ ଏସଏଚଜିଙ୍କ ଘୂର୍ଣ୍ଣନ ପାଣ୍ଠି ଉପରେ ବିଶେଷ ଅନୁଧ୍ୟାନ କରାଯାଇ ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା ।୨୬ ତାରିଖରେ ବ୍ଲକ ପରିସରରେ ୬୦ ଜଣଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିଲା । କୃଷି ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅନ୍ୟ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ । ଅସ୍ପାଇରେସନାଲ ବ୍ଲକ ସହଯୋଗୀ ତାପସ କୁମାର ଦାସ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ପ୍ରେମ ବିବାହର କରୁଣ ପରିଣତି

# ଶ୍ୱଶୁରକୁ ପେଟ୍ରୋଲ ଢାଳି ମାରିଦେଲା ଜ୍ୱାଇଁ

ବାଲେଶ୍ୱର, (ସବ୍ୟ): ପ୍ରେମ ବିବାହର କରୁଣ ପରିଣତି ସ୍ୱରୂପ ଜ୍ୱାଇଁ ପେଟ୍ରୋଲ ଢ଼ାଳି ଶ୍ୱଶୁରଙ୍କୁ ମାରିଦେଇଛି । ପ୍ରଥମେ ଜୀବନରୁ ସ୍ତ୍ରୀଙ୍କୁ ମାରିବା ଉଦ୍ୟମ କରୁଥିବା ବେଳେ ପ୍ରେଟୋଲ ନିଆଁରେ ଶ୍ୱଶୁର ଗୁରୁତର ହୋଇଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଏମିତି ଘଟଣା ଘଟିଥିଲା ଗତ ୧୭ ତାରିଖ ରାତିରେ ।ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧିନ ନାରାୟଣପୁର ଗ୍ରାମର ରାଜେନ୍ଦ୍ର ସାମନ୍ତରାୟ ତାଙ୍କ ଝିଅ ସୋର ଅଞ୍ଚଳର ମାଣତ୍ରୀ ଗ୍ରାମର କରୁଣାକର କବିଙ୍କୁ ସାତ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ତେବେ ବିବାହର କିଛି ବର୍ଷ ସାଂସାରିକ ଜୀବନ ବେଶ ଠିକ ଠାକ ଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଦୁହିଁଙ୍କ ମଧ୍ୟରେ ବିଭିନ୍ନ କାରଣରୁ ବିବାଦ ତଥା ମନୋମାଳିନ୍ୟ ଦେଖା ଦେବା ସହ ଶେଷରେ ମାମଲା ଥାନାକୁ ଯାଇଥିଲା।ଗତ ଏକମାସ ହେବ ସ୍ୱାମୀଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଝିଅ ବାପ ଘର ନାରାୟଣ ପୁରକୁ ପଳାଇ ଆସିଥିଲେ । ଗତ ୧୭ ତାରିଖ ରାତିରେ କରୁଣାକର ଶ୍ୱଶୁର ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଉତକ୍ଷିପ୍ତ ହୋଇ ସାଙ୍ଗରେ ଆଣି ଥିବା ପେଟ୍ରୋଲ ସ୍ତ୍ରୀ ଉପରକୁ ପକାଇ ନିଆଁ ଲଗାଇବା ଉଦ୍ୟମ ବେଳେ ଶ୍ୱଶୁର ବାଧା ଦେଇଥିଲେ।ତେବେ ନର ରାକ୍ଷସ ସାଜିଥିବା ଜ୍ୱାଇଁ ଶ୍ୱଶୁର ଦେହରେ ନିଆଁ ଲଗାଇ ଦେଇଥିଲେ । ଚିତ୍କାର ଶୁଣି ସ୍ଥାନୀୟ ଲୋକ ପହଞ୍ଚି ଜ୍ୱାଇଁଙ୍କୁ କାବୁ କରି ପୋଲିସରେ ଜିମା ଦେବା ସହ ଗୁରୁତର ଶ୍ୱଶୁରଙ୍କୁ ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଏବଂ ଅବସ୍ଥା ଅଧିକ ଗୁରୁତର ହେବା ପରେ କଟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ଶ୍ୱଶୁର ରାଜେନ୍ଦ୍ର ସାମନ୍ତରାୟଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଏହି ଘଟଣାରେ ଜ୍ୱାଇଁଙ୍କୁ ବାଲିଆପାଳ ପୋଲିସ କୋର୍ଟ ଚାଲାଣ କରିଛି । ତେବେ ପରିବାରର ଅଗୋଚରରେ ପ୍ରେମ ବିବାହ କରିବା କେତେଯେ ଭୟାନକ ରୂପ ନେଇପାରେ, ସେନେଇ ସାଧାରଣରେ ଚର୍ଚ୍ଚା ହେଉଛି ।

# ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ : ବୃଦ୍ଧା ଅଟକ

ବାଲେଶ୍ୱର ,(ସବ୍ୟ): ପିଲା ଚୋରି ଘଟଣାକୁ ନେଇ ନୁରୁପୁର ରୋଡ଼ ରେ ଗୁରୁବାର ଅପରାହ୍ନ୨ଟାରେ ଉତ୍ତେଜନା ଲାଗି ରହିଥିଲା। ଗୁରୁବାର ଦିନ ପରମିଟ ଘାଟ ଅଞ୍ଚଳର ଦ୍ୱିତୀୟ ଶ୍ରେଣୀର ଜନୈକା ଛାତ୍ରୀ ନୁରୁପୁର ରୋଡ଼ ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାହାରେ ସ୍କୁଲ ବ୍ୟାଗ ଧରି ଛିଡା ହୋଇଥିବା ବେଳେ ଜନୈକା ବୃଦ୍ଧା ମହିଳା ପିଲା ଟିକୁ ଚକୋଲେଟଦେବାର ପ୍ରଲୋଭନ ଦେଖାଇ ଅଜଣା ସ୍ଥାନକୁ ନେଇଯାଉଥିଲା । ଏହାକୁ ଛାତ୍ରୀଙ୍କ ମା ଅପର ପାର୍ଶ୍ୱ ରୁ ଆସୁଥିବା ଦେଖି ଥିଲେ। କୁନି ଛାତ୍ରୀ ଜଣଙ୍କ ନିଜ ମାଙ୍କୁ ସବୁ କଥା କହିବା ପରେ ମା ସ୍ଥାନୀୟ ଲୋକଙ୍କୁ ଡାକିବାରୁ ଲୋକେ ତୁରନ୍ତ ଟାଉନ ଥାନାକୁ ସୂଚନା ଦେଇଥିଲେ। ତେବେ ମହିଳା ଜଣଙ୍କ କୌଣସି ପ୍ରଶ୍ନର ଉତ୍ତର ଦେଇ ନଥିଲେ। ପୋଲିସ ମା ଝିଅ ଓ ସମ୍ପୃକ୍ତ ଅପରିଚିତା ବୃଦ୍ଧାଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ମହିଳାଙ୍କ ପରିଚୟ ମିଳି ପାରି ନାହିଁ। ତେବେ ମହିଳାଙ୍କ ବେଶଭୂଷାରୁ ସେ କୌଣସି ଦକ୍ଷିଣାତ୍ୟ ରାଜ୍ୟର ବୋଲି ସନ୍ଦେହ କରାଯାଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

# ମଦ ଜବତ, ଜଣେ ଗିରଫ

ବନ୍ତ,(ସବ୍ୟ) :ବନ୍ତ ଥାନା ଅଧିନ ଦେବତାଗଡିଆ ଗ୍ରାମ୍ୟ ରାସ୍ତା ନିକଟରେ ଗୁରୁବାର ଦିନ ପୋଲିସ ପକ୍ଷରୁ ଚଢାଉ କରାଯାଇ ୧୬ ଲିଟର ବିଦେଶୀ ମଦ ସହିତ ବ୍ୟବହୃତ ମୋଟର ସାଇକେଲକୁ ଜବତ କରାଯାଇଛି । ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ବ୍ୟକ୍ତି ଜଣକ କେନ୍ଦୁଝର ଜିଲା ସୋସୋ ଥାନା ଅଧିନ ଭଦ୍ରାଗଡିଆ ଗ୍ରାମର ସୁକଦେବ ବେହେରା ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି । ପ୍ରକାଶ ଯେ, ପୂର୍ବାହ୍ନ ୧୧ଟା ୩୦ ବେଳେ ଦେବତାଗଡିଆ ଗ୍ରାମ୍ୟ ରାସ୍ତା ନିକଟରେ ଜଣେ ବ୍ୟକ୍ତି ବିକ୍ରି ଉଦ୍ଦେଶ୍ୟରେ ବେଆଇନ ଭାବେ ବିଦେଶୀ ମଦ ପରିବହନ କରୁଥିବା ନେଇ ନିୟମିତ ପେଟ୍ରୋଲିଂ ସମୟରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରିଥିଲା । ଯାଞ୍ଚ ପରେ ମଦ ରଖିବା ଏବଂ ପରିବହନ ସମର୍ଥନରେ କୌଣସି ବୈଧ କାଗଜପତ୍ର କିମ୍ବା ଲାଇସେନ୍ସ ଦେଖାଇ ନପାରିବାରୁ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ୧୬ ଲିଟର ବିଦେଶୀ ମଦ ସହିତ ଓଡି୦୯-ଆର-୮୭୫୪ ନମ୍ବର ବିଶିଷ୍ଟ ମୋଟର ସାଇକେଲକୁ ଜବତ କରିଥିଲା । ଏନେଇ ବନ୍ତ ଥାନାରେ ୭୬/୨୬ ଓଡିଶା ଅବକାରୀ ଆଇନ ମୂଳେ ମାମଲା ରୁଜୁ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଅପରପକ୍ଷେ ବନ୍ତ ପୋଲିସ ପକ୍ଷରୁ ବେଆଇନ ମଦ କାରବାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅଭିଯାନ ଜାରି ରହିଥିବା ସୂଚନା ମିଳିଛି ।

# ଜଳିଗଲା ଦୁଇ ବଖରା

ସୋର,(ସବ୍ୟ):: ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଡିଖୋଲ ଗ୍ରାମରେ ଅଗ୍ନିକାଣ୍ଡରେ ଦୁଇ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ଏହି ଗ୍ରାମର ଦୁର୍ଗା ଭକ୍ତା ଗୁରୁବାର ମଧ୍ୟାହ୍ନରେ ରୋଷେଇ କରୁଥିବା ବେଳେ ହଠାତ ଚୁଲିରୁ ନିଆଁ ଲାଗି ତାଙ୍କ ଚାଳଘରେ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୨ ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଦୁର୍ଗା ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ୧୬ ନଂ ଜାତୀୟ ରାଜପଥରେ ଅଟକିଲା ଶହ ଶହ ଗାଡ଼ି

ଭଦ୍ରକ, (ସବ୍ୟ): ବୁଧବାର ରାତି ୧୨ଟାରୁ ଜାମ ରହିଛି ୧୬ ନଂ ଜାତୀୟ ରାଜପଥ । ଭୁବନେଶ୍ୱରରୁ ବାଲେଶ୍ୱର ବାରିପଦା ଅଭିମୁଖେ ଯାଉଥିବା ଶହ ଶହ ଗାଡି ୮ ଘଣ୍ଟା ଧରି ଅଟକି ରହିଥିଲେ । ଯାତାୟତ ଏକ ପ୍ରକାର ଠପ ହୋଇଥିଲା । ଭଦ୍ରକ ଗ୍ରାମାଞ୍ଚଳ ଥାନା ରାହାଞ୍ଜା ନିକଟରେ ରାଜପଥ କାମ ଚାଲୁଥିବା ବେଳେ ସିଙ୍ଗଲ ରୋଡ଼ରେ ଯାତାୟତ ଚାଲିଥିଲା । ସେହି ରାସ୍ତାରେ ଏକ ଟ୍ରକ ରାତିରୁ ବ୍ରେକ ଡାଉନ ହୋଇ ଅଟକି ରହିଥିବାରୁ ଏପରି ଜାମ ସୃଷ୍ଟି ହୋଇଛି । ଗୁରୁବାର ସକାଳ ବେଳକୁ ରାଜପଥ ସମେତ ଚରମ୍ପା ସର୍ଭିସ ରୋଡ଼ ମଧ୍ୟ ପୁରାପୁରି ଜାମ ହୋଇଛି। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଯାମ ହଟାଇବାକୁ ଉଦ୍ୟମ ଆରମ୍ଭ କରିଛି । ତେବେ ଏପରି ଜାମ ନୂଆ ନୁହେଁ । ଅଧିକାଂଶ ବେଳେ ଏହି ରାସ୍ତାରେ ଜାମ ହେଉଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ବାଉଁଶ ଚାଷୀ, ଶିଳ୍ପ ପ୍ରତିଷ୍ଠାନର ତାଲିମ ଶିବିର

ବେତନଟୀ,(ସବ୍ୟ): ଓଡ଼ିଶା ବାଉଁଶ ଉନ୍ନୟନ ସଂସ୍ଥା(ଓବିଡିଏ) ଆନୁକୂଲ୍ୟରେ ବେତନଟୀ ବ୍ଲକ ଦହିକୋଟୀ ପଞ୍ଚାୟତ ଅଧୀନ ଭାଲିଆଠାରେ ବାଉଁଶ ଶିଳ୍ପ ପ୍ରତିଷ୍ଠାନ, ଚାଷୀ ଏବଂ କାରିଗରଙ୍କୁ ନେଇ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ କରିବାକୁ କ୍ଷେତ୍ରସ୍ତରୀୟ ଆଲୋଚନା ସହିତ ୭ଦିନିଆ ପ୍ରଶିକ୍ଷଣ ଶିବିର ଆନୁଷ୍ଠାନିକ ଭାବେ ଉଦ୍ଘାଟନ ହୋଇଯାଇଛି। ମା' ମନସା ଏସଏଚଜି ଦ୍ୱାରା ପ୍ରତିଷ୍ଠିତ ତଥା ଆନନ୍ଦ ମହାନ୍ତଙ୍କ ଦ୍ୱାରା ପରିଚାଳିତ ବାଉଁଶ ଚାଷ ଏବଂ ବାଉଁଶ ଶିଳ୍ପ ପ୍ରତିଷ୍ଠାନରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାଉଁଶ ଚାଷୀ, ବାଉଁଶ କାରୀଗର ଏବଂ ବାଉଁଶ ଶିଳ୍ପ ପ୍ରତିଷ୍ଠାନର କର୍ତ୍ତୃପକ୍ଷ ଯୋଗ ଦେଇଥିଲେ ସଫଳ ବାଉଁଶ ଶିଳ୍ପ ବ୍ୟବସାୟୀ ଆନନ୍ଦ ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ପରିଚାଳିତ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତଥା ଭାରତୀୟ ବନସେବା ଅଧିକାରୀ ଭି.କାର୍ତିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାୟୋ ଫୁଏଲ ଭାରତ ପ୍ରାଇଭେଟ ଲିମିଟେଡ କମ୍ପାନୀ ସିଇଓ ହାଜି ଶେଖ, ଆୟୋଜକ ମା'ମନସା ଏସଏଚଜି ପକ୍ଷରୁ ତିଳୋତ୍ତମା ମହାନ୍ତ, ଗୋବିନ୍ଦ ମହାପାତ୍ର, ରଘୁନାଥ ମହାପାତ୍ର, ବେତନଟୀ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାୟକ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ରତିକାର ବେହୁରା, ବନରକ୍ଷୀ ଶିବଶଙ୍କର ଦାସ, ଅଭିଜିତ ପାଢୀ, ସାଗର ଦାସ, ସତ୍ୟଜିତ ସାମଲ, ଅଭୀମାୟା ବରାଳ, ଚିନ୍ମୟ ଗିରି ଅତିଥିଗଣ ଯୋଗ ଦେଇଥିଲେ। ବଣ ଜଙ୍ଗଲ ଘେରା ମୟୂରଭଞ୍ଜ ଜିଲ୍ଲାର ଜଳବାୟୁ, ପାଣିପବନ ଏବଂ ମୃତ୍ତିକା ବିଭିନ୍ନ ପ୍ରକାର ବାଉଁଶ ଚାଷ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ହୋଇଥିବା ବେଳେ ବାଉଁଶଚାଷ ଏବଂ ବାଉଁଶ ଶିଳ୍ପ ଦାରା କିଭଳି ଜଣେ ରୋଜଗାରକ୍ଷମ ହେବା ସହିତ ବାଉଁଶଶିଳ୍ପ ପ୍ରତିଷ୍ଠାନ କରି ଅନ୍ୟମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବ ସେନେଇ ଅତିଥିଗଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ ସମେତ ଜିଲ୍ଲାର ବିଭିନ୍ନ ବ୍ଲକରୁ ବାଉଁଶଚାଷୀ, ବାଉଁଶ କାରିଗର ଏବଂ ବାଉଁଶଶିଳ୍ପ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ସମାପନ ପରେ ଭାଲିଆସ୍ଥିତ ବାଉଁଶ ଶିଳ୍ପ ପ୍ରତିଷ୍ଠାନର ପ୍ରତିଷ୍ଠାତା ଆନନ୍ଦ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗନ୍ନାଥ ସୋସାଇଟି ନାମରେ ଅଢେଇ କୋଟି ଟଙ୍କା ଠକେଇ ଅଭିଯୋଗ

ଦୋବଲ, (ସବ୍ୟ): ଧାମନଗର ବ୍ଲକ ଅନ୍ତର୍ଗତ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତରେ କାର୍ଯ୍ୟରତ ବେସରକାରୀ ଜଗନ୍ନାଥ ସୋସାଇଟି ମାଧ୍ୟମରେ ଅଢେଇ କୋଟି ଟଙ୍କାର ଠକେଇ ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି। ସଦସ୍ୟମାନଙ୍କ ଅଭିଯୋଗ ଅନୁଯାୟୀ,ଗ୍ରାମାଂଚଳର ଲୋକମାନଙ୍କ ଛୋଟ ଛୋଟ ସଂଚୟକୁ ସୁରକ୍ଷିତ ରଖିବା ଓ ଆପତ୍କାଳୀନ ସମୟରେ ସାହାଯ୍ୟ ଯୋଗାଇବା ଉଦ୍ଦେଶ୍ୟରେ ପ୍ରାୟ ୧୦ବର୍ଷ ପୂର୍ବେ ଏହି ସୋସାଇଟି ଗଠନ କରାଯାଇଥିଲା। ଏହି ଆଶାରେ ୩ଟି ପଂଚାୟତର ପ୍ରାୟ ୧୨୦୦ସଦସ୍ୟ ସୋସାଇଟ ସହ ଯୋଡ଼ି ହୋଇଥିଲେ। ପ୍ରତ୍ୟେକ ସଦସ୍ୟ ଆରମ୍ଭରେ ୧ହଜାରରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଡିପୋଜିଟ କରିଥିବା ସହ ପରେ ପ୍ରତିମାସ ୧୦୦ଟଙ୍କା ହିସାବରେ ଜମା ରଖୁଥିଲେ। ସଦସ୍ୟମାନଙ୍କ ଦାବି ଅନୁଯାୟୀ,ସୋସାଇଟି ମାଧ୍ୟମରେ ମୋଟ ପ୍ରାୟ ୨କୋଟି ୪୦ଲକ୍ଷ ଟଙ୍କାର ଲେଣଦେନ ହୋଇଥିଲା। ସୋସାଇଟିର ସେକ୍ରେଟାରୀ ଭାବେ କାର୍ଯ୍ୟରତ ଥିବା ଦିଲ୍ଲିପ ମାଝୀ ଗତ ୨ବର୍ଷ ହେବ ଏହି ୨କୋଟି ୪୦ଲକ୍ଷ ଟଙ୍କାର କୌଣସି ହିସାବ ଦେଉନାହାନ୍ତି କି ସଦସ୍ୟଙ୍କ ଜମା ଟଙ୍କା ଫେରାଉନାହାନ୍ତି। ଯାହାପାଇଁ ସୋସାଇଟି ବନ୍ଦ ହୋଇ ରହିଛି। ଏହାକୁ ନେଇ ସଦସ୍ୟ ରମେଶ ପରିଡା,ବାବାଜୀଚରଣ ନାଥ,ଅଶୋକ ରଣା,ଅରୁଣ ପରିଡ଼ା,ପର୍ଶୁରାମ ସାହୁ,କାଳନ୍ଦୀ ସାହୁ,ଚକ୍ରଧର ସାହୁ ପ୍ରମୁଖ ସଦସ୍ୟ ଏକତ୍ରିତ ହୋଇ ଆଜି ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାକୁ ଗୁରୁତ୍ୱର ସହିତ ନେଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ପଞ୍ଚାୟତସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଜିଲ୍ଲା ସଞ୍ଚାଳନ ସମିତି ବୈଠକ

କେନ୍ଦୁଝର, (ସବ୍ୟ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ଓ ନଗରଉନ୍ନୟନ ବିଭାଗର ମିଳିତ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲାର ଚାରିଗୋଟି ବ୍ଲକର ମୋଟ ୮୪ଟି ଗ୍ରାମ ପଞ୍ଚାୟତରୁ ସ୍ୱଚ୍ଛଭାରତ ମିଶନ ଗ୍ରାମୀଣ କାର୍ଯ୍ୟକ୍ରମ ଅଧିନରେ ସଂଗ୍ରହ କରାଯାଉଥିବା ଶୁଖିଲା ବର୍ଜ୍ୟବସ୍ତୁ ଏବଂ ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ସିଧାସଳଖ ଭାବରେ ଗୃହ ଓ ନଗରଉନ୍ନୟନ ବିଭାଗ ଅଧିନରେ ଥିବା ଏହି ପାଞ୍ଚୋଟି ନଗର ପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା ସଂଗ୍ରହ କରାଯିବା ପାଇଁ ଆଲୋଚନା ହୋଇଥିଲା । ଜିଲ୍ଲାର ଆନନ୍ଦପୁର ପୌରପରିଷଦ, କେନ୍ଦୁଝରଗଡ ପୌରପରିଷଦ, ଯୋଡ଼ା ପୌରପରିଷଦ, ବଡ଼ବିଲ ପୌରପରିଷଦ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ଗୁଡ଼ିକରେ ନିର୍ମାଣ ହୋଇଥିବା ଏମ.ଆର.ଏଫ ଗୁଡ଼ିକୁ ଏହି କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଯିବା ସହିତ ଏହାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏକ ରୁଟ ଚାର୍ଟ ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଥିଲା ।ଏଥି ସହ ଜିଲ୍ଲାର ମୋଟ ୨୨ଗୋଟି ପର୍ଯ୍ୟଟନ ସ୍ଥଳୀ ଓ ଏହା ସଂଲଗ୍ନ ମୁଖ୍ୟ ରାସ୍ତା ପାର୍ଶ୍ୱ ପର୍ଯ୍ୟଟକ ପ୍ରଭାବିତ ଗ୍ରାମ ଓ ଏହା ଅନ୍ତର୍ଗତ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସହାରାଞ୍ଚଳ ଗୁଡିକରେ ନିତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ପରିମାଣର ସର୍ଭେ କରାଯାଇ ଏହି ପର୍ଯ୍ୟଟନ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ନିୟମିତ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବା ସହ ଏହି ଅଞ୍ଚଳର ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗୃହ ଓ ନଗରଉନ୍ନୟନ ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ପ୍ରୟାସରେ ଏକ କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା । ଏହି ଜିଲ୍ଲା ସ୍ତରୀୟ ସଂଚାଳନ ସମିତି ବୈଠକରେ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କେନ୍ଦୁଝରର ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗେନ୍ଦ୍ର ସିଂ, ରାଜ୍ୟ ସ୍ତରୀୟ ପରିମଳ ପରାମର୍ଶଦାତା, ଇଉନିସେଫ ରିସୋର୍ସ ପର୍ସନ ଭାବରେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧି, ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପରିଷଦ ଓ କରଞ୍ଜିଆ ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପରିମଳ ପ୍ରକଳ୍ପ ଅଧିକାରୀ ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପରିଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ନଗର ଉନ୍ନୟନ ସଂସ୍ଥା, କେନ୍ଦୁଝର ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ କିଭଳି ଭାବରେ ସୁଚାରୁ ରୂପେ ବରାନ୍ୱିତ କରାଯିବ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ

ଭଦ୍ରକ,(ସବ୍ୟ): ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଭଦ୍ରକର ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ଜନଗଣନା ଅଧିକାରୀ,ଚାର୍ଜ ଜନଗଣନା ଅଧିକାରୀ,କାର୍ଯ୍ୟାଳୟ କର୍ମଚାରୀ ଏବଂ ଅସ୍ଥାୟୀ ପ୍ରାଯୁକ୍ତିକ ସହାୟକମାନଙ୍କ ପାଇଁ ଦ୍ୱିଦିନିଆ ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ ହେଲା ଆସନ୍ତା ଜନଗଣନା କାର୍ଯ୍ୟରେ ଜିଲ୍ଲା ଏବଂ ଚାର୍ଜସ୍ତରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ନିଜ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସ୍ପଷ୍ଟ ଏବଂ ସମ୍ପୂର୍ଣ୍ଣ ଧାରଣା ଲାଭ କରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜନଗଣନା କାର୍ଯ୍ୟର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ପ୍ରଣାଳୀ,ବିଶେଷକରି ଘରତାଲିକା ଓ ଗୃହ ଜନଗଣନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅଂଶଗ୍ରହଣକାରୀମାନଙ୍କୁ ଜନଗଣନା ସମୟରେ ବ୍ୟବହୃତ ଧାରଣା ଓ ପରିଭାଷା ସହିତ ପର୍ଯ୍ୟାୟରେ ପଚାରାଯିବାକୁ ଥିବା ପ୍ରଶ୍ନସମୂହ ବିଷୟରେ ଅବଗତ କରାଯାଇଛି। ଡିଜିଟାଲ ତଥ୍ୟପରିଚାଳନା,ନିରୀକ୍ଷଣ ଓ ପ୍ରତିବେଦନକୁ ସୁଚାରୁ ଭାବେ କାର୍ଯ୍ୟକାରିତ କରିବା ପାଇଁ ଏବଂ ୱେବ୍ ଆପ୍ଲିକେସନର ବିଶେଷତା ଓ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ମଧ୍ୟ ଅଧିକାରୀମାନଙ୍କୁ ପରିଚିତ କରାଯାଇଛି। ରାଜ୍ୟରେ କାର୍ଯ୍ୟ ସମାପ୍ତ ହେବା ପରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କିତ କ୍ଷେତ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଏହି ଅବସରରେ ଉଲ୍ଲେଖ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ପ୍ରଶାସନିକ ପ୍ରସ୍ତୁତିକୁ ସୁଦୃଢ଼ କରି ଭଦ୍ରକ ଜିଲ୍ଲାରେ ଜନଗଣନା କାର୍ଯ୍ୟକୁ ସଠିକ୍,ସୁସଂଗଠିତ ଓ କାର୍ଯ୍ୟକ୍ଷମ ଭାବେ ପରିଚାଳନା କରିବା ଲକ୍ଷ୍ୟ ରହିଛି। ଉକ୍ତ ଜନଗଣନା କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ,ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଓ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଆସନ୍ତା ଜନଗଣନା କାର୍ଯ୍ୟକୁ କିପରି ସୁଚାରୁ ଭାବେ କରାଯାଇପାରିବ ସେଥିପାଇଁ ପୂର୍ବ ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦେବାକୁ ସେମାନେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପରିବେଶ ସୁରକ୍ଷା ଅଭିଯାତ୍ରୀ ଦଳକୁ ସ୍ୱାଗତ

ବାଲେଶ୍ୱର, (ସବ୍ୟ): ବଡ଼ ବଡ଼ କାରଖାନା ବଡ଼ ସପିଂ ମଲ , ଚଉଡା ରାସ୍ତା ହୋଇଗଲେ ବିକାଶ ହୁଏ ନାହିଁ। ବିକାଶ କହିଲେ ପ୍ରତେ୍ୟକ ମଣିଷ ର ବିକାଶ, ଆତ୍ମ ସମ୍ମାନର ସହ ବଂଚିବା, ପରିବେଶ ର ସୁରକ୍ଷା କରି ଜୀବନ ଜୀବିକା ର ବିକାଶ କୁ ହିଁ ବିକାଶ କୁହାଯାଏ। କିଛି ପୁଞ୍ଜିବାଦୀଙ୍କ ବିକାଶ ହେଲେ ସାରା ବିଶ୍ୱର ମାନବ ଜାତିର ବିକାଶ ହୁଏ ନାହିଁ।ଗୁରୁବାର ଦିନି ସିଭିଲ ସୋସାଇଟି, ବାଲେଶ୍ୱର ପକ୍ଷରୁ ଜଙ୍ଗଲ ଜମି ଓ ପରିବେଶ ର ସୁରକ୍ଷା ପାଇଁ ଭୁବନେଶ୍ୱର ରୁ ବାହାରିଥିବା ଅଭିଯାତ୍ରୀ ଦଳକୁ ସ୍ଥାନୀୟ ଷ୍ଟେସନ କ୍ଲବରେ ସମ୍ବର୍ଦ୍ଧନା ଦେବା ଅବସର ରେ ଅଭିଯାତ୍ରୀ ଦଳର ନେତା ମା ଗା ସେ ସ ପୁରସ୍କାର ପ୍ରାପ୍ତ ପରିବେଶ ବିତ ପ୍ରଫୁଲ୍ଲ ସାନ୍ତରା ଏହା ଉଲ୍ଲେଖ କରିଛନ୍ତି। ବିକାଶ ଆଳରେ ଜଙ୍ଗଲ, ଜମି ଓ ମାଟି ତଳେ ଗଚ୍ଛିତ ମୂଲ୍ୟବାନ ଖଣିଜ ଦ୍ରବ୍ୟକୁ ଦୋହନ କଲେ ଆଗାମୀ ବଂଶଧରର ସତ୍ତା ରହିବ ନାହିଁ । ସରକାର ରାଜସ୍ୱ ଆଦାୟ ଓ କିଛି ଅର୍ଥର ଲୋଭରେ ପଡି ନିଜ ଭବିଷ୍ୟତର ଆଗାମୀ ପିଢୀକୁ ନଷ୍ଟ କରିବାକୁ ଶପଥ ନେଲାଭଳି ଲାଗୁଛି। ତେବେ ସାଧାରଣ ଜନତା ଓ ଜନ ଜାତି ତଥା ବୁଦ୍ଧିଜୀବୀ ମାନେ ଏ ପ୍ରକାର ବିକାଶକୁ ଖୋଲା ଖୋଲି ଭାବେ ବିରୋଧ କରିବା ଆବଶ୍ୟକ ବୋଲି ଶ୍ରୀ ସାନ୍ତରା କହିଛନ୍ତି ।

# କଂକ୍ରିଟ ରାସ୍ତାକୁ ତାଡିଦେଇ ଠିକାଦାର ଛୁ , ଲୋକେ ହନ୍ତସନ୍ତ

ଆନନ୍ଦପୁର ,(ସବ୍ୟ): ଆନନ୍ଦପୁର ବ୍ଲକ ବେଲବାହାଲୀ ଉପରସାହି ରାସ୍ତାରେ ଆଣ୍ଠୁଏ ଖାଲଖମା ହୋଇ ପଡିଛି । ପାଣି ପାଇପ ବିଛାଉଥିବା ଠିକାଦାର ଭଲ କଂକ୍ରିଟ ରାସ୍ତାକୁ ତାଡିଦେଇ ଅଧାପନ୍ତରିଆ କାଦୁଅ ପଚପଚ କରି ଛୁ ମାରିଛି । ମଙ୍ଗଳବାର ରାତିରେ ଝିପିଝିପି ବର୍ଷାରେ ରାସ୍ତା ଉପରେ କାଦୁଅ ବିଲ ଭଳି ଦୃଶ୍ୟ ଦେଖିବାକୁ ମିଳିଛି ।ଯାହା ଫଳରେ ସ୍ଥାନୀୟ ଲୋକମାନେ ଯିବା ଆସିବା କରିପାରୁ ନାହାନ୍ତି । ପାଣି କାଦୁଅରେ ହନ୍ତସନ୍ତ ହେଉଛନ୍ତି ଜନସାଧାରଣ । ଆର୍ଡି ରୋର୍ଡକୁ ୪ଫୁଟ ଗଭୀର ଖୋଳି ସମ୍ପୂର୍ଣ୍ଣ ରାସ୍ତାକୁ ଭାଙ୍ଗି ଦେଇ ମରାମତି ନକରି ଠିକାଦାର ଏକମାସ ହେବ ଛୁ ମାରିଛି । ଯାହା ଫଳରେ ପ୍ରତେକ ଦିନି ଛାତ୍ରଛାତ୍ରୀ ମାନେ ସ୍କୁଲ କଲେଜ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି କୌଣସି ରାଜନେତା କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ପାଳନ

ଭଦ୍ରକ,(ସବ୍ୟ) :ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ,ଓଡ଼ିଆ ସାହିତ୍ୟର ମହାନ କବି ଓ ବନ୍ଦେ ଉତ୍କଳ ଜନନୀର ଅମର ରଚୟିତା,ଭଦ୍ରକର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ପାଳନ କରାଯାଇଛି । ଏହି ଉପଲକ୍ଷେ ମଙ୍ଗଳବାର ଦିନି ଭଦ୍ରକ ବାଇପାସ୍ ଛକରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ,ସଂସ୍କୃତି ବିଭାଗ ଅଧିକାରୀ,ଉତ୍କଳ ସର୍ବୋଦୟ ମଣ୍ଡଳ,ତ୍ୟାଗଭୂମି ସଦସ୍ୟମାନଙ୍କ ସହିତ ବିଭିନ୍ନ ସାହିତ୍ୟପ୍ରେମୀ ଓ ସାମାଜିକ କର୍ମୀମାନେ ଉପସ୍ଥିତ ରହି କାନ୍ତକବିଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଦିଲୀପ ରାଉତରାଏ କାନ୍ତକବିଙ୍କ ଅମର ରଚନା ବନ୍ଦେ ଉତ୍କଳ ଜନନୀ ଓଡ଼ିଆ ଜାତିର ଅସ୍ମିତା,ଏକତା ଓ ଦେଶପ୍ରେମର ପ୍ରତୀକ। ତାଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ିଙ୍କୁ ଦେଶ ଓ ରାଜ୍ୟ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ କାନ୍ତକବିଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନ,ସାହିତ୍ୟ ସାଧନା ଓ ଓଡ଼ିଆ ଅସ୍ମିତା ପାଇଁ ତାଙ୍କ ଅମୂଲ୍ୟ ତ୍ୟାଗକୁ ସ୍ମରଣ କରିଥିଲେ।

# ଶୁକ୍ରବାର ଠାରୁ ବନ୍ଦ ହେବ ସମିତି ମଣ୍ଡି : ଉଠୁନି ଧାନ

ଭଣ୍ଡାରିପୋଖରୀ,(ସବ୍ୟ): ଭଣ୍ଡାରିପୋଖରୀ ବ୍ଲକର ୮ ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ମଣ୍ଡିରେ ୫୩,୩୩୨ କ୍ୱିଣ୍ଟାଲ କ୍ରୟ ଧାନ ପଦାରେ ପଡି ଖରା, କାକର ଓ ବର୍ଷା ଖାଉଛି। ମିଲର କ୍ରୟ ଧାନ ନେଉନାହିଁ। ଖରିଫ ଧାନକ୍ରୟ ସମୟର ୨ ମାସ ଅତିକ୍ରାନ୍ତ ହୋଇଗଲାଣି। ମାତ୍ର ୪୦ ପ୍ରତିଶତ ଧାନ କ୍ରୟ କରାଯାଇଛି। ଅବଶିଷ୍ଟ ୬୦ ପ୍ରତିଶତ ଧାନ କ୍ରୟ ପାଇଁ ହାତରେ ମାତ୍ର ଏକମାସ ସମୟ ଅଛି। ସେଥିରେ ଟାର୍ଗେଟ ଭଳି ବାଧକ ଅଛି। ଯୋଗାଣ ବିଭାଗ ଟାର୍ଗେଟ ପ୍ରଦାନରେ ଅନିୟମିତତା କରୁଛି। ଜିଲ୍ଲାର ୫ ଟି ସ୍ୱୟଂ ସହାୟକ ମଣ୍ଡି ଧାନକ୍ରୟ ଲକ୍ଷ୍ୟ ସମାପ୍ତ କରିସାରିଲେଣି। ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ମଣ୍ଡିର ଧାନକ୍ରୟ ଲକ୍ଷ୍ୟ ସମାପ୍ତ ପରେ ମଧ୍ୟ ୮ ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ରହିଛି। ସମିତି ମଣ୍ଡି ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ସମିତି ମଣ୍ଡିକୁ ଟୋକେନ ଗୋଟିଏ ଅବଧି ବୃଦ୍ଧି ପାଇଁ ଦାଇତ୍ୱ ଦିଆଯାଇଛି। ପଞ୍ଜିକୃତ ପ୍ରତେ୍ୟକ ଚାଷୀଙ୍କ ଟୋକନ ତନଖି କରି ଅବଧି ବୃଦ୍ଧି ପାଇଁ ସୁପାରିଶ କରିବା ସମିତି ପକ୍ଷରେ ଆଦୌ ସମ୍ଭବ ନୁହେଁ। ସମିତି ମଣ୍ଡିର କ୍ରୟ ଅଧିକାରୀ ଚାଷୀଙ୍କ ଶରବ୍ୟ ହେଉଥିବା ବେଳେ ନୋଡାଲ ଅଧିକାରୀ ଓ ସୁପରଭାଇଜର ମଣ୍ଡିକୁ ଆସୁନାହାନ୍ତି କି ଚାଷୀଙ୍କ ରୋଷ ପ୍ରଶମିତ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଧାନକିଣା ପାଇଁ ସମିତିଗୁଡିକର ନିୟମିତ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଏହାର ଉପଯୁକ୍ତ ସମାଧାନ ଆଗାମୀ ୨ ଦିନ ମଧ୍ୟରେ ନହେଲେ ଆଗାମୀ ଶୁକ୍ରବାର ଠାରୁ ସମିତି ମଣ୍ଡିରେ ଧାନକିଣା ବନ୍ଦ କରାଯିବ ବୋଲି ପାକ୍ସ ସଂଘ ପକ୍ଷରୁ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଓ ଜିଲ୍ଲା ସମବାୟ ନିବନ୍ଧକଙ୍କୁ ବୁଧବାର ଲିଖିତ ଭାବେ ଜଣାଇ ଦିଆଯାଇଛି। ସଂଘ ସଭାପତି ପ୍ରକାଶ ଜେଯାତି ମହାକୁଡ, ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର, ବିଭିନ୍ନ ବ୍ଲକ ସଭାପତି ତନ୍ମୟ ମଲ୍ଲିକ, ରାଜେନ୍ଦ୍ର ଖଣ୍ଡାଇ, ଗୌରାଙ୍ଗ ନାୟକ, ଭରତ ଚନ୍ଦ୍ର ସାହୁ, ରାମଚନ୍ଦ୍ର ମହାକୁଡ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଅସୁବିଧା ଦୂର କରାଯିବ ବୋଲି ଯୋଗାଣ ଅଧିକାରୀ ଓ ସମବାୟ ନିବନ୍ଧକ ପ୍ରତିଶ୍ରୁତି ଦେଇଥିଲେ।

# ବ୍ୟାସ କବିଙ୍କ ପ୍ରତିମୂର୍ତ୍ତି ସୁରକ୍ଷିତ ସ୍ଥାନାନ୍ତର ଦାବିରେ ସଦର କଂଗ୍ରେସର ଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର



ବାଲେଶ୍ୱର, (ସବ୍ୟ): ବାଲେଶ୍ୱର ରେଳ ଷ୍ଟେସନର ସଂପ୍ରସାରଣ ଓ ଆଧୁନିକୀକରଣ କାର୍ଯ୍ୟଆରମ୍ଭ ହୋଇଥିବା ବେଳେ ଷ୍ଟେସନର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ପ୍ରତିଷ୍ଠାପିତ ବ୍ୟାସ କବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ପ୍ରତି ବିପଦ ସୃଷ୍ଟି ହୋଇଥିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସଦର କଂଗ୍ରେସ କମିଟି ଉଦବେଗ ପ୍ରକାଶ କରିଛି। ଦଳ ପ୍ରତିମୂର୍ତ୍ତି ସୁରକ୍ଷିତ ସ୍ଥାନାନ୍ତର ଦାବି କରି ଗୁରୁବାର ଦିନ ଷ୍ଟେସନ ମ୍ୟାନେଜରଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛି। ବ୍ୟାସ କବି ସମଗ୍ର ଓଡିଶା ର ସ୍ୱାଭିମାନ ର ପ୍ରତୀକ ହୋଇଥିବା ବେଳେ ରେଳ ଷ୍ଟେସନ ସମ୍ପ୍ରସାରଣ ଆଳରେ ତାଙ୍କ ପ୍ରତିମୂର୍ତ୍ତିକୁ ସଦର କଂଗ୍ରେସ ନଷ୍ଟ କରିବାକୁ ଦେବ ନାହିଁ ବୋଲି ଶ୍ରୀ ଲେଙ୍କା ଆଲୋଚନା ବେଳେ ସୂଚିତ କରାଇ ଥିଲେ। ଜିଲ୍ଲା କଂଗ୍ରେସ ର ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ, ଜିଲ୍ଲା ଯୁବ କଂଗ୍ରେସ ର ସଭାପତି ଇଂ ରଞ୍ଜନ କୁମାର ଦାସ, ଟାଉନ ସଭାପତି ଅନୁପ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଷ୍ଟେସନ ମ୍ୟାନେଜର ଦଳୀୟ ଉପସଭାପତି ସରୋଜ ଲେଙ୍କା ଓ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇଙ୍କ ଠାରୁ ଦାବି ପତ୍ର ଗ୍ରହଣ କରି ଦକ୍ଷିଣ ପୂର୍ବ ରେଳବାଇ କର୍ତ୍ତୃପକ୍ଷ ବ୍ୟାସ କବିଙ୍କ ପ୍ରତିମୂର୍ତ୍ତି କୁ ନିଶ୍ଚିତ ଭାବେ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରତିମୂର୍ତ୍ତି ସ୍ଥାନାନ୍ତର ବେଳେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ, ବୁଦ୍ଧିଜୀବି, ସାହିତ୍ୟ ସଂଗଠନ ର ପ୍ରତିନିଧି ଙ୍କ ସହ ଆଲୋଚନା କରାଯିବ । ଏହା ସହିତ ଷ୍ଟେସନ ନିର୍ମାଣ ଓ ଆଧୁନିକକରଣ ପରେ ଷ୍ଟେସନ ପ୍ରବେଶ ଦ୍ୱାରରେ ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପୂର୍ବରୁ ମଧ୍ୟ ସବୁ ବର୍ଗ ସହ ଆଲୋଚନା କରାଯିବ ବୋଲି ଷ୍ଟେସନ ମ୍ୟାନେଜର ଏସ ରାଉତ ସୂଚନା ଦେଇଛନ୍ତି ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବିକଶିତ

# ଭାରତ ଯୁଥ ପାର୍ଲାମେଣ୍ଟ-୨୦୨୬ ମାର୍ଚ୍ଚ ୫ରେ



ବାଲେଶ୍ୱର,(ସବ୍ୟ):ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ମାର୍ଚ୍ଚ ୫ ତାରିଖ ୨୦୨୬ ରେ ବାଲେଶ୍ୱର ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବ। ଏହି ଯୁଥ ପାର୍ଲାମେଣ୍ଟରେ ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହେବ। ପ୍ରତିଯୋଗୀମାନେ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ନିଜ ବକ୍ତୃତା ପ୍ରଦାନ କରିପାରିବେ। ବାଲେଶ୍ୱର ଜିଲ୍ଲାର ୧୮ରୁ ୨୫ ବର୍ଷ ବୟସ୍କ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବବର୍ଗ ମାନେ ମାଇଁ ଭାରତ ପୋର୍ଟାଲ ମାଧ୍ୟମରେ ନିବନ୍ଧନ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ପ୍ରାୟ ୨୦୦ ପ୍ରତିଯୋଗୀଙ୍କ ଭାଗ ନେବାର ବ୍ୟବସ୍ଥା ରହିଛି। ପ୍ରତିଯୋଗିତାରୁ ୫ ଜଣ ପ୍ରତିଭାଶାଳୀ ପ୍ରତିଯୋଗୀ ରାଜ୍ୟ ସ୍ତରକୁ ଚୟନିତ ହେବେ ଏବଂ ସେଠାରୁ ୩ ଜଣ କେନ୍ଦ୍ରସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ଫକୀରମୋହନ ବିଶ୍ୱବିଦ୍ୟାଳୟରେ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମ ପାଇଁ ଗଠିତ ସମନ୍ୱୟ କମିଟିର ସଦସ୍ୟମାନେ ହେଲେ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ସମନ୍ୱୟକର୍ତ୍ତା, ଏନଏସଏସ ବ୍ୟୁରୋ ଏମ. ବିଘ୍ନେଶ, ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର ଡ଼କ୍ଟର ପ୍ରତିମା ପ୍ରଧାନ, ଜିଲ୍ଲା ଏନଏସଏସ ଅଧିକାରୀ, ବାଲେଶ୍ୱର ଗୌରାଙ୍ଗ ପଣ୍ଡା, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ବାଲେଶ୍ୱର ଅଭୟ ନାୟକ, କାର୍ଯ୍ୟକ୍ରମ ଅଧିକାରୀ, ଏନଏସଏସ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀମାନେ। ଯୁବବର୍ଗଙ୍କୁ ଭାରତର ବିକାଶ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ସହ ବିକଶିତ ଭାରତ ଅଭିଯାନରେ ସେମାନଙ୍କ ମତାମତକୁ ପ୍ରାଧାନ୍ୟ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହା ମାଧ୍ୟମରେ ଯୁବପିଢ଼ୀଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଚେତନତା ଓ ନେତୃତ୍ୱଗୁଣର ବିକାଶ ଘଟିବ ବୋଲି ଆୟୋଜକମାନଙ୍କ ପକ୍ଷରୁ ସୂଚିତ କରାଯାଇଛି।

# ବାଲେଶ୍ୱର ଲାୟନ୍ସ କ୍ଲବ୍‌ର ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର, (ସବ୍ୟ) :ପୋଲିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ପ୍ରତିଷେଧମୂଳକ ଚିକିତ୍ସା ଓ ସାମଗ୍ରିକ କଲ୍ୟାଣ ଲକ୍ଷ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସହଯୋଗରେ ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ଏକ ମେଗା ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ ସ୍ଥିତ ପୋଲିସ ହସପିଟାଲ ଠାରେ ଆୟୋଜିତ ଏହି ଶିବିରକୁ ପୂର୍ବାଞ୍ଚଳ ଜୋନ ପୋଲିସ ଡିଆଇଜି ପିନାକ ମିଶ୍ର ଉଦ୍ଘାଟନ ଥିଲେ । ଉଦଘାଟନୀ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ ବେହେରାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସହକାରୀ ଆରକ୍ଷୀ ଅଧିକ୍ଷକ ମନିଷା ସୌଗୁନ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ବାଲେଶ୍ୱର ଲାୟନ୍ସ କ୍ଲବ ସଭାପତି ଶିବୁ ପୋଦାର ଏଥିରେ ପୌରୋହିତ୍ୟ କରିବା ସହିତ ଶିବିର ଆୟୋଜନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରର ପ୍ରଥମ ପର୍ଯ୍ୟାୟରେ ୩୦୦ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେଉଛି । ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଅଭିଯାନରେ ମୋଟ ୧୨୦୦ କର୍ମଚାରୀ ଲାଭାନ୍ୱିତ ହେବେ ବୋଲି ଶ୍ରୀ ପୋଦାର ପ୍ରକାଶ କରିଛନ୍ତି। ଆପୋଲୋ ହସପିଟାଲ, ଆପୋଲୋ କ୍ଲିନିକ, ବାଗଚି ଶ୍ରୀ ଶଙ୍କର ହସପିଟାଲ, ଉତ୍କଳ ହସପିଟାଲ ଏବଂ ବାଲେଶ୍ୱର ଲାୟନ୍ସ ଆଇ ହସପିଟାଲ ପ୍ରଭୃତି ସଂସ୍ଥାଙ୍କ ସହଯୋଗରେ ବଡି ମାସ ଇଣ୍ଡେକ୍ସ (ବିଏମଆଇ), ବୋନ୍ ମିନେରାଲ୍ ଡେନ୍ସିଟି (ବିଏମଡି), ଲିଭର ଚେକଅପ୍, କ୍ୟାନ୍ସର ସ୍କ୍ରିନିଂ, କାର୍ଡିଓଲୋଜି, ଚକ୍ଷୁ, ଫୁସଫୁସ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସହିତ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ଡାକ୍ତର ବିଜୟ ଖଣ୍ଡେଲୱାଲଙ୍କ ପୁତ୍ରବୋଧୂ ତଥା ଦୁର୍ଗା ନର୍ସିଂ ହୋମର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଜୁହି ଅଗ୍ରୱାଲ ଏହି ଶିବିରରେ ଚିକିତ୍ସା ସେବା ପ୍ରଦାନ କରିଥିଲେ। ବାଲେଶ୍ୱର ଲାୟନ୍ସ କ୍ଲବର ସମ୍ପାଦକ ବିଷ୍ଣୁ ମାରୁ, କୋଷାଧ୍ୟକ୍ଷ ଶ୍ୟାମ ଖଣ୍ଡେଲୱାଲ, ଉପସଭାପତି ରାଜେନ୍ଦ୍ର ଗୁପ୍ତା ଓ ସ୍ୱାସ୍ଥ୍ୟ ଶିବିର ପ୍ରକଳ୍ପ ମୁଖ୍ୟ ରାଜେଶ କୁମାର ଖଣ୍ଡେଲୱାଲଙ୍କ ସହ ପୂର୍ବତନ ସଭାପତି ସଞ୍ଜୟ ଦାସ, ଭଗବାନ ଗୁପ୍ତା, ଚନ୍ଦ୍ର ପ୍ରକାଶ ଭରତିଆ, ସୁନୀଲ ମୋଦି, ଯୁଗଳ ରାଠୀ, ରାଜେନ୍ଦ୍ର ମହାବର, ରମେଶ ଗୁପ୍ତା, ନନ୍ଦ କିଶୋର ଖଣ୍ଡେଲୱାଲ, ଅଶୋକ ଖଣ୍ଡେଲୱାଲ, ନୀତିନ ଶର୍ମା, ଡାକ୍ତର ବିଜୟ ଖଣ୍ଡେଲୱାଲ, କମଲ ମୋଦି, ଚିରାଗ ଚୌହାନ, ରାଜକୁମାର ଖଣ୍ଡେଲୱାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବର ପୂର୍ବତନ ସଭାପତି ସୌରଭ ବେହେରା ଏହି ଶିବିରରେ ଯୋଗ ଦେଇ ଆୟୋଜକଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୪୬)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।**
**ତାବାତ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥ ୪୬ ॥**

ତେବେ ତ ବେଦୋକ୍ତନାନାଫଳ ତ୍ୟାଗ କରି ନିଷ୍କାମ ଭାବରେ ଈଶ୍ୱରାଧନା ବିଷୟକ ବ୍ୟବସାୟିତ୍ମିକା ବୁଦ୍ଧି ଭଲ ନୁହେଁ ? ଏହି ଆଶଙ୍କାରେ କହୁଛନ୍ତି– ଚାରିଆଡ଼େ ପାଣି ମାଡ଼ିଗଲେ ସାମାନ୍ୟ ପୋଖରୀରରେ ଯେଉଁ ପରିମାଣରେ (ସ୍ନାନପାନାଦିର) ପ୍ରୟୋଜନ ରହେ,ବ୍ୟବସାୟିତ୍ମିକା ବୁଦ୍ଧିଯୁକ୍ତ ବ୍ରହ୍ମନିଷ୍ଠ ବ୍ୟକ୍ତିର ସବୁ ବେଦରେ ସେତିକି ମାତ୍ର ପ୍ରୟୋଜନ ରହିଥାଏ । ॥ ୪୬॥

# ଜନ୍ମ ଦିବସରେ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ପ୍ରକୃତରେ ମନୋଜ ଦାସ ଥିଲେ ଜଣେ ଅଦ୍ୱିତୀୟ ସାହିତ୍ୟିକ, ଦାର୍ଶନିକ ଓ ସୁବକ୍ତା । ଜଣେ ଓଡ଼ିଆ ଲେଖକ ଭାବେ ସେ ପ୍ରତିଷ୍ଠା ଲାଭ କରିବା ପରେ ଇଂରାଜୀ ଭାଷାରେ ସାହିତ୍ୟ ସର୍ଜନା କରି ସେ ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଜଣେ ଉଚ୍ଚକୋଟିର କଥାଶିଳ୍ପୀ ଓ ଲେଖକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ । ସେ ଭୂମିଷ୍ଠ ହୋଇଥିଲେ ୧୯୩୪ ଫେବୃଆରୀ ୨୭ ତାରିଖରେ ଉତ୍ତର ବାଲେଶ୍ୱର ଅଞ୍ଚଳର ଶଂଖାରୀ ଗ୍ରାମରେ । ଏପ୍ରିଲ ୨୭ ତାରିଖ ୨୦୨୧ରେ ପୁଡୁଚେରୀରେ ତାଙ୍କର ଦେହାନ୍ତ ହୋଇଥିଲା । ପୁଡୁଚେରୀ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଅନ୍ତେଷ୍ଟିକ୍ରିୟା ସେଠାରେ ସଂପନ୍ନ କରିଥିଲେ । ତତ୍କାଳୀନ ଓଡ଼ିଶା ସରକାର ତାଙ୍କୁ ଯେପରି ମର୍ଯ୍ୟାଦା ଦେବା କଥା ସମ୍ଭବତଃ ଦେଇ ନଥିଲେ । ଭାରତୀୟ ସାହିତ୍ୟ କ୍ଷେତ୍ରରେ ସର୍ବୋଚ୍ଚ ପୁରସ୍କାର ଜ୍ଞାନପୀଠ ମଧ୍ୟ ସେ ପାଇ ପାରି ନଥିଲେ । ଜୀବନର ଅନ୍ତିମ କାଳରେ ତାଙ୍କୁ 'ପଦ୍ମଭୂଷଣ' ଉପାଧି ମିଳିଥିଲା । ପଦ୍ମଶ୍ରୀ ପରେ ପଦ୍ମବିଭୂଷଣ ବି ମିଳି ନଥିଲା । 'ଭାରତ ରତ୍ନ' କଥା ଚିନ୍ତା ନ କରିବା ଭଲ । ସେ ଯାହା ହେଉ, ପବିତ୍ର ଜନ୍ମ ଦିବସରେ, ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇବା ଓଡ଼ିଆମାନଙ୍କର କର୍ତ୍ତବ୍ୟ ହେଉ । ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ନିର୍ମାଣ କରାଯାଉ ।



**ମାତ୍ର ଜଣେ ଲେଖକ ଭାବେ ସେ କେବଳ ଜାତୀୟ ସ୍ତରରେ ନୁହେଁ, ଅର୍ନ୍ତଜାତୀୟ ସ୍ତରରେ ମଧ୍ୟ ପ୍ରତିଷ୍ଠିତ ହୋଇ ପାରିଥିଲେ । ୨୦୦୧ରେ ସେ 'ସରସ୍ୱତୀ' ନାମକ ଏକ ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ ।**

ଆଦ୍ୟ ଜୀବନରେ ଜଣେ କମ୍ୟୁନିଷ୍ଟ ଥିବା ମନୋଜ ଦାସ ମଧ୍ୟ ଛାତ୍ର ଜୀବନରୁ ସାହିତ୍ୟ ସାଧନା ଆରମ୍ଭ କରି ଜଣେ ସଫଳ ଲେଖକ ହୋଇ ପାରିଥିଲେ । ପରେ ରାଜନୀତିର କର୍ଦ୍ଦମାକ୍ତ ପଥକୁ ପରିହାର କରି ସେ ଆଧ୍ୟାତ୍ମିକତାର ସନ୍ଧାନ ଲାଗି ଓଡ଼ିଶା ବାହାରେ ପଣ୍ଡିଚେରୀ (ଏବର ପୁଡୁଚେରୀ)ରେ ରହିଗଲେ ଜୀବନର ଶେଷ ପର୍ଯ୍ୟନ୍ତ । ତାଙ୍କର ଆଧ୍ୟାତ୍ମିକ ଗୁରୁ ଭାବେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ନୀତିଶିକ୍ଷା ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଏହା ପରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଅତିମାନସ ସ୍ତରକୁ ସେ ତାଙ୍କର ଆଧ୍ୟାତ୍ମିକ ସାଧନା ବଳରେ ଯାଇ ପାରିଥିଲେ କି ନାହିଁ, ତାହା ସେ ବ୍ୟକ୍ତିଗତ ଭାବେ ହୁଏତ ଅନୁଭବ କରିଥିବେ । ମାତ୍ର ଜଣେ ଲେଖକ ଭାବେ ସେ କେବଳ ଜାତୀୟ ସ୍ତରରେ ନୁହେଁ, ଅର୍ନ୍ତଜାତୀୟ ସ୍ତରରେ ମଧ୍ୟ ପ୍ରତିଷ୍ଠିତ ହୋଇ ପାରିଥିଲେ । ୨୦୦୧ରେ ସେ 'ସରସ୍ୱତୀ' ନାମକ ଏକ ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ ।

ତାଙ୍କୁ ସାକ୍ଷାତ କରିଥିବା ଜଣେ ସମ୍ପାଦିକାଙ୍କ ପ୍ରଶ୍ନର ଉତ୍ତରରେ ସେ କହିଥିଲେ, 'ମୁଁ ହାଇସ୍କୁଲରେ ପଢ଼ିବା ବେଳକୁ (ବିଂଶ ଶତାବ୍ଦୀର ଚତୁର୍ଥ ଦଶକର ଶେଷାର୍ଦ୍ଧ) ଓଡ଼ିଆ ସାହିତ୍ୟ ଗୁଣଗତ ଦୃଷ୍ଟିରୁ ସମୃଦ୍ଧ ହେଲେ ବି ପ୍ରକାଶନ ଦୃଷ୍ଟିରୁ ଦୁର୍ବଳ ଥିଲା । ବର୍ଷକ ଭିତରେ ସାହିତ୍ୟ ପଦବାଚ୍ୟ ବହି ହୁଏତ କୋଡିଏ ତିରିଶ ଖଣ୍ଡ ପ୍ରକାଶ ପାଉଥିଲା । ଝଙ୍କାର, ଡଗର ଏବଂ ଆସନ୍ତାକାଲି ହେଲେ ପତ୍ରିକା । ଏ ଭିତରେ 'ଡଗର' ସବୁଠୁଁ ପୁରୁଣା । ଶଙ୍ଖ ଏବଂ ଚତୁରଙ୍ଗ ପ୍ରକାଶ ପାଇ ବନ୍ଦ ହୋଇଗଲା । ବମ୍ବେ (ଆଜିର ମୁମ୍ବାଇ)ରୁ ପ୍ରକାଶ ପାଇଲା କୁଙ୍କୁମ । ତାହା ହିଁ ପ୍ରଥମ ଚମକ, ସୃଷ୍ଟିକାରୀ ପତ୍ରିକା । ୧୯୫୦ରେ 'ଦିଗନ୍ତ' ପ୍ରକାଶ ପାଇଲା । ('ନବରବି' ଅପ୍ରେଲ ୨୦୦୧, ପୃଷ୍ଠା–୫)

ଯେତେବେଳେ ମନୋଜ ଦାସ ବାଲେଶ୍ୱରରେ ସ୍କୁଲରେ ପାଠ ପଢୁଥିଲେ, ସେତେବେଳେ ତାଙ୍କ ନାମ ଥିଲା ମନୋଜ କୁମାର ଦାସ ଏବଂ ସେହି ସମୟରେ ୧୯୫୦ରେ ଯେଉଁ 'ଦିଗନ୍ତ' ପତ୍ରିକା ସେ ପ୍ରକାଶ କରିଥିଲେ, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସେହି ଛାତ୍ରାବସ୍ଥାରୁ, ସେ ଜଣେ ଲେଖକ ହେବାର ଗୌରବ ଅର୍ଜନ କରିଥିଲେ । 'ଦିଗନ୍ତ' ପତ୍ରିକାର ପ୍ରଥମ ସଂଖ୍ୟା ସରିବା ଉପରେ, ମାତ୍ର ଗୋଟିଏ ଅଭାବ ସେ ଅନୁଭବ କଲେ । ସେତେବେଳେ ଭଦ୍ରକ ସବ୍‌ଡିଭିଜନ ବାଲେଶ୍ୱର ଜିଲ୍ଲା ମଧ୍ୟରେ ଥିଲା, ସ୍ୱତନ୍ତ୍ର ଜିଲ୍ଲା ହୋଇ ନଥିଲା । ବାଲେଶ୍ୱରରରୁ ପତ୍ରିକାଟିଏ ପ୍ରକାଶ ପାଇବ, ଅଥଚ ସେହି ଜିଲ୍ଲାରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଶୁଭେଚ୍ଛା ବାର୍ତ୍ତାଟିଏ କିପରି ରଖାଯିବ ନାହିଁ ବୋଲି ଭାବି ସେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ବାହାରି କାନ୍ତକବିଙ୍କ ଭଦ୍ରକ ନୂଆବଜାର ଅର୍ନ୍ତଗତ ବାସଭବନରେ ପହଞ୍ଚିଲେ । ସେଠାରେ କାନ୍ତକବି ନଥିଲେ, ଥିଲେ ସ୍ୱଗ୍ରାମ ତାଳପଦାରେ । କାନ୍ତକବିଙ୍କ କନିଷ୍ଠ ପୁତ୍ର ଗୌରଚନ୍ଦ୍ର ତାଙ୍କୁ ସାଇକେଲଟିଏ ଦେଇଥିଲେ । ଭଦ୍ରକରୁ ତାଳପଦା, ଦୀର୍ଘ ପ୍ରାୟ ତେର କିଲୋମିଟର ରାସ୍ତା ଅତିକ୍ରମ କରି ଆଉ ବର୍ଷା ମାଡ଼ ଖାଇ ସେ କାନ୍ତକବିଙ୍କୁ ଭେଟିଥିଲେ । ତାଙ୍କ ଅନୁଭୂତିରେ ସେ ଏ କଥା ବର୍ଣ୍ଣନା କରିଛନ୍ତି । କାନ୍ତକବିଙ୍କଠାରୁ ଶୁଭେଚ୍ଛା ବାର୍ତ୍ତା ସହିତ ତାଙ୍କର ଦୁଇପୁତ୍ର ନିତ୍ୟାନନ୍ଦ ଓ ଗୌରଚନ୍ଦ୍ରଙ୍କ ଠାରୁ ଦୁଇଟି ଲେଖା ଆଣି ସେ 'ଦିଗନ୍ତ' ର ପ୍ରଥମ ସଂଖ୍ୟା। ପ୍ରକାଶ କରି ଜଣେ ସଫଳ ସମ୍ପାଦକ ଭାବେ ମଧ୍ୟ ଖ୍ୟାତି ଅର୍ଜନ କରିଥିଲେ । ପରେ ସେ କବି ସଚ୍ଚି ରାଉତରାୟଙ୍କୁ ଦିଗନ୍ତ ପତ୍ରିକାଟି ହସ୍ତାନ୍ତର କରି ପଣ୍ଡିଚେରୀ ଆସିଥିଲେ । ପଣ୍ଡିଚେରୀରେ ଥିବାବେଳେ ସେ ଇଂରାଜୀରେ 'Heritage' ନାମକ ଏକ ପତ୍ରିକା ସମ୍ପାଦନା କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ସମ୍ପାଦନା ଦକ୍ଷତାକୁ ମଧ୍ୟ ପ୍ରତିପାଦନ କରିଥିଲେ ।

ଇଂରାଜୀ ଦୈନିକ ସମ୍ବାଦପତ୍ର Hindustan Times, The Hindu ଓ The Statesman ରେ ସେ ନିୟମିତ ସ୍ତମ୍ଭ ଲେଖି ମଧ୍ୟ ଲୋକପ୍ରିୟତା ଅର୍ଜନ କରିଥିଲେ । ଉଭୟ ଓଡ଼ିଆ ଓ ଇଂରାଜୀରେ ଲେଖିବା ସହିତ ସେ ବକ୍ତୃତା ଦେଇ ମଧ୍ୟ ଆଦୃତ ହୋଇଥିଲେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ ମହାକାବ୍ୟ 'Savitri'ର ଓଡ଼ିଆ ଅନୁବାଦ କରି ମଧ୍ୟ ସେ ପ୍ରସିଦ୍ଧି ଲାଭ କରିଥିଲେ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମ ଗବେଷଣା ଉପରେ ଗୁରୁତ୍ୱ ଜରୁରୀ



**ଡକ୍ଟର ଚିତ୍ତରଂଜନ ମିଶ୍ର**

ଭାରତ ନିଜର ଅର୍ଥନୈତିକ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପ୍ରକ୍ଷେପ ପଥର ନିର୍ଣ୍ଣାୟକ ଓ ମହତ୍ତ୍ୱପୂର୍ଣ୍ଣ ମୋଡରେ ଆଜି ଦଣ୍ଡାୟମାନ । ବିଶାଳ ମାନବ ସମ୍ବଳ ଓ ଅତ୍ୟନ୍ତ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ଅର୍ଥବ୍ୟବସ୍ଥାକୁ ବହନ କରି ଭାରତ ଆଜି ବିଶ୍ୱ ମହାଶକ୍ତି ହେବାର ମହାଆକାଂକ୍ଷାକୁ ପାଥେୟ କରି ସମୟର ବଡଦାଣ୍ଡରେ ବୀରଦର୍ପରେ ଅଗ୍ରସର ହେଉଅଛି । ହେଲେ ଏହି ବିଶାଳ ଦୃଷ୍ଟିକୋଣ, ଭବ୍ୟ ଦୂରଦୃଷ୍ଟି, ବ୍ୟାପକ ଲକ୍ଷ୍ୟ, ଦୂରଗାମୀ ଯୋଜନା ଓ ଅସାଧାରଣ ଦୂରଦର୍ଶିତା ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଅନ୍ତର୍ନିହିତ ଓ ଦୀର୍ଘଦିନ ଧରି ଲାଗିରହିଥିବା ଅସମର୍ଥତା କାରଣରୁ ବହୁଳ ଭାବେ ବାଧାପ୍ରାପ୍ତ ହେଉଅଛି ।

**ଅଙ୍କ ମାଧ୍ୟମରେ ମାନଦଣ୍ଡର ପରିପ୍ରକାଶ:–**

ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତବର୍ଷର ନିଅଣ୍ଟିଆ ପରିସ୍ଥିତିର ମାପଦଣ୍ଡ କେତେକ ନିର୍ଦ୍ଦିଷ୍ଟ ଅଙ୍କ ମାଧ୍ୟମରେ ବେଶ୍ ପରିପ୍ରକାଶିତ କରାଯାଇପାରିବ । ସମଗ୍ର ବିଶ୍ୱ ମସ୍ତିଷ୍କର ୧୭.୫ ପ୍ରତିଶତ (ଯେହେତୁ ଭାରତ ବିଶ୍ୱର ୧୭.୫ ପ୍ରତିଶତ ଜନସଂଖ୍ୟାର ଅଧିକାରୀ ଅଟେ) ଭାରତ ପାଖରେ ଉପଲବ୍ଧ ଥିଲେ ମଧ୍ୟ ଭାରତ ବିଶ୍ୱ ରିସର୍ଚ୍ଚ ଆଉଟପୁଟ୍ ବା ଗବେଷଣା ଉପଲବ୍ଧତାର ମାତ୍ର ୩ ପ୍ରତିଶତ ଉତ୍ପନ୍ନ କରିଥାଏ । ଏହି ଅସମାନତା ଭାରତବର୍ଷର ବୃହତ ଜନସାଂଖ୍ୟିକ ଲାଭାଂଶକୁ ସଦୁପଯୋଗ କରିବାରେ ଏକ ମୌଳିକ ବା ଆଧାରଭୂତ ବିଫଳତାକୁ ଉପସ୍ଥାପନ କରିଥାଏ ।

ବୌଦ୍ଧିକ ସଂପତ୍ତିର ସୃଷ୍ଟି କ୍ଷେତ୍ରରେ ମଧ୍ୟ ପରିସ୍ଥିତିରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ଦୃଷ୍ଟିଗୋଚର ହୋଇନାହିଁ । ଜେନେଭା ସ୍ଥିତ ବୌଦ୍ଧିକ ସଂପତ୍ତି ମାଲିକାନା ସତ୍ତ୍ୱ ପ୍ରତିଷ୍ଠାନ (WIPO) ଦ୍ୱାରା ପ୍ରକାଶ ପାଇଥିବା ନିକଟ ଅତୀତର ରିପୋର୍ଟ ଏକ ମିଶ୍ରିତ ଚିତ୍ର ଉପସ୍ଥାପନ କରିଥାଏ ଆଉ ତାହା ଖୁବ୍ ନିମ୍ନସ୍ତରରୁ ଆରମ୍ଭ ହୋଇ ନାଟକୀୟ ଅଭିବୃଦ୍ଧି ହାସଲ କରିଥିଲେ ମଧ୍ୟ ମୋଟ ଉପରେ ଦେଖିଲେ ନିରୁତ୍ସାହଜନକ କାର୍ଯ୍ୟଦକ୍ଷତା ବା ପ୍ରଭାବହୀନ ପ୍ରଦର୍ଶନ ପରିଲକ୍ଷିତ ହୋଇଥାଏ । ୨୦୨୩ ମସିହାରେ ମୋଟ ପେଟେଣ୍ଟ ପଞ୍ଜୀକରଣ କରିବା କ୍ଷେତ୍ରରେ ବିଶ୍ୱ ସ୍ତରରେ ଭାରତ ଷଷ୍ଠ ସ୍ଥାନ ଅଧିକାର କରିଥିଲା ଏବଂ ପେଟେଣ୍ଟ ଦରଖାସ୍ତର ସଂଖ୍ୟା ଥିଲା ୬୪,୪୮୦ । ଏହି ଚିତ୍ର ବିଶ୍ୱର ଶ୍ରେଷ୍ଠ ୨୦ଟି ରାଷ୍ଟ୍ର ମଧ୍ୟରେ ଭାରତବର୍ଷର ଦ୍ରୁତତମ ଅଭିବୃଦ୍ଧିର ପରିପ୍ରକାଶ କରିଥାଏ (+୧୫.୭ ପ୍ରତିଶତ) ଯାହାକି ଏକ ସାର୍ଥକ ଅଙ୍କ ଅଟେ । ପରନ୍ତୁ ୨୦୨୩ ମସିହାରେ ବିଶ୍ୱସ୍ତରରେ ପଞ୍ଜୀକରଣ ହୋଇଥିବା ମୋଟ ୩.୫୫ ନିୟୁତ ପେଟେଣ୍ଟ ଦରଖାସ୍ତକୁ ବିଚାରକୁ ନେଲେ ଭାରତବର୍ଷର ଭାଗିଦାରୀ ତଥାପି ଅତ୍ୟନ୍ତ ନିମ୍ନରେ ପରିଦୃଷ୍ଟ ହୋଇଥାଏ ଯାହାକି ପ୍ରାୟ ମୋଟ ବିଶ୍ୱର ୧.୮ ପ୍ରତିଶତ ହୋଇଥାଏ । ଗମ୍ଭୀର ଭାବେ ପର୍ଯ୍ୟାଲୋଚନା କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଏକ ନିୟୁତ ନିବାସୀ, ଅଧିବାସୀ ବା ବାସିନ୍ଦା ପିଛା ନିବାସୀ ପେଟେଣ୍ଟ ସଂଖ୍ୟାକୁ ଆମେ ଯଦି ବିଚାରକୁ ନେବା, ଯାହାକି ସ୍ୱଦେଶୀ ନବସୃଜନ ତୀବ୍ରତା ବା ସ୍ୱଦେଶୀ ଉଦ୍‌ଭାବନ ଆତ୍ମନିର୍ଭରଶୀଳତାର ସଠିକ ଚିତ୍ର ଉପସ୍ଥାପନ କରିଥାଏ, ତେବେ ଭାରତ ୪୭ତମ ଅର୍ଥାତ୍ ଅତ୍ୟନ୍ତ ନିମ୍ନ ସ୍ଥାନ ଅଧିକାର କରିଥାଏ । ଏହା ପ୍ରମାଣ କରିଥାଏ ଯେ ପେଟେଣ୍ଟ ପଞ୍ଜୀକରଣ କ୍ଷେତ୍ରରେ ଭାରତବର୍ଷର ମୋଟ ଅଭିବୃଦ୍ଧି ଜନସାଧାରଣଙ୍କ ସ୍ତରରେ ବ୍ୟାପକ ଉଦ୍‌ଭାବନର ପ୍ରାଧାନ୍ୟକୁ ରୂପାନ୍ତରିତ ହୋଇ ପାରିନାହିଁ ।

ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତବର୍ଷର ବିରାଟ ଶୂନ୍ୟସ୍ଥାନକୁ ନେଇ ଅତ୍ୟନ୍ତ ସାଂଘାତିକ ପ୍ରମାଣ ମିଳିଥାଏ, ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପୁଂଜିନିବେଶକୁ ନେଇ । ଭାରତବର୍ଷରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ସକଳ ବ୍ୟୟ ରାଶି (GERD), ଉଭୟ ପ୍ରାଇଭେଟ ଓ ପବ୍ଲିକ ସେକ୍ଟରକୁ ବିଚାରକୁ ନେଲେ, କ୍ରମାଗତ ଭାବେ ବିଗତ ବର୍ଷମାନଙ୍କରେ ଜି.ଡି.ପିର ୦.୬ରୁ ୦.୭ ପ୍ରତିଶତ ମଧ୍ୟରେ ରହିଅଛି ଏବଂ ଦେଶର ଜି.ଡି.ପିରେ ଅଭିବୃଦ୍ଧି ହେଲେ ଏହା ହ୍ରାସ ପାଇଥାଏ । ଏହି ଚିତ୍ର ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥା ଏବଂ ନବସୃଜନ ଧନ୍ୟ ରାଷ୍ଟ୍ରମାନଙ୍କ ତୁଳନାରେ ଏକ ମଳିନ ଚିତ୍ର ଉପସ୍ଥାପନ କରିଥାଏ । ଚୀନ ଏ କ୍ଷେତ୍ରରେ ୨.୪ ପ୍ରତିଶତ, ଆମେରିକା ୩.୫ପ୍ରତିଶତ ଏବଂ ବିଶ୍ୱରେ ଶୀର୍ଷସ୍ଥାନ ଅଧିକାର କରି ଇସ୍ରାଏଲ ୫.୪ ପ୍ରତିଶତ ବ୍ୟୟ କରିଥାଏ । ଭାରତବର୍ଷର ନିମ୍ନ ପୁଂଜିଲଗାଣର ପରିମାଣକୁ ଉପଲବ୍ଧି କରିବାକୁ ହେଲେ ଆମକୁ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତବର୍ଷର ସଂପୂର୍ଣ୍ଣ ଜାତୀୟ ବ୍ୟୟ ପରିମାଣକୁ ବିଶ୍ୱର କୌଣସି ଏକ ବହୁରାଷ୍ଟ୍ରୀୟ କର୍ପୋରେସନର ଗବେଷଣା ଓ ଉନ୍ନୟନ ବ୍ୟୟ ରାଶି ସହ ତୁଳନା କରିବାକୁ ପଡିବ । ୨୦୨୩ ମସିହାରେ ଚୀନ ଦେଶର ଟେକ୍ନୋଲୋଜି ସମ୍ରାଟ 'ହୁଆୱେଇ' କମ୍ପାନୀ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ୨୩.୪ ବିଲିୟନ ଡଲାର (CNY ୧୬୪.୭ ବିଲିୟନ)ର ବିଶାଳତମ ରାଶି ପୁଂଜିନିବେଶ କରିଥିଲା । ଚୀନର କେବଳ ଗୋଟିଏ ମାତ୍ର କମ୍ପାନୀରୁ ଏଭଳି ପରିମାଣର ପୁଂଜିନିବେଶ ନିଃସନ୍ଦେହରେ ତୀବ୍ର ବିଶ୍ୱସ୍ତରୀୟ ପ୍ରତିଯୋଗିତା ପ୍ରେରିତ ହେବା ସହ ଆମେରିକାର ଅର୍ଥନୈତିକ ବାସନ୍ଦ ବ୍ୟବସ୍ଥା ମଧ୍ୟରେ ହିଁ କାର୍ଯ୍ୟକାରୀ ହୋଇଥିଲା ଏବଂ ବିଶେଷକରି 'ସେମିକଣ୍ଡକ୍ଟର ଟେକ୍ନୋଲୋଜି' କୈନ୍ଦ୍ରିକ ହୋଇଥିଲା । ଏହି ଅର୍ଥରାଶି ଭାରତବର୍ଷର ସମସ୍ତ ପ୍ରାଇଭେଟ ଓ ପବ୍ଲିକ୍ ସେକ୍ଟର କମ୍ପାନୀମାନଙ୍କର ମୋଟ ମିଳିତ ଗବେଷଣା ଓ ଉନ୍ନୟନ ବ୍ୟୟ ରାଶିକୁ ଟପି ଯାଇଥିଲା, ଯେଉଁ ଭାରତବର୍ଷର ମୋଟ ଜନସଂଖ୍ୟା ୧.୪ ବିଲିୟନରୁ ଅଧିକ ଅଟେ । ଏନ୍‌ଭିଡିଆ (Nvidia) କମ୍ପାନୀର ଅଧ୍ୟକ୍ଷ ଜେନସେନ୍ ହୁଆଙ୍ଗ (Jensen Huang) କୁହନ୍ତି ଯେ ହୁଆୱେଇ କମ୍ପାନୀର ନିରନ୍ତର ପ୍ରୟାସ ଅତ୍ୟାଧୁନିକ ସେମିକଣ୍ଡକ୍ଟର ଦକ୍ଷତା କ୍ଷେତ୍ରରେ ଆମେରିକାର 'ନାନୋସେକେଣ୍ଡ' ପଛରେ ରହିବାକୁ ଅଭିପ୍ରେରିତ କରିଅଛି । ଗବେଷଣା ଓ ଉନ୍ନୟନର ଏହି କର୍ପୋରେଟ ସ୍ତରୀୟ ତୀବ୍ରତା ପରବର୍ତ୍ତୀ ପିଢିର ପ୍ରୌଦ୍ୟୋଗିକୀୟ ସାମର୍ଥ୍ୟର ଇଂଜିନ ଭାବେ ସାବ୍ୟସ୍ତ ହେବ । ଏଭଳି କେନ୍ଦ୍ରୀଭୂତ ଓ ରଣନୈତିକ ନିବେଶର ଏକ କ୍ଷୁଦ୍ର ଅଂଶକୁ ବି ସମାବେଶିତ କରି ନପାରିବାରେ ଭାରତବର୍ଷର ଅକ୍ଷମତା ରାଷ୍ଟ୍ର ଆଗରେ ଦଣ୍ଡାୟମାନ ହୋଇ ରହିଥିବା ଅସଂଖ୍ୟ ଚ୍ୟାଲେଞ୍ଜ ସମ୍ବନ୍ଧରେ ସ୍ୱଷ୍ଟ ରୂପରେ ବଖାଣିଥାଏ ।

**ସରକାରୀ କ୍ଷେତ୍ର ହେଉଛି ଅର୍ଥ ପ୍ରବାହର ମୁଖ୍ୟଚାଳକ:–**

ଏହା ଅତ୍ୟନ୍ତ ପରିତାପର ବିଷୟ ଯେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପ୍ରାଇଭେଟ ସେକ୍ଟରମାନଙ୍କ ଯୋଗଦାନ ଅତ୍ୟନ୍ତ ନଗଣ୍ୟ । ପରିପକ୍ୱ ନବସୃଜନ ଅର୍ଥନୀତିର ଗ୍ଲୋବାଲ୍ ହଲମାର୍କ ବା ବିଶ୍ୱସ୍ତରୀୟ ପରିଚୟ ହେଲା ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପ୍ରାଇଭେଟ ସେକ୍ଟରର ପ୍ରମୁଖ ଭୂମିକା । ବିକଶିତ ରାଷ୍ଟ୍ରମାନଙ୍କରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ହେଉଥିବା ପୁଂଜିନିବେଶର ଦୁଇ ତୃତୀୟାଂଶ ବା ତଦୁର୍ଦ୍ଧ ପରିମାଣ ସାଧାରଣତଃ ଶିଳ୍ପ ସଂସ୍ଥାମାନେ ହିଁ ବହନ କରିଥାନ୍ତି । ଭାରତବର୍ଷରେ ସରକାରୀ କ୍ଷେତ୍ର ଯଥା କେନ୍ଦ୍ର, ରାଜ୍ୟ, ଉଚ୍ଚଶିକ୍ଷା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନେ ହିଁ ପ୍ରମୁଖ ଚାଳକ ଭାବେ ଉଦ୍‌ଭାସିତ ହୋଇ ଗବେଷଣା ଓ ଉନ୍ନୟନର ପ୍ରାୟ ୬୩.୬ ପ୍ରତିଶତ ପାଣ୍ଠି ବହନ କରିଥାନ୍ତି ଏବଂ ଘରୋଇ ଉଦ୍ୟୋଗମାନେ ପ୍ରାୟତଃ ଅବଶିଷ୍ଟ ୩୬.୪ପ୍ରତିଶତ ଅର୍ଥ ବହନ କରିଥାନ୍ତି । ଭାରତବର୍ଷର ମହାନ ଉଦ୍ୟୋଗପତି, ପ୍ରଭାବଶାଳୀ ବ୍ୟବସାୟୀ ଓ ବ୍ୟବସାୟ ସମ୍ରାଟମାନେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ରାଷ୍ଟ୍ରୀୟ ମହାଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ନିଜ ବଦାନ୍ୟତାର ମୁକ୍ତ ହସ୍ତକୁ ସଂପ୍ରସାରଣ କରିବାକୁ ପଡିବ । ପରନ୍ତୁ ସେମାନେ ଏ ନେଇ ପ୍ରାୟତଃ ନିଜ କାମରେ ଅଧିକାଂଶ ଭାବରେ ଆତ୍ମ ସନ୍ତୋଷ ଲାଭ କରି ସ୍ୱଳ୍ପ ଦୂରଦୃଷ୍ଟି ସଂପନ୍ନ ଓ ସଂକୀର୍ଣ୍ଣ ମନୋଭାବ ପୋଷଣ କରିଥାନ୍ତି । ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ଭାରତୀୟ ଶିଳ୍ପସଂସ୍ଥାମାନଙ୍କର ସ୍ୱଳ୍ପ ପୁଂଜିନିବେଶର ମୁଖ୍ୟ କାରଣ ହେଲା ବିଘଟନକାରୀ ନବସୃଜନ ବା ବଜାର ବ୍ୟବସ୍ଥାକୁ ବଦଳାଇ ଦେଉଥିବା ଉଦ୍‌ଭାବନ ଅପେକ୍ଷା ଧୀରେ ଧୀରେ ଉନ୍ନତି ସାଧନ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବା, ଅନ୍ତର୍ଦ୍ଦେଶୀୟ ବିକାଶ ଅପେକ୍ଷା ଟେକ୍ନୋଲୋଜି ଲାଇସେନ୍‌ସିଂ ଉପରେ ଅଧିକରୁ ଅଧିକ ଭରସା କରିବା ଏବଂ ଏକ ସାଧାରଣ ବିପଦକୁ ମଧ୍ୟ ଆଲିଙ୍ଗନ ନକରିବାର ସଂସ୍କୃତି ସେମାନଙ୍କୁ ସଦା ସର୍ବଦା ଗ୍ରାସ କରି ରଖିବା ।

ଦ୍ୱିତୀୟ ବିସ୍ମିତ ବା ଅତ୍ୟନ୍ତ ନିରାଶାଜନକ ବିଶେଷତା ହେଲା ଯାହାକି ଆମେ ୟୁ.ପି.ଏ ସରକାରଙ୍କ ଦ୍ୱିତୀୟ ପାଳିରେ ଚିହ୍ନଟ କରିସାରିଛେଁ ଆଉ ତାହା ହେଲା ନିରନ୍ତର ଭାବେ ଶିକ୍ଷା ଓ ଶିଳ୍ପ/ବ୍ୟବସାୟ ଜଗତ ମଧ୍ୟରେ ଉତ୍ତମ ତାଳମେଳର ଘୋର ଅଭାବ ଏବଂ ଯେଉଁ ବିଷୟବସ୍ତୁକୁ ନେଇ ଏନ୍.ଆର. ନାରାୟଣ ମୂର୍ତ୍ତି ଏକ ଦଶନ୍ଧି ପୂର୍ବରୁ ଆମ ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲେ, ଯାହାକି ଏବେ ବି ସରକାରୀ ଅଳିନ୍ଦରେ ଧୂଳି ଖାଇ ପଡିରହିଛି । ଭାରତବର୍ଷର ଶିକ୍ଷା ଜଗତ ରାଷ୍ଟ୍ରପାଇଁ ନିୟୁତ ନିୟୁତ ସଂଖ୍ୟାରେ ଅତ୍ୟନ୍ତ ଦକ୍ଷ ଗ୍ରାଜୁଏଟ ସୃଷ୍ଟି କରିଥିଲେ ମଧ୍ୟ ପ୍ରାୟତଃ ବିଚ୍ଛିନ୍ନ ହୋଇ କାମ କରି ଥାଆନ୍ତି । ଗବେଷଣା ବାରମ୍ବାର କେବଳ ତତ୍ତ୍ୱଗତ ବା ପରିକଳ୍ପନା ଆଧାରିତ ହୋଇଥାଏ ଏବଂ ଶିଳ୍ପ ଜଗତର ତୁରନ୍ତ ଏବଂ ବଜାର–ଚାଳିତ ଆବଶ୍ୟକତା ବା ବଜାର ଚାହିଦା ଅନୁଯାୟୀ ଆବଶ୍ୟକତା ସହ ଏହାର କୌଣସି ସଂଯୋଗ ବା ସଂପର୍କ ନଥାଏ । ପ୍ରଯୁକ୍ତିବିଦ୍ୟାର ହସ୍ତାନ୍ତର, ଗବେଷଣାର ବାଣିଜ୍ୟିକୀକରଣ ଏବଂ ଶିଳ୍ପସଂସ୍ଥା ଓ ଶିକ୍ଷାଜଗତ ମଧ୍ୟରେ ଯୁଗ୍ମ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବେ ବି ଠିକ ଭାବେ ରୂପାୟନ ହୋଇପାରିନାହିଁ କିମ୍ବା ଏଥିପାଇଁ କୌଣସି କାର୍ଯ୍ୟପ୍ରଣାଳୀ ମଧ୍ୟ ଠିକ ରୂପରେଖ ନେଇପାରି ନାହିଁ । ଶିଳ୍ପସଂସ୍ଥାମାନେ ମଧ୍ୟ ଶିକ୍ଷାଜଗତଠାରୁ କୌଣସି ସାହାଯ୍ୟ ପାଇଁ ହାତ ବଢାଉ ନାହାଁନ୍ତି । ଆମେରିକାରେ କମ୍ପାନୀମାନେ ସାଧାରଣତଃ ବିଶ୍ୱବିଦ୍ୟାଳୟମାନଙ୍କୁ ନିଜର ଚିନ୍ତାଧାରା ସାଙ୍ଗରେ ଧରି ଆସିଥାଆନ୍ତି ଏବଂ ବିଶ୍ୱବିଦ୍ୟାଳୟମାନଙ୍କର ଗବେଷକମାନଙ୍କୁ ରିସର୍ଚ୍ଚ ଗ୍ରାଣ୍ଟ ପ୍ରଦାନ କରି ଏହି ଚିନ୍ତାଧାରାକୁ କିଭଳି ଭାବେ ବିକ୍ରୟଯୋଗ୍ୟ ଅଭିନବ ଚିନ୍ତାଧାରାରେ ରୂପାନ୍ତରିତ କରାଯାଇପାରିବ ସେ ନେଇ ଗବେଷଣା ପ୍ରକଳ୍ପର ଫଳପ୍ରଦ ରୂପାୟନରେ ଯୁଗ୍ମ ଭାବେ ଲାଗି ପଡିଥାନ୍ତି । ଭାରତବର୍ଷରେ ଏଭଳି କୌଣସି ସଂସ୍କୃତି ହିଁ ନାହିଁ । ଏଭଳି ଏକ ବଡ ପ୍ରଭେଦ ମୂଲ୍ୟବାନ ଗବେଷଣାକୁ 'ବିଜ୍ଞାନାଗାର' ଓ 'ବଜାର' ମଧ୍ୟରେ ଥିବା 'ମୃତ୍ୟୁର ଉପତ୍ୟକା'କୁ ଅତିକ୍ରମ କରିବା ପାଇଁ ପ୍ରବଳ ପ୍ରତିବନ୍ଧକ ସାଜିଥାଏ ।

ଅପରପକ୍ଷରେ 'ବ୍ରେନ ଡ୍ରେନ୍'ରୁ ମୁକ୍ତି ମିଳିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ ବୋଲି ପ୍ରତୀୟମାନ ହୋଇଥାଏ । ଭାରତ ଆଜି ବହୁଳ ସଂଖ୍ୟାରେ ଡକ୍ଟରେଟ ଓ ଇଂଜିନିୟର ସୃଷ୍ଟି କରୁଅଛି । ସେମାନଙ୍କ ମଧ୍ୟରୁ ଅତ୍ୟନ୍ତ ଉଚ୍ଚାକାଂକ୍ଷୀ ଓ ପ୍ରଚଣ୍ଡ ଧୀଶକ୍ତି ସଂପନ୍ନ ବ୍ୟକ୍ତିମାନେ ଉତ୍ତମ ଭିତ୍ତିଭୂମି, ଫଣ୍ଡିଂ ଏବଂ ନିଜ କ୍ୟାରିଅରରେ ଅସାଧାରଣ ପ୍ରଗତି ହାସଲ କରିବା ପାଇଁ ବିଦେଶ ମାଟିରେ ଅପୂର୍ବ ସୁଯୋଗ ଓ ସମ୍ଭାବନା ପାଇଁ ଘରୁ ଗୋଡ କାଢୁଛନ୍ତି । ଅପରପକ୍ଷରେ, ଅନ୍ତର୍ଦ୍ଦେଶୀୟ ଗବେଷଣା ଓ ଉନ୍ନୟନ ପରିବେଶ ବିଶ୍ୱସ୍ତରୀୟ ଗବେଷକମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରି ଦେଶ ଭିତରେ ବାନ୍ଧି ରଖିବା ପାଇଁ ଅନବରତ ସଂଗ୍ରାମ କରିଚାଲିଛି । ସୀମିତ ଉଚ୍ଚକୋଟୀର ଗବେଷଣା ବ୍ୟବସ୍ଥା ଏବଂ ସ୍ୱଳ୍ପ ବେତନ କାରଣରୁ ଆମ ମେଧାବୀ ଛାତ୍ରଛାତ୍ରୀମାନେ ମାଆ ମାଟିର ମାୟା ସବୁଦିନ ପାଇଁ ତୁଟାଇ ଦେଇ ବିଦେଶ ମାଟିରେ ନିଜ ସ୍ୱପ୍ନ ସାମ୍ରାଜ୍ୟ ଗଢି ତୋଳିବା ପାଇଁ ଆଗଭର ହେଉଛନ୍ତି । ପଛକୁ ଫେରି ଚାହିଁବାର ଆଉ କୌଣସି ବି ଅବକାଶ ନାହିଁ ।

ଦେଶ ମଧ୍ୟରେ ଚାଲୁଥିବା ଗବେଷଣା ଓ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ପବ୍ଲିକ ଫଣ୍ଡର ଆବଣ୍ଟନ ନୀତିନିୟମ ପ୍ରାୟତଃ ଅମଲାତାନ୍ତ୍ରିକ ପ୍ରକ୍ରିୟା ମଧ୍ୟରେ ପଡି ଘାଣ୍ଟି ହେଉଛି । ଏହା ଅତ୍ୟନ୍ତ ଶିଥିଳ ହୋଇଥିବା କାରଣରୁ ଗବେଷଣା ପ୍ରକ୍ରିୟାରେ ଭଟ୍ଟା ପଡିଯାଉଛି । ପୁନଶ୍ଚ ଗବେଷଣା ପ୍ରକଳ୍ପର ଅନୁମୋଦନ ସମୟ ବହୁତ ଲମ୍ବା ଏବଂ ଗବେଷଣା ପାଣ୍ଠି ପ୍ରଦାନର ସମୟ ବହୁ ବିଳମ୍ବିତ, ଟଳମଳ ଓ ଅପ୍ରତ୍ୟାଶିତ ହୋଇଥିବା କାରଣରୁ ମହତ୍ତ୍ୱାକାଂକ୍ଷୀ ଓ ଦୀର୍ଘକାଳୀନ ଗବେଷଣା ପ୍ରକଳ୍ପଗୁଡିକର ସୁଚାରୁରୂପେ ନିଷ୍ପାଦନ ସମ୍ଭବପର ହୋଇ ପାରୁନାହିଁ ।

ତା'ହେଲେ ଆଗକୁ ରାସ୍ତା କଣ? ବ୍ୟାପକ, ବିସ୍ତୃତ ଓ ଅବୋଧ ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଥିକ ବଳ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରି ବିକଶିତ ଭାରତର ସର୍ଜନା କରିବା ଏକ ଭାବନା ନୁହେଁ ବରଂ ଏକ ମାରାଥନ୍ । ଏହାକୁ ହାସଲ କରିବାକୁ ହେଲେ, ଭାରତ ନିଜର ଦୃଷ୍ଟିକୋଣରେ ମୌଳିକ ପରିବର୍ତ୍ତନ ଆଣିବାକୁ ପଡିବ । ଏଥିପାଇଁ ଅତ୍ୟନ୍ତ ତାତ୍କାଳିକ ଓ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ହେବ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ବ୍ୟୟ ରାଶିକୁ ମୋଟ ଅନ୍ତର୍ଦ୍ଦେଶୀୟ ଉତ୍ପାଦ (GDP) ର ୨ ପ୍ରତିଶତ ସ୍ତରକୁ ଆଗାମୀ ୫–୭ ବର୍ଷ ମଧ୍ୟରେ ବୃଦ୍ଧି କରିବାକୁ ପଡିବ । ଏଥିପାଇଁ ଏକ ବୃହତ ସାର୍ବଜନୀନ ବ୍ୟୟ ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ ଅଟେ । ଏଥିସହିତ ପର୍ଯ୍ୟାପ୍ତ କର ପ୍ରୋତ୍ସାହନ ଏବଂ ଗ୍ରାଣ୍ଟସର ଆବଶ୍ୟକତା ମଧ୍ୟ ରହିଛି ଯାହାକି ପ୍ରାଇଭେଟ ସେକ୍ଟରମାନଙ୍କୁ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ମୋଟ ରାଷ୍ଟ୍ରୀୟ ବ୍ୟୟରାଶିର ଅତିକମ୍‌ରେ ୫୦ ପ୍ରତିଶତ ବହନ କରିବାକୁ ପ୍ରଣୋଦିତ ଓ ପ୍ରଚୋଦିତ କରିବ । କେନ୍ଦ୍ର ସରକାରଙ୍କ ଦ୍ୱାରା ଲଞ୍ଚ୍ ହୋଇଥିବା ଏକ ଲକ୍ଷ କୋଟି ଟଙ୍କାର ରିସର୍ଚ୍ଚ, ଡେଭଲପମେଣ୍ଟ ଆଣ୍ଡ ଇନୋଭେସନ (RDI) ଫଣ୍ଡ ସଠିକ ଦିଗରେ ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅର୍ଥ ଯଦି ଦକ୍ଷତା ପୂର୍ବକ ଏବଂ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ବିନିଯୋଗ ହୋଇପାରିଲା, ତେବେ ତାହା ଫଳପ୍ରଦ ହୋଇପାରିବ ବୋଲି ନିଶ୍ଚିତ ଆଶା କରାଯାଇପାରେ ।

**କେନ୍ଦ୍ର ସରକାରଙ୍କ ଦ୍ୱାରା ଲଞ୍ଚ୍ ହୋଇଥିବା ଏକ ଲକ୍ଷ କୋଟି ଟଙ୍କାର ରିସର୍ଚ୍ଚ, ଡେଭଲପମେଣ୍ଟ ଆଣ୍ଡ ଇନୋଭେସନ (RDI) ଫଣ୍ଡ ସଠିକ ଦିଗରେ ଏକ ବଳିଷ୍ଠ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅର୍ଥ ଯଦି ଦକ୍ଷତା ପୂର୍ବକ ଏବଂ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ରରେ ବିନିଯୋଗ ହୋଇପାରିଲା, ତେବେ ତାହା ଫଳପ୍ରଦ ହୋଇପାରିବ ବୋଲି ନିଶ୍ଚିତ ଆଶା କରାଯାଇପାରେ ।**

ଏକ ମହତ୍ତ୍ୱାକାଂକ୍ଷୀ ଭାରତ ବିଖରିତ ହୋଇପଡିଥିବା ଅନୁସନ୍ଧାନ ପ୍ରୟାସ ଆଡୁ ମୁହଁ ଫେରାଇ ଷ୍ଟ୍ରାଟେଜିକ୍ ଏବଂ ଉଚ୍ଚମୂଲ୍ୟଯୁକ୍ତ ଡୋମେନ୍‌ର ଜାତୀୟ ମିଶନ ଯଥା –ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଆଡଭାନ୍ସଡ ମ୍ୟାଟେରିଆଲ୍ସ ଏବଂ ସବୁଜ ଶକ୍ତି ଆଡକୁ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବା ଉଚିତ । ଏ ସମସ୍ତ ଜାତୀୟ ମିଶନ ଦୀର୍ଘକାଳୀନ ତଥା ନିରନ୍ତର ଫଣ୍ଡିଂ ବ୍ୟବସ୍ଥା ସହ ସ୍ୱଚ୍ଛ ଓ ମପାଯାଇପାରୁଥିବା ଫଳାଫଳ ବା ପରିଣାମ ସହ ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ ଆଧିପତ୍ୟ ଆବଶ୍ୟକ କରିଥାଏ ।

**ବିଶ୍ୱବିଦ୍ୟାଳୟ ଓ ଗବେଷଣା :–**

ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଭାରତବର୍ଷର ନିଶ୍ଚିତ ଏକ ବଡ ଦାୟିତ୍ୱ ଏବଂ ଏଥିରୁ ମୁହଁ ଫେରାଇବାର କୌଣସି ପ୍ରଶ୍ନ ଉଠୁନାହିଁ । ବିଶ୍ୱବିଦ୍ୟାଳୟମାନେ କେବଳ ମାତ୍ର ଶିକ୍ଷାଦାନର କେନ୍ଦ୍ର ହେବା ଠାରୁ ଗବେଷଣା କ୍ଷେତ୍ରରେ 'ସେଣ୍ଟର୍ସ ଅଫ ଏକ୍ସଲେନ୍ସ' ହେବା ପର୍ଯ୍ୟନ୍ତ ନିଜର ପରିବର୍ତ୍ତନକୁ ଗ୍ରହଣ କରିବାକୁ ପଡିବ । ଏହା ସମ୍ଭବ ହେଲେ ପିଏଚ.ଡି କାର୍ଯ୍ୟକ୍ରମ ପାଇଁ ଫଣ୍ଡିଂ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଭାବେ ଅଭିବୃଦ୍ଧି ପରିଲକ୍ଷିତ ହେବା ସହ ପ୍ରତିସ୍ପର୍ଦ୍ଧାତ୍ମକ ରିସର୍ଚ୍ଚ ଫାକଲଟି ପୋଜିସନର ସୃଷ୍ଟି ଏବଂ ତତ୍‌ସହ ବିଶ୍ୱସ୍ତରୀୟ ଗବେଷଣା ଭିତ୍ତିଭୂମିର ସର୍ଜନା ମଧ୍ୟ ସମ୍ଭବପର ହୋଇପାରିବ । ପୁନଶ୍ଚ, ଶିଳ୍ପସଂସ୍ଥା ଦ୍ୱାରା ପ୍ରାୟୋଜିତ ରିସର୍ଚ୍ଚ ଚେୟାରର ସ୍ଥାପନା ଏବଂ ଯୁଗ୍ମ ଭାବେ ଇନ୍‌କ୍ୟୁବେସନ ସେଣ୍ଟର ବା ଉଷ୍ମାୟନ କେନ୍ଦ୍ର ମଧ୍ୟ ନିଶ୍ଚିତ ଭାବେ ପ୍ରତିଷ୍ଠା ହେବା ଦରକାର ଯଦ୍ୱାରା ଏକାଡେମିକ ଓ ଇଣ୍ଡଷ୍ଟ୍ରି ମଧ୍ୟରେ ସଫଳ ଯୋଗସୂତ୍ର ସ୍ଥାପନା ସମ୍ଭବପର ହୋଇପାରିବ ।

ଭାରତକୁ ମଧ୍ୟ ଦେଶରେ ଏକ ସୁଦୃଢ ବୌଦ୍ଧିକ ସଂପତ୍ତି ମାଲିକାନା ସତ୍ତ୍ୱ ସଂସ୍କୃତିର ଅନ୍ତର୍ନିବିଷ୍ଟ କରିବାକୁ ପଡିବ । ଅର୍ଥାତ୍ ପେଟେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା, ପ୍ରବର୍ତ୍ତନ ପ୍ରକ୍ରିୟାକୁ ମଜବୁତ କରିବା ଏବଂ ଉଭୟ ଏକାଡେମିକ ଓ କର୍ପୋରେଟ ପୁଂଜିଲଗାଣକାରୀମାନଙ୍କ ପାଇଁ ଆକର୍ଷଣୀୟ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ରହିବା ଦରକାର ଯେଉଁମାନଙ୍କର ପେଟେଣ୍ଟ ସଫଳ ଭାବେ ବ୍ୟବସାୟୀକରଣ ହୋଇପାରିଛି ।

ଭାରତ ପାଖରେ ଅଶେଷ ବୌଦ୍ଧିକ ସଂପତ୍ତି ରହିଅଛି ଏବଂ ସବୁଠାରୁ ବଡ କଥା ହେଲା ଭାରତ ପାଖରେ 'ଗ୍ଲୋବାଲ୍ ଇନୋଭେସନ୍ ଲିଡର' ବା ବୈଶ୍ୱିକ ନବପ୍ରବର୍ତ୍ତନ ନେତା ହେବାର ପ୍ରଚଣ୍ଡ ଆକାଂକ୍ଷା ମଧ୍ୟ ରହିଛି ।

ହେଲେ ଭାରତବର୍ଷରେ ଗବେଷଣା ଓ ଉନ୍ନୟନ କ୍ଷେତ୍ରରେ ପୁଂଜିଲଗାଣର ସାଂପ୍ରତିକ ନିଅଣ୍ଟିଆ ସ୍ଥିତି ଚୀନର ଗୋଟିଏ ମାତ୍ର କମ୍ପାନୀ ହୁଆୱେଇ ସହ ତୁଳନାତ୍ମକ ଅଧ୍ୟୟନରେ ଏଭଳି ଭାବେ ସ୍ୱଷ୍ଟ ରୂପରେ ପରିପ୍ରକାଶିତ ହୋଇଯାଇଛି ଯେ ତାହା ଭାରତବର୍ଷର ଏହି ମହତ୍ତ୍ୱାକାଂକ୍ଷା ବା ଅଭିଳାଷକୁ ବଜାୟ ରଖିପାରିବ ନାହିଁ । ଆଗାମୀ ଦଶନ୍ଧି ଭାରତବର୍ଷରେ ନବସୃଜନ ପାଇଁ ସଂରଚନାତ୍ମକ, ଆର୍ଥିକ ଏବଂ ସାଂସ୍କୃତିକ ମୂଳଦୁଆର ସର୍ଜନାରେ ଉତ୍ସର୍ଗୀକୃତ ହେବା ଏକାନ୍ତ ଆବଶ୍ୟକ । ଯଦି ଏଭଳି ମୌଳିକ ପରିବର୍ତ୍ତନ ପ୍ରଚଣ୍ଡ ରାଜନୈତିକ ଇଚ୍ଛାଶକ୍ତି ଓ ଅତୁଟ ପ୍ରତିବଦ୍ଧତା ସହ ପାଳନ କରାନଯାଏ ତେବେ ବିକଶିତ ଭାରତବର୍ଷର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ୨୦୪୭ ମସିହା ପରେ ବି ବହୁ ସମୟ ବିତିଯିବ ।

**ଯୁଗ୍ମ ମ୍ୟାନେଜିଂ ଟ୍ରଷ୍ଟି**
**କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର**
**ବି–୩, ଏଚ.ଆଇ.ଜି କଲୋନୀ**
**ବରମୁଣ୍ଡା ହାଉସିଂ ବୋର୍ଡ**
**ଭୁବନେଶ୍ୱର–୭୫୧୦୦୩**
**ଫୋନ୍– ୯୩୩୮୨୦୪୯୯୩**
Email-crmishra49@yahoo.in

# ନାରୀ ମନର ଅନ୍ତଃସ୍ୱର



**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଆମ ଜୀବନ ସହ ସ୍ୱପ୍ନର ସମ୍ପର୍କ ଖୁବ୍ ନିବିଡ଼ । କେହି ଛୋଟ ସ୍ୱପ୍ନ ଦେଖେ, ତ କେହି ବଡ଼ । ଆଜି ଆମକୁ ଆଶ୍ଚର୍ଯ୍ୟ କରିଦେବା ପରି ଯେଉଁ ମେସିନ୍ ଓ ଜ୍ଞାନକୌଶଳ ଦେଖୁଛୁ ସେଥିପାଇଁ ପ୍ରଥମେ କେହି ଜଣେ ସ୍ୱପ୍ନ ଦେଖିଥିଲା ନିଶ୍ଚୟ । ସ୍ୱପ୍ନ ସାକାର ହେବା ପାଇଁ ସମୟ ଲାଗେ । ମାତ୍ର ଯଦି ହୃଦୟରେ ଉତ୍ସାହ, ନିଷ୍ଠା, ପରିଶ୍ରମର ଇଛା ଥାଏ ତେବେ ଏହା ପୂର୍ଣ୍ଣ ହୋଇଯାଏ ।

କୁହାଯାଏ ଆମେ ଯାହା ଚିନ୍ତାକରୁ ତାହା ହିଁ ପାଉ । କେହି କେହି ଏକାନ୍ତରେ ବସି ବଡ଼ ବଡ଼ ସ୍ୱପ୍ନ ଦେଖନ୍ତି । ସେ ବିଷୟରେ ଆଲୋଚନା ମଧ୍ୟ କରନ୍ତି, ହେଲେ ତାକୁ ସଫଳ କରିବା ଦିଗରେ କୌଣସି ଚେଷ୍ଟା କରନ୍ତି ନାହିଁ । ଏପରି ସ୍ୱପ୍ନରୁ କିଛି ମିଳେନି, କେବଳ ସମୟ ନଷ୍ଟ ହୁଏ । ସ୍ୱପ୍ନ ସମ୍ପର୍କରେ ଆଲୋଚନା କଲାବେଳେ କିଛି କଥା ମୋର ମନେପଡୁଛି । ଗୋଟିଏ ସରଳ ନାରୀର ଅନ୍ତଃସ୍ୱର ଅନେକ ଶୁଣି ପାରନ୍ତି ନାହିଁ । ବାସ୍ତବ କଥା ହେଉଛି କେବଳ ତଥାକଥିତ ଡିଗ୍ରୀ ହାତକୁ ଆସିଲେ କ'ଣ ନାରୀର ଅସଲ ଜୀବନଟି ବଦଳି ଯାଏ? ଅନେକଙ୍କ ସ୍ୱପ୍ନ, ଜୀବନର ସଂକଳ୍ପ ଇପ୍ସିତ ଭାବନା ସବୁକିଛି ବିବାହ ଓ ତେଲଲୁଣର ଜଞ୍ଜାଳ, କର୍ମ ସଂସ୍ଥାନ ଓ ଦାୟିତ୍ୱ ଭିତରେ ଚାପି ହୋଇଯାଏ । ଏହା ହେଉଛି ଆମ ସମାଜର ସେହି ଶିକ୍ଷିତା ନାରୀଟିର କାହାଣୀ ଯାହା କେବଳ କାହାଣୀ ବା ମନଗଢ଼ା ଗପ ନୁହେଁ । ଏହା ମାର୍ମିକ ଅନ୍ତଃସ୍ୱର ଓ ଜୀବନର ମାର୍ମିକ ସତ୍ୟ । ପୁସ୍ତକ ପଢ଼ିବା ବେଳେ ଅନେକ ସଫଳତାକୁ ପଢ଼ିଥିଲା ଓ ବୁଝିଥିଲା କିନ୍ତୁ ତାକୁ ଜୀବନ ଶିଖାଇ ଦେଲା ଯେ ଜୀବନ ହେଉଛି ବୁଝାମଣା । ଶିକ୍ଷା ଥାଇ, ପ୍ରତିଭା ଥାଇ ସବୁକିଛି ଥାଇ ବି ସୁଯୋଗ କେବେ ସାଥୀ ହୋଇପାରିଲା ନାହିଁ ।

ଜୀବନର ସଫଳତାର ନିର୍ଦ୍ଧାରଣ ସବୁଠାରୁ ପ୍ରଥମେ ମନ ଭିତରେ ହୁଏ । ନିଷ୍ଠା ସହ ପରିଶ୍ରମ ଦ୍ୱାରା ସେହି ଲକ୍ଷ୍ୟ ପୂରଣ ହୁଏ । ତେଣୁ ସ୍ୱପ୍ନ ଦେଖିବା ଜ୍ଞାନଠାରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସଫଳ ମହିଳା ଜଣକ ଯେ ସବୁବେଳେ ଖୁବ୍ ବୁଦ୍ଧିମାନ ଏକଥା ନୁହେଁ ସେମାନେ ଆମପରି ସାଧାରଣ ମଣିଷ । ମାତ୍ର ସେମାନଙ୍କ ପାଖରେ ଭିନ୍ନ ଭାବରେ କିଛି ଚିନ୍ତା କରିବାର ଓ ଏହାକୁ କାର୍ଯ୍ୟରେ ପରିଣତ କରିବାର ସାହାସ ଥାଏ । ପ୍ରଥମ ପାଦ ବଢ଼ାଇବାକୁ ମନରେ ସାହସ ଥାଏ, ଦ୍ୱିତୀୟ ପାଦ ପକାଇବାର ଉତ୍ସୁକତା ଥାଏ । ଏହାପରେ ତୃତୀୟ ପାଦ ଚାଲିବାର ନିଷ୍ଠା ଥାଏ ।

ଯେଉଁଠାରେ ନଦୀ ଆରମ୍ଭ ହୋଇଥାଏ ସେଠାରେ ଏହା ଖୁବ୍ ସରୁ ଓ ଅଗଭୀର । ମାତ୍ର ଏହା ଯେତେ ଯେତେ ଆଗକୁ ବହିଚାଲେ ସେତେ ଚଉଡା ଓ ଗଭୀର ହୋଇଯାଏ । ଆମ ଜୀବନରେ ସବୁଠାରୁ ବଡ଼ କାମର ଆରମ୍ଭ ଠିକ୍ ଏମିତି ହିଁ ହୁଏ । ଯେମିତି ନଦୀ ନିରନ୍ତର ଭାବରେ ଆଗକୁ ବହିବାରେ ଲାଗିଥାଏ, କୌଣସି ମହିଳା ଯଦି ଠିକ୍ ସେମିତି ନିଜ ଜୀବନରେ ନିରନ୍ତର ପ୍ରୟାସ କରି ଆଗକୁ ବଢ଼େ ତା'ହେଲେ ତାକୁ ସଫଳତା ମିଳେ । ସ୍ୱପ୍ନକୁ ସାକାର କରିବା ସ୍ୱପ୍ନ ଦେଖିବା ପରି ସହଜ ନୁହେଁ । ଏହି ସ୍ୱପ୍ନକୁ ବାରମ୍ବାର ଦେଖିବାକୁ ହୁଏ । ଏଥିସହ ତାକୁ ସତ କରିବା ପାଇଁ ନିରନ୍ତର ଉଦ୍ୟମ ଆବଶ୍ୟକ ହୁଏ । ଏଥିପାଇଁ ସମୟ ଓ ପରିଶ୍ରମ ଦରକାର । ସ୍ୱପ୍ନ ପୂର୍ଣ୍ଣ କରିବାକୁ ସମୟ ଲାଗେ । କିଏ କହେ ଏଥିପାଇଁ ମୋ ପାଖରେ ସମୟ ନାହିଁ, ପଇସା ନାହିଁ, ସହାୟତା କରିବାକୁ କେହି ନାହିଁ, ମାତ୍ର ଏସବୁ ନିରର୍ଥକ । ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଆମ ଭାଗ୍ୟ କରେନି । ଆମେ ନିଜେ ହିଁ କରିଥାଉ । ମାତ୍ର ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବାକୁ ପ୍ରଥମେ ଆବଶ୍ୟକ ହୁଏ ସକାରାତ୍ମକ ଚିନ୍ତାଧାରା । ଏଥିପାଇଁ ଦୈନନ୍ଦିନ ଜୀବନରେ ଖୁସି ଆବଶ୍ୟକ । ଚିନ୍ତା ଓ ଅବସାଦର ଜୀବନ ଆମ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ ଓ ମନରେ ସନ୍ଦେହ ଆଣେ । ଆମେ ନିଜ ସ୍ୱପ୍ନକୁ ସାକାର କରିବାରେ ଅସଫଳ ହୋଇଯାଉଁ । ଯେତେବେଳେ ଆମ ନିତିଦିନିଆ ଜୀବନରେ ଖୁସି ଆସେ ସେତେବେଳେ ସ୍ୱପ୍ନ ଓ ଜୀବନ ବିଷୟରେ ଆମର ଦୃଷ୍ଟିକୋଣ ବଦଳିଯାଏ । ମନରେ ଆଶା ସୃଷ୍ଟି ହୁଏ । ପାଦ ଆଗକୁ ବଢ଼ାଇବା ପାଇଁ ଆତ୍ମବିଶ୍ୱାସ ଆସିଯାଏ ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,**
**ଲେନ–୬, ଚହଟା ନଗର,**
**ବିଡ଼ାନାସୀ, କଟକ–୧୪**

# କୋଇଡାରେ ଜେଏସ୍‌ଡବ୍ଲ୍ୟୁ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ପାଇଁ ଭୂମିପୂଜନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଖଣି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବାରେ ପାଇଁ, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ମଙ୍ଗଳବାର ଦିନ କୋଇଡାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ପାଇଁ ଭୂମିପୂଜନ ସମାରୋହ ଆୟୋଜନ କରିଥିଲା। ଏହି ହସ୍ପିଟାଲ ହେଉଛି ଜେଏସଡବ୍ଲୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ସଂଗୀତା ଜିନ୍ଦଲଙ୍କର ଏକ ସ୍ୱପ୍ନର ପ୍ରକଳ୍ପ, ଯାହା ସୁନ୍ଦରଗଡ଼ ଏବଂ କେଉଁଝର ଜିଲ୍ଲାର ଦୁର୍ଗମ ଏବଂ ଅନୁନ୍ନତ ଅଞ୍ଚଳରେ ବାସ କରୁଥିବା ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ପରିବର୍ତ୍ତନ କରିବା ପାଇଁ କଳ୍ପନା କରାଯାଇଥିଲା। ଏହି ଉତ୍ସବରେ ଓଡ଼ିଶା ଖଣି ବିଭାଗର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ଜେଏସ୍‌ଡବ୍ଲ୍ୟୁ



ଫାଉଣ୍ଡେସନର ପୂର୍ବ ଜୋନ୍ ମୁଖ୍ୟ ପ୍ରସନ୍ନ ବିଶ୍ୱାଳ, ଓଡ଼ିଶା ଖଣି ବିଭାଗର ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ର ଏଚ୍‌ଆର ମୁଖ୍ୟ ଚିତ୍ତରଞ୍ଜନ ବାହାନୀପତି, ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, "ଏହି ହସ୍ପିଟାଲ କେବଳ ଏକ ଭିତ୍ତିଭୂମି ପ୍ରକଳ୍ପ ନୁହେଁ;: ଏହା ଆମ ଚାରିପାଖରେ ଥିବା ସମ୍ପ୍ରଦାୟର ସ୍ୱାସ୍ଥ୍ୟ, ମର୍ଯ୍ୟାଦା ଏବଂ କଲ୍ୟାଣ ପ୍ରତି ଏକ ପ୍ରତିବଦ୍ଧତା। କୋଇଡା, ସୁନ୍ଦରଗଡ଼ ଏବଂ କେଉଁଝରର ଲୋକମାନେ ଦୀର୍ଘ ସମୟ ଧରି ଗୁଣାତ୍ମକ ଚିକିତ୍ସା ସେବା ପାଇବାକୁ ଯୋଗ୍ୟ, ଏବଂ ଆମେ ସେହି ଆବଶ୍ୟକତା ପୂରଣ କରିବା ପାଇଁ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ନେବାକୁ ଗର୍ବିତ। ଆମେ ବିଶ୍ୱାସ କରୁଛୁ ଯେ ଏହି ସୁବିଧା ପିଢ଼ି ପରେ ପିଢ଼ି ପାଇଁ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ।

ଏହି ଡାକ୍ତରଖାନା ୪.୫ ଏକର ଜମିରେ ବିସ୍ତାରିତ ଏବଂ ୧୦୦ ଶଯ୍ୟା ବିଶିଷ୍ଟ ସୁବିଧା ସହିତ ଆରମ୍ଭ ହେବ। ଏହି ଅଞ୍ଚଳର ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଲକ୍ଷ୍ୟରେ ଅନେକ ବିଭାଗ ରହିବ। ହସ୍ପିଟାଲ ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ, ଶିଶୁ ରୋଗ, ଚକ୍ଷୁ ରୋଗ, ଇଏନଟି, ସାଧାରଣ ଔଷଧ ଏବଂ ଇତ୍ୟାଦି ସମେତ ବିଶେଷ ସେବା ପ୍ରଦାନ କରିବ। ଏହା ସହିତ, ଏଥିରେ ଉନ୍ନତ ନିଦାନ ପରୀକ୍ଷାଗାର ମଧ୍ୟ ରହିବ, ଯାହା ରୋଗୀମାନଙ୍କୁ ଚିକିତ୍ସା ପରୀକ୍ଷା ପାଇଁ ଦୂର ଦୂରାନ୍ତର ଯାତ୍ରା କରିବାକୁ ପଡିବ ନାହିଁ। ଏହି ପ୍ରକଳ୍ପରେ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀଙ୍କ ପାଇଁ ଆବାସିକ ଏବଂ ମନୋରଞ୍ଜନ ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ ହେବ। ପ୍ରତ୍ୟେକ ସୁବିଧା ପର୍ଯ୍ୟାୟକ୍ରମେ ନିର୍ମାଣ କରାଯିବ। ନୂତନ ହସ୍ପିଟାଲ ସ୍ଥାନୀୟ ଭାବରେ ପୂର୍ବରୁ ଉପଲବ୍ଧ ନ ଥିବା ସେବା ଏବଂ ଭିତ୍ତିଭୂମି ପ୍ରଦାନ କରି ସେହି ବ୍ୟବଧାନକୁ ପୂରଣ କରିବ ବୋଲି ଆଶା କରାଯାଉଛି।

# ରାଜନଗରରେ ଚାଷୀ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କଲା ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଧାନ ସଂଗ୍ରହ ବ୍ୟବସ୍ଥା ରାଜ୍ୟରେ ଭୁଶୁଡ଼ି ପଡିଛି ବୋଲି ଅଭିଯୋଗ କରି ଆସୁଥିବା ବେଳେ ରାଜନଗର ଅଞ୍ଚଳରେ ଜଣେ ଚାଷୀଙ୍କ ମୃତ୍ୟୁକୁ ନେଇ ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ, ଚାଷୀଙ୍କ ମୃତ୍ୟୁ ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଗୋଟି ଗୋଟି କରି ବଖାଣିଥିଲେ।

ଦେବୀ ପ୍ରସାଦ ମିଶ୍ର କହିଥିଲେ, ରାଜ୍ୟ ବିଜେପି ସରକାରଙ୍କର ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଥିବା ବେଳେ, ରାଜ୍ୟ ବିଜେପି ସରକାର କେବଳ ନିଜ ପିଠି ନିଜେ ଥାପୁଡ଼େଉବାରେ ବ୍ୟସ୍ତ ଅଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଧାନ ସଂଗ୍ରହ ବ୍ୟବସ୍ଥା ବିଫଳତା କାରଣରୁ ଆଜି ରାଜ୍ୟର ଜଣେ ଚାଷୀ, ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି। ଜାନୁଆରି ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟନୀ ଛଟନୀରେ ତାର ପ୍ରତି କ୍ୱିଣ୍ଟାଲରେ ୬ କିଗ୍ରା କଟା ଯାଇଛି। ଏହା ଛଡା ଧାନ ବିକ୍ରି କରିବା ପାଇଁ ମୃତ ତ୍ରିଲୋଚନ ନାୟକ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡିଥିଲା ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତାଙ୍କୁ ରାମଚଣ୍ଡୀ ମିଲରେ ଧାନ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଧାନ ହସ୍ତାନ୍ତର ପାଇଁ ତିନି ଦିନ କାଳ ତାଙ୍କୁ ସେଠାରେ ଜଗି ରହିବାକୁ ପଡିଥିଲା।

ଶ୍ରୀ ମିଶ୍ର କହିଥିଲେ, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏକ ଭିଡିଓ ବାର୍ତ୍ତାରେ ଧାନ କିଣା ରାଜ୍ୟରେ ସୁରୁଖୁରୁରେ ଚାଲିଛି ବୋଲି କହିଛନ୍ତି, ଯାହା ଡାହା ମିଛ। ରାଜନଗର ଅଞ୍ଚଳର ଶ୍ରୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଏହି ମିଛ ଧରା ପକାଇ ଦେଇଛି। ଏହାଛଡା, ବିଧାନସଭାରେ ଗତ ମଙ୍ଗଳବାର ଶ୍ରୀ ପାତ୍ର ରାଜ୍ୟରେ ଏବେ ସୁଦ୍ଧା ୬୪. ୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଥିଲା ବେଳେ ତାପରେ ଏକ ଭିଡିଓ ବାର୍ତ୍ତାରେ ୬୩. ୬୫ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଛନ୍ତି। ଦୁଇ ଦିନରେ ଦୁଇଟି ଅଲଗା ତଥ୍ୟ ଦେଇଥିବାରୁ ଶ୍ରୀ ପାତ୍ର କେବଳ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହେଉଛି। ଶ୍ରୀ ମିଶ୍ର ଆହୁରି କହିଥିଲେ, ସରକାରୀ ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧୯୩ ଲକ୍ଷ ମେଟ୍ରିକ ଟନ ଧାନ ଉତ୍ପାଦନ ହୋଇଛି। ରାଜ୍ୟ ବିଜେପି ସରକାର ସମସ୍ତ ଧାନ କିଣିବ ବୋଲି କହିଥିବା ବେଳେ, ଏବେ ସୁଦ୍ଧା ମାତ୍ର ୬୩ ଲକ୍ଷ ମେଟ୍ରିକ ଟନ କିଣା ଯାଇଛି, ଯାହା ସମୁଦାୟ ଧାନ ଉତ୍ପାଦନର ମାତ୍ର ୩୩ ପ୍ରତିଶତ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଧାନ କିଣା ଚାଲିବ ବୋଲି କୁହାଯାଇଥିବାରୁ ଆଉ ମାତ୍ର ଗୋଟିଏ ମାସରେ ସରକାର ବଳକା ଧାନ କିଣିବାରେ ସକ୍ଷମ ହେବେ ବୋଲି ବିଶ୍ୱାସଯୋଗ୍ୟ ନୁହେଁ।

# ଇଣ୍ଡିଆ ଚିପ୍ ପ୍ରାଇଭେଟ୍ ଲିମିଟେଡ୍ ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗ୍ରେଟର ନୋଏଡାର ଜେୱାର ସ୍ଥିତ ୱାଇଇଆଇଡିଏ (ଯମୁନା ଏକ୍ସପ୍ରେସୱେ ଇଣ୍ଡଷ୍ଟ୍ରିଆଲ




ଡେଭଲପମେଣ୍ଟ ଅଥରିଟି)ରେ ଆଉଟସୋର୍ସିଂ ସେମିକଣ୍ଡକ୍ଟର ଆସେମ୍ବଲି ଆଣ୍ଡ ଟେଷ୍ଟ (ଓସାଟ୍) ସୁବିଧା ପାଇଁ ଇଣ୍ଡିଆ ଚିପ୍ ପ୍ରାଇଭେଟ୍ ଲିମିଟେଡ୍ - ଏଚ୍‌ସିଏଲ୍ ଗ୍ରୁପ୍ ଏବଂ ଫକ୍ସକନ୍ ଜେଭିର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ଅବସରରେ ଉତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ସହ ଏଚସିଏଲ ଗ୍ରୁପର ଚେୟାରପର୍ସନ ରୋଶନୀ ନାଦାର ମଲହୋତ୍ରା ଏବଂ ହୋନ ହାଇ ଟେକ୍ନୋଲୋଜି ଗ୍ରୁପ୍ (ଫକ୍ସକନ୍)ର ସେମିକଣ୍ଡକ୍ଟର ବିଜନେସ୍ ଗ୍ରୁପ୍ ସଭାପତି ବବ୍ ଚେନ୍ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ଏଚସିଏଲ ଗ୍ରୁପର ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ଆମର ଦୃଢ଼ ଇଞ୍ଜିନିୟରିଂ ପରମ୍ପରା ଉପରେ ଆଧାରିତ ଅଟେ, ଯାହା ଭାରତର ଟେକ୍ନୋଲୋଜି ଏବଂ ଉତ୍ପାଦନ ଇକୋସିଷ୍ଟମରେ ଦୀର୍ଘ ଦିନ ଧରି ଯୋଗଦାନ ଦେଇଆସୁଛି।

# ଏସେନ୍ ପ୍ରିମିୟାରେ ହାର୍ଲି - ଡେଭିନସନ୍ ଏକ୍ସ ୪୪୦ ଟି



କଟକ, (ସ୍ୱପ୍ର) : ସ୍ଥାନୀୟ ଏସେନ୍ ପ୍ରିମିୟାରେ ହାର୍ଲି - ଡେଭିନସନ୍ ଏକ୍ସ ୪୪୦ ଟି ଉନ୍ମୋଚନ ହୋଇଛି। ଏହାର ଏକ୍ସ ଶୋରୁମ୍ ମୂଲ୍ୟ ୨, ୭୯,୫୦୦ ଟଙ୍କା ରଖାଯାଇଛି। ପୂର୍ବ ମଡେଲ ତୁଳନାରେ ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏଥିରେ ରାଇଡ୍ ବାଏ ୱେୟାର, ରୋଡ୍ ଓ ରେନ୍ ମୋଡ୍ ଭଳି ସୁବିଧା ରହିଛି। ଏହି ଅବସରରେ ହାର୍ଲି ଡେଭିନସନ୍ ଜୋନାଲ ଲିଡ୍ (ପୂର୍ବ) ନବଜିତ କାକତି ଏବଂ ଟେରୀଟୋରୀ ମ୍ୟାନେଜର ଅଙ୍କୁର ସିଂହ, ଏସେନ୍ ପ୍ରିମିୟାର ଡିଲର ପ୍ରିନ୍ସିପାଲ ହେମନ୍ତ କୁମାର ଥାକର, ଜିତେନ୍ଦ୍ର କୁମାର ଥାକର, ସୌରଭ ଥାକର ଓ ନିଶାନ୍ତ ଥାକର ମଧ୍ୟ ଉପସ୍ଥିତ ଥିଲେ। ହେମନ୍ତ ଥାକର କହିଛନ୍ତି ଯେ ଏକ୍ସ ୪୪୦ ଟି ହେଉଛି ଟେକ୍ନୋଲୋଜି ଏବଂ ଶକ୍ତିର ଚମତ୍କାରୀ ସମନ୍ୱୟ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଗ୍ରାହକ ଓ ଜନସାଧାରଣ ଯୋଗ ଦେଇଥିଲେ। ତିନିଜଣ ଗ୍ରାହକଙ୍କୁ ସେମାନଙ୍କର ନୂତନ ଏକ୍ସ ୪୪୦ ଟି ବାଇକ୍ ହସ୍ତାନ୍ତର କରାଯାଇଥିଲା।

# ହିମାଳୟ ବେବି କେୟାରର ପ୍ୟାକେଜିଂରେ ପରିବର୍ତ୍ତନ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ବେବି କେୟାର ବ୍ରାଣ୍ଡ ହିମାଳୟ ବେବିକେୟାର ତାହାର ସମୁଦାୟ ବେବି କେୟାର ବର୍ଗମାଳାରେ ପ୍ୟାକେଜିଂ ଡିଜାଇନରେ ପରିବର୍ତ୍ତନ ଆଣିଛି, ଯାହା ଏହାର ପ୍ରଚଳିତ ଦୀର୍ଘସ୍ଥାୟୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ନୂତନ ପ୍ୟାକେଜିଂରେ ଉନ୍ନତ ବ୍ୟବହାରିତା, ଚିନ୍ତନଶୀଳ ଡିଜାଇନ ଏବଂ ପରିବେଶ ଉପରେ ସୁଦୃଢ଼ ଦୃଷ୍ଟିପାତର ସମ୍ମିଶ୍ରଣ ଘଟିଛି, ଯାହା ପ୍ଲାଷ୍ଟିକ ବର୍ଜ୍ୟ ହ୍ରାସ କରିବା ଏବଂ ଅର୍ଥପୂର୍ଣ୍ଣ ପ୍ରଭାବ ପକାଇବା ଦିଗରେ ହିମାଳୟ ବେବିକେୟାର୍‌ର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଏହାର ଦୀର୍ଘସ୍ଥାୟୀ ନକ୍ସା ସହିତ ମେଳ ଖୁଆଇ ବ୍ରାଣ୍ଡର ପୁନଃ ଡିଜାଇନ କରାଯାଇଥିବା ପ୍ୟାକେଜିଂ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ୫୦୦ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ତଥା ବାର୍ଷିକ ପ୍ରାୟ ୧୦୦ ଟନ୍ ପ୍ଲାଷ୍ଟିକ ବ୍ୟବହାର କାଟ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରୟାସ ଦୈନନ୍ଦିନ ପସନ୍ଦ ଦ୍ୱାରା ପରିବେଶ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅଧିକରୁ ଅଧିକ ଚିନ୍ତାଶୀଳ ହେଉଥିବା ଏବଂ ସେମାନଙ୍କ ପିଲାଙ୍କର ଅଧିକ ଦାୟିତ୍ୱସମ୍ପନ୍ନ ଭବିଷ୍ୟତ ଗଠନ ସହିତ ମେଳ ଖାଉଥିବା ଉତ୍ପାଦ ଆବଶ୍ୟକ କରୁଥିବା ପିତା ମାତାଙ୍କର ମାନସିକତାରେ ବର୍ଦ୍ଧିତ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି। ନୂତନ ପ୍ୟାକେଜିଂ ଶୁଭାରମ୍ଭକୁ ଏକ ଶକ୍ତିଶାଳୀ ଡିଜିଟାଲ ଫିଲ୍ମ ସମର୍ଥନ ଯୋଗାଇ ଦେଉଛି, ଯାହା ଆମ ପିଲାମାନେ ଉତ୍ତରାଧିକାର ସୂତ୍ରରେ ପାଇବାକୁ ଥିବା ଭବିଷ୍ୟତକୁ ନେଇ ପିତା ମାତାଙ୍କର ସମାନ ଚିନ୍ତାକୁ ଧରିରଖିଛି।

## ବେଦାନ୍ତ ଆଲୁମିନିୟମର ପ୍ରକଳ୍ପ 'ନିର୍ମଳ'

# ସୁନ୍ଦରଗଡ ଏବଂ ଝାରସୁଗୁଡ଼ାରେ ଗ୍ରାମୀଣ ୱାଶ ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେଉଛି

ଭୁବନେଶ୍ୱର (ସବ୍ୟୁ) : ବେଦାନ୍ତ ଆଲୁମିନିୟମ ଏହାର ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ) ପଦକ୍ଷେପ ଭାବେ ପ୍ରକଳ୍ପ 'ନିର୍ମଳ' ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ସୁବିଧା ପ୍ରଦାନ କରୁଛି। ଏପ୍ରିଲ ୨୦୨୫ ରେ କାର୍ଯ୍ୟକ୍ଷମ ହୋଇଥିବା ୧୨ ଟି ସୌର-ଚାଳିତ ନଳକୂପ ଏବଂ ୨୦ ଟି ଜଳ ବିଶୋଧନ ବ୍ୟବସ୍ଥାକୁ ନେଇ ଗଠିତ ଭିତ୍ତିଭୂମି ଜାମଖାନୀ, ଘୋଘରପାଲ୍ଲୀ, କୁରାଲୋଇ, ମୁଣ୍ଡେଲଖେତ, ଗିରିସିମା, ବିଲିମୁଣ୍ଡା, ଛତାବର, ଗର୍ଜନଜୋର, ଗ୍ରିଣ୍ଡୋଲା, ପିପିଲିମାଳ, ବେଲପାହାଡରେ ଦୈନିକ ପ୍ରାୟ ୨.୪୬ ଲକ୍ଷ ଲିଟର ନିରାପଦ ପାନୀୟ ଜଳ ଯୋଗାଇଦେଉଛି ଯାହା ୨୩,୦୦୦ ରୁ ଅଧିକ ବାସିନ୍ଦାଙ୍କୁ ଉପକୃତ କରୁଛି। ଏହାର ୱାଶ ଆଭିମୁଖ୍ୟକୁ ସୁଦୃଢ଼ କରି, କମ୍ପାନୀ ୫୦ଟି ବିଦ୍ୟାଳୟରେ ପରିବେଶ ଅନୁକୂଳ ଶୌଚାଳୟ ସ୍ଥାପନ ସହିତ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଏବଂ ୨୦୦୦ ଛାତ୍ରଙ୍କ ପାଇଁ



ଦୈନିକ ସ୍ୱଚ୍ଛତା ବ୍ୟବସ୍ଥାରେ ଉନ୍ନତି ଆଣିଛି।

ଖରା ଦିନରେ ଏହି ଅଞ୍ଚଳରେ ଜଳାଭାବ ଏକ ସାଧାରଣ ସମସ୍ୟା। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ, ଅନେକ ଜନବସତି ଏଭଳି ଜଳ ଉତ୍ସ ଉପରେ ନିର୍ଭର କରୁଥିଲା, ଯେଉଁଥିରେ ୬ ରୁ ୧୨ ଏନଟିୟୁ (ନେଫେଲୋମେଟ୍ରିକ୍ ଟର୍ବିଡିଟି ୟୁନିଟ୍) ଠାରୁ ଆରମ୍ଭ କରି ଟର୍ବିଡିଟି ସ୍ତର ରହିଥିଲା। ନଳକୂପ ଶୁଦ୍ଧିକରଣ ସହିତ, ବର୍ତ୍ତମାନ ଅନୁମତିପ୍ରାପ୍ତ ସୀମା (୧ ଏନଟିୟୁ) ମଧ୍ୟରେ ଜଳର ମାନକୁ ବଜାୟ ରଖାଯାଇଛି, ଯାହା ଘରୋଇ ଜଳ ସୁରକ୍ଷାକୁ ବୃଦ୍ଧି ଏବଂ ନିରାପଦ ବ୍ୟବହାରକୁ ସମର୍ଥନ କରୁଛି। ଅତ୍ୟାବଶ୍ୟକ ଗୋଷ୍ଠୀ ସମ୍ପତ୍ତି ସହିତ ସ୍ୱଚ୍ଛ ଶକ୍ତି ସମାଧାନକୁ ଏକୀକୃତ କରି, ପ୍ରକଳ୍ପ ନିର୍ମଳ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ, ବିଶେଷ କରି ସ୍ୱଚ୍ଛ ଜଳ ଏବଂ ପରିମଳ ଉପରେ ଏସଡିଜି ୬, ସୁଲଭ ଏବଂ ସ୍ୱଚ୍ଛ ଶକ୍ତି ଉପରେ ଏସଡିଜି ୭, ଏବଂ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଉପରେ ଏସଡିଜି ୧୩ ସହିତ ସଂଶ୍ଳିଷ୍ଟ ପ୍ରାଥମିକତାକୁ ଆଗକୁ ବଢ଼ାଇବା ସହିତ ସହନଶୀଳ ଗ୍ରାମୀଣ ଭିତ୍ତିଭୂମିକୁ ମଜବୁତ କରିଥାଏ। ଏହି ପଦକ୍ଷେପ ଉପରେ ମନ୍ତବ୍ୟ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ନିରାପଦ ପାନୀୟ ଜଳ ଏବଂ ପରିମଳ ସୁବିଧା ଜନସାଧାରଣଙ୍କ କଲ୍ୟାଣ ପାଇଁ ମୌଳିକ ଅଟେ। ବେଦାନ୍ତ ଆଲୁମିନିୟମରେ, ଆମେ ସ୍ଥାୟୀ, ଗୋଷ୍ଠୀ-କୈନ୍ଦ୍ରିକ ହସ୍ତକ୍ଷେପ ମାଧ୍ୟମରେ ଏହାକୁ ମଜବୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରକଳ୍ପ ନିର୍ମଳ ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଏବଂ ଗୋଷ୍ଠୀ ନମନୀୟତାକୁ ଏକତ୍ରିତ କରୁଥିବା ସମନ୍ୱିତ ବିକାଶ ମଡେଲ ଉପରେ ଆମର ରଣନୈତିକ ଧ୍ୟାନକୁ ପ୍ରତିଫଳିତ କରୁଛି।

### ଗାଡି ଧକ୍କାରେ ବୃଦ୍ଧ ଗୁରୁତର

ଭାପୁର ,(ସବ୍ୟୁ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତଗତ ଖୁଣ୍ଟୁପଡା ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି। ଖୁଣ୍ଟୁପଡା କାଠ ମିଲ ପୋଖରି ନିକଟ ରାସ୍ତାରେ ଏକ ବୃଦ୍ଧ ଅଜଣା ଗାଡି ଧକାରେ ରାସ୍ତାରେ ଛିଟିକି ପଡ଼ିଥିଲେ। କିଛି ସ୍ଥାନୀୟ ବାସିନ୍ଦା ପୋଖରୀରେ ଗାଧୋଇବା ସମୟରେ ତାଙ୍କୁ ଦେଖି ତୁରନ୍ତ ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରୁ ନେଇ ଯାଇଥିଲେ। କିନ୍ତୁ ତାଙ୍କର ଅଧିକ ଚିକିତ୍ସା ଦରକାର ପଡିବାରୁ ତାଙ୍କୁ କାର୍ଯ୍ୟରତ ଡାକ୍ତର ଖୋର୍ଦ୍ଧା କୁ ସ୍ଥାନାନ୍ତର କରିଥିଲେ। ଗୁରୁତର ବୃଦ୍ଧ ଜଣକ ହେଉଛନ୍ତି ଖୁଣ୍ଟୁପଡା ଗ୍ରାମର ବିରଞ୍ଚି ମହାପାତ୍ର। ସେ ଘରକୁ ଫେରୁଥିବା ସମୟରେ ଏହି ଘଟଣାଟି ଘଟିଯାଇଥିଲା।

## ଏୟାରଟେଲ୍ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ

# ଏନ୍‌ଏଫ୍‌ସି-ବେସଡ୍ ବାଲାନ୍ସ ଅପଡେଟ ଫିଚରର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଏୟାରଟେଲ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ଏହାର ରୁପେ ଅନ-ଦ-ଗୋ କାର୍ଡଗୁଡିକ ପାଇଁ ଏହାର ଇନଷ୍ଟାଂଟ ଏନଏଫସି ବେସଡ ବାଲାନ୍ସ ଅପ୍‌ଡେଟ ଫିଚରର ଶୁଭାରମ୍ଭ ଘୋଷଣା କରାଯାଇଛି, ଯାହାକୁ ଏନସିଏମସି ଦ୍ୱାରା ସକ୍ଷମ କରାଯାଇଛି। ଗ୍ରାହକମାନେ ଏବେ ନିଜର ଏନଏଫସି-ପରିଚାଳିତ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ କେବଳ କାର୍ଡ ଉପରେ ଟ୍ୟାପ କରି ତତ୍କାଳ ନିଜ କାର୍ଡର ବାଲାନ୍ସ ଯାଞ୍ଚ କିମ୍ବା ଅପ୍‌ଡେଟ କରିପାରିବେ, ଏହା ମେଟ୍ରୋ ଷ୍ଟେସନ କିଓସ୍କଗୁଡିକୁ ପରିଦର୍ଶନ କରିବାର ଆବଶ୍ୟକତାକୁ ଦୂର କରିବ ଏବଂ ଏକ ସହଜ, ସମ୍ପୂର୍ଣ୍ଣ ଡିଜିଟାଲ ଓ କଂଟାକ୍ଟଲେସ ଟ୍ରାଞ୍ଜିଟ ଅନୁଭୂତିକୁ ସକ୍ଷମ କରିବ। ଏହି ପଦକ୍ଷେପ ସହିତ ଯାତ୍ରୀମାନେ ଏୟାରଟେଲ ଥ୍ୟାଙ୍କସ ଆପ୍‌ରେ ନିଜ ବ୍ୟାଙ୍କ ଆକାଉଂଟ କିମ୍ବା ୱାଲେଟରେ ଲଗଇନ କରିବା ପରେ ନିଜର ଲିଙ୍କ ହୋଇଥିବା ଏନଏଫସି-ସକ୍ଷମ ଆଣ୍ଡ୍ରଏଡ ସ୍ମାର୍ଟଫୋନରେ କାର୍ଡକୁ ଟ୍ୟାପ କରି ବାସ୍ତବ ସମୟରେ କାର୍ଡର ବାଲାନ୍ସ ଅପ୍‌ଡେଟ କିମ୍ବା ଯାଂଚ କରିପାରିବେ। କାର୍ଡ ଅର୍ଡର କରିବା ଓ ରିଚାର୍ଜ କରିବାଠାରୁ ଆରମ୍ଭ କରି ତତ୍କାଳ ବାଲାନ୍ସ ଅପ୍‌ଡେଟ କିମ୍ବା ଯାଂଚ କରିବା ପର୍ଯ୍ୟନ୍ତ ସମଗ୍ର ଅନୁଭୂତି ଏବେ ସମ୍ପୂର୍ଣ୍ଣ ଡିଜିଟାଲ ଏବଂ ସରଳ ଅଟେ। ଏସମ୍ପର୍କରେ ଏୟାରଟେଲ ପେମେଂଟ୍‌ସ ବ୍ୟାଙ୍କର ବିଜ୍‌ନେସ୍ ଅପରେଶନ୍ସ ବିଭାଗର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗଣେଶ ଅନନ୍ତନାରାୟଣନ କହିଛନ୍ତି, "ଏୟାରଟେଲ୍ ପେମେଂଟସ ବ୍ୟାଙ୍କରେ, ଆମର ଗ୍ରାହକମାନଙ୍କ ପାଇଁ ଦୈନନ୍ଦିନ କାରବାରକୁ ଅଧିକ ସରଳ ଏବଂ ସହଜ କରିବା ଦିଗରେ ନୂଆ ଉପାୟ ଉଦ୍ଭାବନ କରିବା ଉପରେ ଆମର ନିରନ୍ତର ପ୍ରୟାସ ରହିଆସିଛି।

## ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ

# ହ୍ୟାଣ୍ଡସ୍ ଅଫ୍ ହୋପ୍ ଦି ଇନକ୍ରେଡେବୁଲ ଜର୍ଣ୍ଣି ଅଫ୍ ଏ ରିପ୍ଲାଣ୍ଟେସନ୍ ସର୍ଜନ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, (ସବ୍ୟୁ) : ଗୋଟିଏ ନୁହେଁ କି ଦୁଇଟି ନୁହେଁ ୫ ହଜାରରୁ ଉର୍ଦ୍ଧ୍ୱ କଟାହାତ, ପାପୁଲି ଏବଂ ଆଙ୍ଗୁଳିକୁ ଯୋଡି ହଜାର ହଜାର ଲୋକଙ୍କୁ ନୂଆ ଜୀବନଦାନ ଜଣେ ପ୍ଲାଷ୍ଟିକ୍ ସର୍ଜନ ଦେବା




ଘଟଣା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ତେବେ ଏହାକୁ ସତ୍ୟରେ ପରିଣତ କରିଛନ୍ତି ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ସୁବ୍ରତ କୁମାର ଜେନା। ଅଶ୍ୱିନ ହସ୍ପିଟାଲର ଚେୟାରମ୍ୟାନ ଡ. ଜେନାଙ୍କ ଦ୍ୱାରା ଲିଖିତ ହ୍ୟାଣ୍ଡସ୍ ଅଫ ହୋପ୍, ଦ ଇନକ୍ରେଡେବୁଲ ଜର୍ଣ୍ଣି ଅଫ ଏ ରିପ୍ଲାଣ୍ଟେସନ୍ ସର୍ଜନ ପୁସ୍ତକଟି ସ୍ଥାନୀୟ ରେଳ ଅଡିଟୋରିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରକାଶ ମିଶ୍ର, ସଫଦରଜଙ୍ଗ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର କରୁଣ ଅଗ୍ରୱାଲ, ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର, ବିଶିଷ୍ଟ ସର୍ଜନ ପ୍ରଫେସର ମାନସ ରଞ୍ଜନ ସାହୁ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଓଡିଶୀ ନୃତ୍ୟଶିଳ୍ପୀ ପ୍ରଫେସର ରତିକାନ୍ତ ମହାପାତ୍ର, ପ୍ରଫେସର ଫାଲଗୁନୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ହ୍ୟାଣ୍ଡସ୍ ଅଫ ହୋପ୍, ଦ ଇନକ୍ରେଡେବୁଲ ଜର୍ଣ୍ଣି ଅଫ ରିପ୍ଲାଣ୍ଟେସନ୍ ସର୍ଜନ ପୁସ୍ତକଟି ପ୍ରଖ୍ୟାତ ପ୍ଲାଷ୍ଟିକ ଓ ମାଇକ୍ରୋ ସର୍ଜନ ଡ. ସୁବ୍ରତ ଜେନାଙ୍କ ଜୀବନ ଓ ଗତ ୪ ଦଶକ ଧରି ତାଙ୍କର ରିପ୍ଲାଣ୍ଟେସନ ସର୍ଜରୀର ଅନୁଭବ ଉପରେ ଆଧାରିତ। ଏହି ପୁସ୍ତକରେ ସତ୍ୟ ଘଟଣା ଓ ଚିତ୍ର ସହ ରୋଗୀମାନଙ୍କ ଜୀବନ କାହାଣୀ ଏବଂ ସଂଘର୍ଷକୁ ଦେଖାଯାଇଛି। ହାତ କିପରି ପୁନଃ ଯୋଡାଯାଏ ଓ ରୋଗୀଙ୍କୁ କ'ଣ କ'ଣ ଜାଣିବା ଦରକାର ସେଗୁଡ଼ିକ ମଧ୍ୟ ଏଥିରେ ବୁଝାଇ ଦିଆଯାଇଛି। ଏହି ପୁସ୍ତକଟି କେବଳ ଚିକିତ୍ସା ବିଷୟରେ ନୁହେଁ ବରଂ ସେଥିରେ ଥିବା ମଣିଷର ଯନ୍ତ୍ରଣା, ଆଶା ଓ ନୂଆ ଜୀବନର କଥାକୁ ପ୍ରକାଶ କରିଛି।

## ପଶ୍ଚିମ ଓଡ଼ିଶାର ଲୋକମାନେ ନିଯୁକ୍ତି ଏବଂ ଆଇନଗତ

# ଜୀବିକା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି

ଭୁବନେଶ୍ୱର, (ସବ୍ୟୁ): ଦକ୍ଷିଣ ପଶ୍ଚିମ ଓଡ଼ିଶାର ମାଲକାନଗିରିରେ ଏକ ବେଆଇନ ହାସ୍ ତେଲ ୟୁନିଟ୍ ସମ୍ପ୍ରତି ଧରାପଡ଼ିବା ଏକ ସରଳ ସତ୍ୟ ପ୍ରକାଶ କରେ। ଯେତେବେଳେ ଲୋକଙ୍କ ପାଖରେ ସ୍ଥାୟୀ ଚାକିରି ନାହିଁ, ସେତେବେଳେ କିଛି ଲୋକ ବଂଚିବା ପାଇଁ ବେଆଇନ କାମର ସାହାରା ନେଇଥାନ୍ତି। ଅନେକ ସମୟରେ ଶିକ୍ଷିତ ଯୁବ ବେକାରୀ ଏବଂ ବେଆଇନ କାର୍ଯ୍ୟକଳାପର ବୃଦ୍ଧି ମଧ୍ୟରେ ଏକ ଦୃଢ଼ ସମ୍ପର୍କ ଦେଖାଏ। ପୋଲିସ କାର୍ଯ୍ୟାନୁଷ୍ଠାନ କିଛି ସମୟ ପାଇଁ ବେଆଇନ କାମକୁ ବନ୍ଦ କରିପାରିବ। କିନ୍ତୁ ଯଦି ଲୋକଙ୍କ ପାଖରେ ଏପର୍ଯ୍ୟନ୍ତ ସୁରକ୍ଷିତ ଚାକିରି ନାହିଁ, ତେବେ ସମସ୍ୟା ପୁଣି ଫେରି ଆସିପାରେ। ପଶ୍ଚିମ ଓଡ଼ିଶାରେ ଅଧିକାଂଶ ଲୋକ ଋତୁକାଳୀନ, କୃଷି-ଭିତ୍ତିକ କାମ ଉପରେ ନିର୍ଭର କରନ୍ତି ଏବଂ ପ୍ରବାସ ଏକ ଆବଶ୍ୟକତା ପାଲଟିଛି। ଏହାର ମୁଖ୍ୟ କାରଣ ହେଉଛି ଏହି ଅଂଚଳରେ ବହୁତ ସୀମିତ ଶିଳ୍ପ କାର୍ଯ୍ୟକଳାପ ଯୋଗୁଁ। ଶିଳ୍ପ ଗୁଡିକ ମୁଖ୍ୟତଃ ଧାତୁ କ୍ଷେତ୍ରରେ ଅଛନ୍ତି କିନ୍ତୁ କଂଚାମାଲ ଘୋର ଅଭାବ ରହିଛି। ଫଳସ୍ୱରୂପ, ଏହି ଶିଳ୍ପଗୁଡ଼ିକ କ୍ଷମତା ତଳେ କାର୍ଯ୍ୟ କରନ୍ତି ଏବଂ ସ୍ଥାୟୀ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରିବାରେ ବିଫଳ ହୁଅନ୍ତି।

ଓଡ଼ିଶାର ବିଶାଳ ଖଣିଜ ସମ୍ପଦର ଭଣ୍ଡାର ରହିଛି - ବିଶେଷକରି ଏହାର ଅବ୍ୟବହୃତ ବକ୍ସାଇଟ୍ ସଂରକ୍ଷଣ, ଯାହା ଜୀବିକା ପାଇଁ ଏକ ଦୀର୍ଘକାଳୀନ ସାଂରଚନିକ ସମାଧାନ ଉପସ୍ଥାପନ କରେ। ଏହି ଖଣିଜ ସଂରକ୍ଷଣଗୁଡ଼ିକୁ ବ୍ୟବହାର କରି, ରାଜ୍ୟ ହଜାର ହଜାର ପରିବାରକୁ ସ୍ଥିର, ବର୍ଷସାରା ଆର୍ଥିକ ଆୟ ପ୍ରଦାନ କରିପାରିବ, ଏକ "ଜୀବିକା ଢାଲ" ସୃଷ୍ଟି କରିପାରିବା ସହିତ ଯୁବକମାନଙ୍କୁ ବେଆଇନ କାର୍ଯ୍ୟକଳାପ କିମ୍ବା କଷ୍ଟକର ପ୍ରବାସ ହେବାରୁ ରକ୍ଷା କରିପାରିବ। ଦାୟିତ୍ୱପୂର୍ଣ୍ଣ ଖଣି ଖନନ ଏହାର ନିମ୍ନଗାମୀ ଶିଳ୍ପଗୁଡ଼ିକ କଳାହାଣ୍ଡି ଏବଂ ରାୟଗଡ଼ା ଭଳି ସମ୍ପଦ-ସମୃଦ୍ଧ ଜିଲ୍ଲାଗୁଡ଼ିକୁ ଆର୍ଥିକ ଅବହେଳାର କେନ୍ଦ୍ରରୁ ମର୍ଯ୍ୟାଦାପୂର୍ଣ୍ଣ, ଆନୁଷ୍ଠାନିକ ନିଯୁକ୍ତିର କେନ୍ଦ୍ରରେ ପରିଣତ କରିବାର ଅନନ୍ୟ ସମ୍ଭାବନା ରଖିଛି। ଯେତେବେଳେ ଆୟ ଅନିଶ୍ଚିତ ଥାଏ, କିଛି ଲୋକ ଭୁଲ କାର୍ଯ୍ୟରେ ଟାଣି ହୋଇଯାଆନ୍ତି। କେହି ନିଜ ଇଚ୍ଛାରେ ଅପରାଧ କରନ୍ତି ନାହିଁ, ପ୍ରାୟତଃ ଏହା ବାଧ୍ୟତାମୂଳକ," ପ୍ରଭାବିତ ଅଂଚଳର ଜଣେ ଗ୍ରାମବାସୀ କହିଛନ୍ତି। ଅନ୍ୟ ଜଣେ ବାସିନ୍ଦା ଆହୁରି କହିଛନ୍ତି, "କାମ ଉପଲବ୍ଧ ଅଛି, କିନ୍ତୁ ବର୍ଷ ସାରା ନୁହେଁ, ଏବଂ ଏହା ପରିବାର ପ୍ରତିପାଳନ ପାଇଁ ଯଥେଷ୍ଟ ଦରମା ଦିଏ ନାହିଁ। ଆମେ କେବଳ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ଚାହୁଁଛୁ। ଯଦି ସ୍ଥାନୀୟ ଭାବରେ ସ୍ଥିର ଚାକିରି ସୃଷ୍ଟି ହୁଏ, ତେବେ ଅପରାଧ ସ୍ୱୟଂଚାଳିତ ଭାବରେ ହ୍ରାସ ପାଇବ।"

ଉଲ୍ଲେଖନୀୟ ଯେ, ମାଲକାନଗିରି ଏବଂ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲା, କଳାହାଣ୍ଡି ଏବଂ ରାୟଗଡ଼ା ସମେତ, ଭାରତର ସମ୍ପଦ ସମୃଦ୍ଧ ଅଂଚଳ ମଧ୍ୟରୁ ଗୋଟିଏ ଅଟେ ଯେଉଁଠାରେ ବକ୍ସାଇଟ୍ ର ପ୍ରଚୁର ପରିମାଣରେ ଗଚ୍ଛିତ ଅଛି - ବିମାନ ଚଳାଚଳ, ବୈଦ୍ୟୁତିକ ଗତିଶୀଳତା ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ ବ୍ୟବହୃତ ଆଲୁମିନିୟମ ପାଇଁ ପ୍ରାଥମିକ କଂଚାମାଲ ଅଟେ। ଶିଳ୍ପ ବିଶେଷଜ୍ଞମାନେ ଉଲ୍ଲେଖ କରିଛନ୍ତି ଯେ ଦାୟିତ୍ୱପୂର୍ଣ୍ଣ ଖଣି, ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ମୂଲ୍ୟ ବୃଦ୍ଧି ସମଗ୍ର ଅଂଚଳରେ ସ୍ଥିର, ଭଲ ଦରମା ପ୍ରଦାନକାରୀ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରଖିଛି। ଓଡ଼ିଶାର ଖଣିଜ ସମ୍ପଦ ସ୍ଥାନୀୟ ଅର୍ଥନୈତିକ ସ୍ଥିରତା ନିର୍ମାଣ ପାଇଁ ଏକ ସାଂରଚନିକ ସୁଯୋଗ ପ୍ରଦାନ କରେ। ସେହି ପ୍ରାକୃତିକ ସୁବିଧାକୁ ମର୍ଯ୍ୟାଦାଜନକ ଜୀବିକାରେ ପରିଣତ କରିବା ଦ୍ୱାରା ସଙ୍କଟ-ଚାଳିତ ପସନ୍ଦ ହ୍ରାସ ପାଇପାରେ ଏବଂ ଅବୈଧ ଅର୍ଥନୀତିଗୁଡ଼ିକ ବର୍ତ୍ତମାନ କବଜା କରୁଥିବା ସ୍ଥାନକୁ ବନ୍ଦ କରିପାରେ। ଏକ ସୁରକ୍ଷିତ ଏବଂ ଅଧିକ ସମୃଦ୍ଧ ଓଡ଼ିଶା ପାଇଁ, ନୀତିଗତ ଧ୍ୟାନ ସକ୍ରିୟ ଜୀବିକା ସୃଷ୍ଟି ଆଡ଼କୁ ପ୍ରତିକ୍ରିୟାଶୀଳ ପ୍ରବର୍ତ୍ତନଠାରୁ ଆଗକୁ ବଢ଼ି ସକ୍ରିୟ ଜୀବିକା ସୃଷ୍ଟି ଆଡ଼କୁ ଯିବା ଉଚିତ।

# ଶାନ୍ତି, ନବସୃଜନ, ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ

**ନୂଆଦିଲ୍ଲୀ:** ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସ୍ନେହ, ସଦ୍ଭାବନା ଏବଂ ଗଭୀର ରଣନୀତିକ ଭାଗିଦାରୀକୁ ସ୍ୱୀକୃତି ଦେଇ, ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରି ୨୫ରୁ ଦୁଇ ଦିନିଆ ଇସ୍ରାଏଲ ଗସ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ ବରିଷ୍ଠ ମନ୍ତ୍ରୀ ଏବଂ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ମଧ୍ୟ ଆସିଥିଲେ। ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ



ଐତିହାସିକ ଇସ୍ରାଏଲ ଗସ୍ତ ଏବଂ ୨୦୧୮ ରେ ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ଭାରତ ଗସ୍ତକୁ ଉଭୟ ପକ୍ଷ ସ୍ମରଣ କରିଥିଲେ। ଏହା ମିଳିତ ଭାବରେ ସହଭାଗୀତା ଏବଂ ସହଯୋଗର ଏକ ନୂତନ ଯୁଗର ମୂଳଦୁଆ ସ୍ଥାପନ କରିଥିଲା। ନେତାମାନେ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ସାଇବର, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟ, ଉଦ୍ୟୋଗ, ପ୍ରତିରକ୍ଷା, ସୁରକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ଭାରତ-ଇସ୍ରାଏଲ ଦ୍ୱିପାକ୍ଷିକ ସମ୍ପର୍କରେ ହୋଇଥିବା ବିପୁଳ ପ୍ରଗତି ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ନେତନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଆପୋସ ସହମତି ଭିତ୍ତିରେ ରଣନୀତିକ ଭାଗିଦାରୀକୁ ଏକ ନୂତନ ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଥିଲେ – "ଶାନ୍ତି, ନବସୃଜନ ଏବଂ ସମୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ରଣନୀତିକ ସହଭାଗୀତା।"

ଦୁଇ ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଓ ଉଦ୍ୟୋଗ ମାଧ୍ୟମରେ ଶାନ୍ତି, ସୁରକ୍ଷା ଓ ସମୃଦ୍ଧି ପାଇଁ ପାରସ୍ପରିକ ଆକାଂକ୍ଷାକୁ ଆଧାର କରି ଏକ ଦୃଢ଼ ସ୍ୱତନ୍ତ୍ର ରଣନୀତିକ ଭାଗିଦାରୀ ଲାଗି ସେମାନଙ୍କର ସମାନ ଦୃଷ୍ଟିକୋଣକୁ ଦୋହରାଇଛନ୍ତି। ନେତାମାନେ ସ୍ୱୀକାର କରିଛନ୍ତି ଯେ ଭାରତ ଏବଂ ଇସ୍ରାଏଲୀ କ୍ଷମତା ପରସ୍ପରର ସମ୍ପୂର୍ଣ୍ଣ ଭାବରେ ପରିପୂରକ। ଇସ୍ରାଏଲ ହେଉଛି ପ୍ରଯୁକ୍ତିବିଦ୍ୟା ଓ ଉଦ୍ଭାବନର ଏକ ବିଶ୍ୱ ମହାଶକ୍ତି। ଅନ୍ୟପଟେ ଭାରତ ପ୍ରତିଭା, ଉତ୍ପାଦନ ଉତ୍କର୍ଷତା ଏବଂ ଉଦ୍ୟୋଗ ଶକ୍ତିର ଏକ କେନ୍ଦ୍ର ଭାବରେ କାର୍ଯ୍ୟ କରେ। ଦୁଇ ପ୍ରଧାନମନ୍ତ୍ରୀ ଏଆଇ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ଜୈବ ପ୍ରଯୁକ୍ତିବିଦ୍ୟା, କୃଷି ଓ ଜଳ ପରିଚାଳନା, ପ୍ରତିରକ୍ଷା ପ୍ଲାଟଫର୍ମ ଏବଂ ମହାକାଶ ଅନୁସନ୍ଧାନରେ ଭାରତ ଏବଂ ଇସ୍ରାଏଲର ଅଗ୍ରଗତିକୁ ଏକୀକୃତ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୃଢ଼ କରିଛନ୍ତି।

# ଭୟଙ୍କର ହେବ ଅପରେସନ ସିନ୍ଦୂର ୨.୦

## ଆମେ ଚାପ ଆଗରେ ମୁଣ୍ଡ ନୁଆଁଇବୁ ନାହିଁ: ଏଲଜି

**ପଠାନକୋଟ:** ଭାରତ ବଢୁଥିବା ବିଶ୍ୱସ୍ତରୀୟ ଆହ୍ୱାନ ପାଇଁ ସତର୍କ ରହିଛି। ସୀମାର ସୁରକ୍ଷା ପ୍ରତି ମଧ୍ୟ ଦେଶ ସଜାଗ ଅଛି। ଯୁଦ୍ଧକ୍ଷେତ୍ରରେ ଶତ୍ରୁକୁ ଉପଯୁକ୍ତ ଜବାବ ଦେବା ପାଇଁ ଭାରତୀୟ ସେନାର ପ୍ରସ୍ତୁତି ସମ୍ପ୍ରତି ପଠାନକୋଟ କ୍ୟାଣ୍ଟନମେଣ୍ଟରେ ଅନୁଷ୍ଠିତ ଅପରେସନ ସିନ୍ଦୂର ପ୍ରଦର୍ଶନ ସମୟରେ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନ ମାଧ୍ୟମରେ, ସେନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, କ୍ଷେପଣାସ୍ତ୍ର ପ୍ରଣାଳୀ ତଥା ବାୟୁ ପ୍ରତିରକ୍ଷା କ୍ଷମତାକୁ ବିସ୍ତାରିତ ଭାବରେ ପ୍ରଦର୍ଶନ କରିଥିଲା। ପଶ୍ଚିମ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ କହିଛନ୍ତି, ଭାରତ କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ, ଏବଂ ଯଦି ଅପରେସନ ସିନ୍ଦୂର ୨.୦ ହୁଏ, ତେବେ ଏହା ପୂର୍ବ ଅପେକ୍ଷା ଅଧିକ ଭୟଙ୍କର ହେବ।ପାକିସ୍ତାନର ପରମାଣୁ ବିପଦ ସମ୍ପର୍କରେ, ପଶ୍ଚିମ କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ମନୋଜ କଟିୟାର କହିଛନ୍ତି, ପାକିସ୍ତାନର ପରମାଣୁ ବିପଦ କେବଳ ଚାପ ପ୍ରୟୋଗ କରିବାର ଏକ ପ୍ରୟାସ ଥିଲା, ଭାରତକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ ନିବୃତ୍ତ କରିବା ପାଇଁ ଏକ ପ୍ରତାରଣା। ମାତ୍ର ଭାରତ ଏପରି ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଅପରେସନ ସିନ୍ଦୂରର ସଫଳତା ସମ୍ପର୍କରେ ସେ କହିଛନ୍ତି, ଅପରେସନ ସିନ୍ଦୂରରେ ଭାରତ ପାକିସ୍ତାନରେ ଥିବା ଅନେକ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରିଥିଲା। ପ୍ରତିଶୋଧ ସ୍ୱରୂପ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା, ଯାହା ପରେ ଭାରତ ସେମାନଙ୍କର ଏୟାରବେସ୍ ଓ ସାମରିକ ପ୍ରତିଷ୍ଠାନକୁ କ୍ଷତିଗ୍ରସ୍ତ କରିଥିଲା। ପ୍ରାୟ ୮୮ ଘଣ୍ଟାର



ସଂଘର୍ଷ ପରେ, ପାକିସ୍ତାନ ଡିଜିଏମ୍‌ଓ ସ୍ତରରେ ଅସ୍ତ୍ରବିରତି ପାଇଁ ଆବେଦନ କରିଥିଲା। ମେ ୭ ତାରିଖରେ ଭାରତ ଆଲୋଚନା ପ୍ରସ୍ତାବ ଦେଇଥିଲା, ଯାହାକୁ ପାକିସ୍ତାନ ପ୍ରାରମ୍ଭରେ ପ୍ରତ୍ୟାଖ୍ୟାନ କରିଥିଲା।ମନୋଜ କଟିୟାର ଅପରେସନ ସିନ୍ଦୂର ୨.୦ ବିଷୟରେ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଏହା ହୁଏ, ତେବେ ଏହା ପୂର୍ବ ଅପେକ୍ଷା ଅଧିକ କଠୋର ହେବ। ଅପରେସନର ଗଭୀରତା ଏବଂ ତୀବ୍ରତା ସେତେବେଳେର ରଣନୀତି ଉପରେ ନିର୍ଭର କରିବ। ଡ୍ରୋନ୍ ଏହି ରଣନୀତିର ଏକ ପ୍ରମୁଖ ଅଂଶ ହେବ। ପଶ୍ଚିମ କମାଣ୍ଡରେ ଡ୍ରୋନ୍ ନିର୍ମାଣ ଏବଂ ବୈଷୟିକ ପ୍ରସ୍ତୁତି ଉପରେ ସ୍ୱତନ୍ତ୍ର କାର୍ଯ୍ୟ କରାଯାଉଛି। ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ପରିସ୍ଥିତି ସମ୍ପର୍କରେ ସେ କହିଛନ୍ତି ଯେ, ଜମ୍ମୁ-କାଶ୍ମୀରରେ ଆତଙ୍କବାଦ ଘଟଣା ସଂଖ୍ୟା ପୂର୍ବ ରିପୋର୍ଟ ଅପେକ୍ଷା କମ୍ ରହିଛି। ପାକିସ୍ତାନ ଶାନ୍ତି ବିପର୍ଯ୍ୟସ୍ତ କରିବାକୁ ଚେଷ୍ଟା କରୁଛି। ସେ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, ଆତଙ୍କବାଦୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସାମଗ୍ରିକ ଭାବରେ ପଠାନକୋଟର ଅପରେସନ ସିନ୍ଦୂର ମାଧ୍ୟମରେ, ସେନା ଏହି ବାର୍ତ୍ତା ଦେଇଛି ଯେ, ଭାରତ ଆଧୁନିକ ଯୁଦ୍ଧର ପ୍ରତ୍ୟେକ ମୋର୍ଚ୍ଚାରେ ଦୃଢ଼ ଭାବରେ ଠିଆ ହୋଇଛି। ଯେକୌଣସି ଚ୍ୟାଲେଞ୍ଜର ଜବାବ ଦେବାର କ୍ଷମତା ସେନା ରଖିଛି ବୋଲି ସେ କହିଛନ୍ତି।

# ଇଡିରେ ହାଜର ହେଲେ ଅନିଲ ଅମ୍ବାନୀ

**ନୂଆଦିଲ୍ଲୀ:** ରିଲାଏନ୍ସ ଗ୍ରୁପର ଅଧ୍ୟକ୍ଷ ଅନିଲ ଅମ୍ବାନୀ ଦିଲ୍ଲୀରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମ୍ମୁଖରେ ହାଜର ହୋଇଛନ୍ତି। ଏକ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ପଚରାଉଚୁରା କରାଯାଇଛି। ଗତକାଲି ଇଡି ତାଙ୍କ ମୁମ୍ବାଇସ୍ଥିତ ୩୭୧୬ କୋଟି ଟଙ୍କାର ମୂଲ୍ୟର ୧୭ ମହଲା ବିଶିଷ୍ଟ ବାସଭବନକୁ



ଜବତ କରିଥିଲା। ତାହାର ଗୋଟିଏ ଦିନ ପରେ ସେ ଇଡିରେ ହାଜର ହୋଇଛନ୍ତି। ମନି ଲଣ୍ଡରିଂ ନିବାରଣ ଆଇନ ଅଧୀନରେ ଅନିଲଙ୍କ ଘର ଜବତ ପାଇଁ ଏକ ଅସ୍ଥାୟୀ ନିର୍ଦ୍ଦେଶ ଜାରି କରିଛି। ଏହି ସମ୍ପତ୍ତିର ୪୭୩ କୋଟି ଟଙ୍କାର ଏକ ଅଂଶକୁ ଗତବର୍ଷ ନଭେମ୍ବରରେ ଇଡି ଜବତ କରିଥିଲା। ତାଙ୍କ ବନ୍ଦ ହୋଇଯାଇଥିବା ଏହି ସମ୍ପତ୍ତି ଜବତ ତାଙ୍କ ଟେଲିକମ୍ କମ୍ପାନି ରିଲାଏନ୍ସ କମ୍ୟୁନିକେସନ୍ସ ଦ୍ୱାରା ହୋଇଥିବା ଋଣ ଠକେଇର ତଦନ୍ତର ଏକ ଅଂଶ।ବର୍ତ୍ତମାନ ସୁଦ୍ଧା ଅନିଲଙ୍କ ୧୫,୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି ଜବତ କରାଯାଇସାରିଲାଣି। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ସମ୍ପତ୍ତି ବିକ୍ରି କିମ୍ବା ସ୍ଥାନାନ୍ତରରୁ ରୋକିବା ଲାଗି ଅସ୍ଥାୟୀ ଜବତ ନିର୍ଦ୍ଦେଶ ଜାରି କରାଯାଇଥାଏ। ଅନିଲଙ୍କ ନେତୃତ୍ୱାଧୀନ ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ବିରୋଧରେ ବ୍ୟାଙ୍କ ଠକେଇ ଓ ଅନ୍ୟାନ୍ୟ ଆର୍ଥିକ ଅନିୟମିତତା ଅଭିଯୋଗ ରହିଛି।

# ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର କରାଯିବ

**ପାଟନା:** ବିହାରର ଆରାରିଆ ଜିଲ୍ଲାର ଭାରତ-ନେପାଳ ସୀମାନ୍ତ ଲେଟି ସୀମାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏସ୍‌ଏସ୍‌ବି ଶିବିରର ଉ୍‌ଘାଟନ କରିଛନ୍ତିଛ ସୀମା ସୁରକ୍ଷା ପାଇଁ ଏହି ଏସ୍‌ଏସ୍‌ବି ଶିବିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଛ ଉ୍‌ଘାଟନ ସମୟରେ ସେ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତିଛ ଅମିତ ଶାହ କହିଛନ୍ତି, ଆମେ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ଭାରତୀୟ ମାଟିରୁ ବିତାଡିତ କରିବା ପାଇଁ କାମ କରିବୁଛ ସେମାନଙ୍କୁ ଖୋଜି ଖୋଜି ଦେଶରୁ ବାହାର କରାଯିବଛ ନିର୍ବାଚନ ସମୟରେ ଆମେ ବିହାରର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ, ଆମେ ବିହାରକୁ



ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବୁଛ ଏହାର ଅର୍ଥ କେବଳ ଭୋଟର ତାଲିକାରୁ ଅନୁପ୍ରବେଶକାରୀଙ୍କ ନାମ ବାଦ୍ ଦେବା ନୁହେଁଛ ଆମେ ପ୍ରତି ଅନୁପ୍ରବେଶକାରୀଙ୍କୁ ଭାରତ ମାଟିରୁ ବାହାର କରିବାକୁ ସଂକଳ୍ପବଦ୍ଧଛ

ଗୃହମନ୍ତ୍ରୀ କହିଛନ୍ତି, ବିଜେପି ଏବଂ ଆମ ସରକାର ସ୍ପଷ୍ଟ କରିବାକୁ ଚାହୁଁଛନ୍ତି ଯେ, ଏହି ପ୍ରତିଶ୍ରୁତି ନିର୍ବାଚନ ପ୍ରତିଶ୍ରୁତି ନଥିଲାଛ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ସମଗ୍ର ଦେଶକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବାକୁ ସଂକଳ୍ପବଦ୍ଧଛ ଏହା ଖୁବ୍ ଶୀଘ୍ର ସୀମାଞ୍ଚଳ ଅଞ୍ଚଳରେ ଆରମ୍ଭ ହେବଛ ମୁଁ ନିଜେ ନିର୍ବାଚନ ସମୟରେ ସୀମାଞ୍ଚଳରେ ଚାରି ଦିନ ବିତାଇଥିଲି, ଅନେକ ଜିଲ୍ଲା ଗସ୍ତ କରିଥିଲିଛ ସମଗ୍ର ସୀମାଞ୍ଚଳ ଅଞ୍ଚଳକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲି । ସାଧାରଣତଃ ନେତାମାନଙ୍କୁ ସେମାନଙ୍କର ପ୍ରତିଶ୍ରୁତି ଜନତାଙ୍କୁ ମନେ ପକାଇବାକୁ ପଡ଼ିଥାଏ, କିନ୍ତୁ ଆଜି ମୁଁ ସୀମାଞ୍ଚଳର ଲୋକମାନଙ୍କୁ ମୋର ନିଜ ପ୍ରତିଶ୍ରୁତି ମନେ ପକାଇବାକୁ ଚାହୁଁଛି କାରଣ ମୋତେ ସେମାନଙ୍କର ସମର୍ଥନ ଆବଶ୍ୟକଛ ଅନୁପ୍ରବେଶକାରୀମାନେ କେବଳ ନିର୍ବାଚନକୁ ପ୍ରଭାବିତ କରନ୍ତି ନାହିଁ, ସେମାନେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ରାସନ ମଧ୍ୟ ଚୋରି କରନ୍ତିଛ ସେମାନେ ଯୁବବର୍ଗମାନଙ୍କ ନିଯୁକ୍ତି ସମ୍ଭାବନାକୁ ହ୍ରାସ କରିବା ସହ ଜାତୀୟ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥାନ୍ତି। ସାରା ଦେଶରେ ଏହି ସମସ୍ୟାର ସମାଧାନ ହେବଛ ଭାରତକୁ ଅନୁପ୍ରବେଶକାରୀଙ୍କଠାରୁ ମୁକ୍ତ କରିବା ପାଇଁ ଅଭିଯାନ ହାତକୁ ନେବାର ସମୟ ଆସିଛିଛ ଅମିତ ଶାହ କହିଛନ୍ତି, ଏହି ଅଭିଯାନର ଅଂଶ ସ୍ୱରୂପ ସୀମାର ୧୦ କିଲୋମିଟର ମଧ୍ୟରେ ଥିବା ସମସ୍ତ ବେଆଇନ ଜବରଦଖଲକୁ ଭାଙ୍ଗି ଦିଆଯିବ ଓ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପାଇଁ ମଧ୍ୟ ପ୍ରୟାସ କରାଯିବ।

# ନେପାଳରେ ସପ୍ତାହେ ଯାଏଁ ମଦ ନିଷିଦ୍ଧ

**କାଠମାଣ୍ଡୁ:** ମାର୍ଚ୍ଚ ୫ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ନେପାଳ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଭୋଟ୍ ପୂର୍ବରୁ ସାତ ଦିନ ପାଇଁ ଦେଶବ୍ୟାପୀ ମଦ ବିକ୍ରି ଓ ମଦ୍ୟପାନ ନିଷିଦ୍ଧ କରାଯିବ, ଏହା ସହିତ ନେପାଳ-ଭାରତ ସୀମା ୭୨ ଘଣ୍ଟା ପାଇଁ ସିଲ୍ କରାଯିବ। ଏହି ପ୍ରତିବନ୍ଧକ ଚୂଡ଼ାନ୍ତ ନିର୍ବାଚନ ଫଳାଫଳ ଘୋଷଣା ନହେବା ପର୍ଯ୍ୟନ୍ତ ବଳବତ୍ତର ରହିବ।ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଥିବା ନିର୍ବାଚନ କମିଶନ କହିଛନ୍ତି। ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି। ଭୋଟଦାନର ୭୨ ଘଣ୍ଟା ପୂର୍ବରୁ ନେପାଳ-ଭାରତ ସୀମାକୁ ସମ୍ପୂର୍ଣ୍ଣ ସିଲ୍ କରାଯିବ। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ମାର୍ଚ୍ଚ ୪ତାରିଖ ମଧ୍ୟରାତ୍ରିରୁ ମାର୍ଚ୍ଚ ୫ତାରିଖ ଭୋଟ ଶେଷ ହେବା ପର୍ଯ୍ୟନ୍ତ, ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ଯାନବାହାନ ଚଳାଚଳ ନିଷେଧ କରାଯିବ।କେବଳ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ, ଟେଲିକମ୍ ଓ ବୈଦ୍ୟୁତିକ ମରାମତି ଭଳି ଅତ୍ୟାବଶ୍ୟକୀୟ ସେବାକୁ ବାଦ୍ ଦିଆଯିବ। ଆବଶ୍ୟକ ହେଲେ ମାର୍ଚ୍ଚ ୫ରେ ସ୍ୱତନ୍ତ୍ର ପାସ୍ ଜାରି କରାଯିବ। ପାସ୍ ବିନା କୌଣସି ଯାନବାହାନ ଚଳାଚଳ କରିବାକୁ ଅନୁମତି ଦିଆଯିବ ନାହିଁ। ତଥାପି, କଟକଣା ସତ୍ତ୍ୱେ ଘରୋଇ ଏବଂ ଆନ୍ତର୍ଜାତୀୟ ବିମାନ ଚଳାଚଳ ସ୍ୱାଭାବିକ ଭାବରେ ଜାରି ରହିବ। ବୈଧ ବିମାନ ଟିକେଟ୍ ଥିବା ଯାତ୍ରୀମାନଙ୍କୁ ସ୍ୱତନ୍ତ୍ର ଯାତ୍ରା ବ୍ୟବସ୍ଥା ମିଳିବ। ନେପାଳ ସେନା ସାଧାରଣ ନିର୍ବାଚନ ପାଇଁ ଏକ ତିନି ପର୍ଯ୍ୟାୟ ସୁରକ୍ଷା ଯୋଜନା ଘୋଷଣା କରିଛି, ଯେଉଁଥିରେ ସନ୍ଦିଗ୍ଧ ବସ୍ତୁକୁ ନିଷ୍କ୍ରିୟ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି।

# ଫିଲ୍ମ ନିର୍ଦ୍ଦେଶକଙ୍କୁ ମାଡ଼: ଅଭିନେତ୍ରୀଙ୍କ ସମେତ ୧୧ ଗିରଫ

**ବେଙ୍ଗାଲୁରୁ:** ଜଣେ କନ୍ନଡ ଫିଲ୍ମ ନିର୍ଦ୍ଦେଶକଙ୍କ ଉପରେ ହୋଇଛି ଭୟଙ୍କର ଆକ୍ରମଣ। ନିର୍ଦ୍ଦେଶକଙ୍କୁ ଅପହରଣ ପରେ ନିର୍ମମ ଭାବେ ମାଡ଼ ମରାଯାଇ ତାଙ୍କୁ ଲୁଟ କରାଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ପୁଲିସ୍ ବେଙ୍ଗାଲୁରୁରୁ ଜଣେ ଅଭିନେତ୍ରୀଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ପୁଲିସ୍ କହିଛି ଯେ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଟିଏ ଅନିଶ। ସେ ଅନୀଶ କ୍ରିଏସନ ନାଁରେ ଗୋଟିଏ ମଡେଲିଂ ଓ କାଷ୍ଟିଂ ଏଜେନ୍ସି ଚଳାନ୍ତି। ସେହିପରି ଏକାଧିକ ଆଲବମ ଗୀତ, ଶର୍ଟ ଫିଲ୍ମ ଓ ଗୋଟିଏ ଫିଚର ଫିଲ୍ମର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ଆର୍ଥିକ ବିବାଦ ଯୋଗୁ ତାଙ୍କୁ ଆକ୍ରମଣ କରାଯାଇଛି।ଅନିଶଙ୍କ ମୂଳ ଘର ତାମିଲନାଡୁରେ। ଫେବୃଆରୀ ୧୧ରେ ସେ ଅଡୁଗୋଡି ପୁଲିସ୍ ଷ୍ଟେସନରେ ଅଭିଯୋଗ କରିଥିଲେ। ଆକ୍ରମଣ ଯୋଗୁ ତାଙ୍କୁ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷ ଏନେଇ ପୁଲିସ୍କୁ ଜଣାଇବା ପରେ ପୂରା ଘଟଣା ସାମ୍ନାକୁ ଆସିଛି।ଆର୍ଶୀବାଦ ନାମକ ଜଣେ ଯୁବକଙ୍କ ଠାରୁ ଅନିଶ ଆଣିଥିବା ୨.୫ ଲକ୍ଷ ଋଣ ଓ ଅନିଶଙ୍କ ରିଲଜ ହୋଇ ନଥିବା ସିନେମା ରେ ଲକ୍ଷ୍ମୀ ନାରାୟଣ ନିବେଶ କରିବାକୁ ଥିବା ୫ରୁ ୬ ଲକ୍ଷ ଟଙ୍କାକୁ ନେଇ ହୋଇଥିବା ତିକ୍ତତା ବିବାଦର ମୂଳକାରଣ ବୋଲି ଜଣାପଡ଼ିଛି। ବିବାଦ ଭିତରେ ୨ ମାସ ପୂର୍ବରୁ ଅନିଶ ମୁମ୍ବାଇ ଚାଲି ଯାଇଥିଲେ। ଏହାପରେ ବେଙ୍ଗାଲୁରୁର ଇନ୍ଦ୍ରାନଗର ଅଞ୍ଚଳରେ ଥିବା ନିଜର ମହିଳା ସହଯୋଗୀ ତଥା ଅଭିନେତ୍ରୀ ଐଶ୍ୱର୍ଯ୍ୟାଙ୍କୁ ନିଜର ହୁଣ୍ଡା ସିଆରଭି କାର ବିକ୍ରି କରିବା ସମ୍ପର୍କରେ କହିଥିଲେ। ଅଭିଯୁକ୍ତମାନେ ଏହି ସମ୍ପର୍କରେ ଜାଣିବା ସହ ଜଣେ କ୍ରେତାଙ୍କୁ ଖୋଜିବାରେ ସହଯୋଗ କରିବେ ବୋଲି ପ୍ରସ୍ତାବ ଦେଇଥିଲେ। ଫେବୃଆରୀ ୯ରେ ଅନିଶ କାର ବିକ୍ରି କରିବା ପାଇଁ ମୁମ୍ବାଇରୁ ବେଙ୍ଗାଲୁରୁ ଆସିଥିଲେ। ସେ ଇନ୍ଦ୍ରାନଗର ଠାରେ ଐଶ୍ୱର୍ଯ୍ୟା, ଶାହିଦ ନାମକ ଜଣେ ଯୁବକ ଓ ଆଉ ଜଣଙ୍କୁ ଭେଟିଥିଲେ। ଗାଡ଼ି ଯାଞ୍ଚ କରିବା ଓ ଆଡଭାନ୍ସ ବାବଦ ଟଙ୍କା ଦେବା ଉଦ୍ଦେଶ୍ୟରେ ଅନିଶଙ୍କୁ ଗୋଟିଏ ଘରକୁ ନିଆଯାଇଥିଲା। ସେଠାରେ ଅଭିଯୁକ୍ତମାନେ ନିଜର ଅସଲ ଚେହେରା ଦେଖାଇଥିଲେ।ଗୋଟିଏ ରୁମରେ ଅନିଶଙ୍କୁ ଅଟକ ରଖିଥିଲେ। ଏହାପରେ ୫ରୁ ଜଣ ଲୋକ ତାଙ୍କୁ କ୍ରିକେଟ ଷ୍ଟମ୍ପ ଓ ହକି ଷ୍ଟିକରେ ପିଟିବାକୁ ଲାଗିଥିଲେ। ଅନିଶ ଆର୍ଥିକ ବିବାଦକୁ ନେଇ ରୁଜୁ କରିଥିବା ସମସ୍ତ ଅଭିଯୋଗକୁ ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଏଥିସହ ଘଟଣା ସହ ଜଡ଼ିତ ସମସ୍ତ ପ୍ରମାଣ ନଷ୍ଟ କରିବାକୁ କହିଥିଲେ।

## କେରଳ ଷ୍ଟୋରୀ-୨ ଉପରେ ରୋକ

**ଥିରୁଭାନ୍ତପୁରମ:** ବିବାଦୀୟ ବଲିଉଡ ଫିଲ୍ମ କେରଳ ଷ୍ଟୋରୀ ୨ର ରିଲିଜ ଉପରେ ଲାଗିଛି ରୋକ। କେରଳ ହାଇକୋର୍ଟ ଏହି ଫିଲ୍ମର ରିଲଜ ଉପରେ ରୋକ ଲଗାଇ ଦେଇଛନ୍ତି। ଚଳିତ ସପ୍ତାହରେ ଫିଲ୍ମର ସେନସର ପ୍ରମାଣପତ୍ର ବିରୋଧରେ ଗୋଟିଏ ଆବେଦନ କରାଯାଇଥିଲା।ଏହାର ଶୁଣାଣି କରି କେରଳ ହାଇକୋର୍ଟର ଏକକ ବେଞ୍ଚର ବିଚାରପତି ଜଷ୍ଟିସ ବେଚୁ କୁରିଅନ ଫିଲ୍ମ ରିଲଜ ଉପରେ ରୋକ ଲଗାଇ ଦେଇଛନ୍ତି। କେଳର ଷ୍ଟୋରୀ ୨ ଫେବୃଆରୀ ୨୭ରେ ରିଲଜ ହେବାର ଥିଲା। କିନ୍ତୁ ଆସନ୍ତାକାଲି ଏହା ରିଲିଜ ହୋଇପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି।ହାଇକୋର୍ଟର ଏକକ ବେଞ୍ଚ ସେନସର ବୋର୍ଡକୁ ମଧ୍ୟ ପ୍ରଶ୍ନ କରିଛନ୍ତି ଓ କହିଛନ୍ତି ଯେ ବୋର୍ଡ ଫିଲ୍ମକୁ ରିଲିଜ ପାଇଁ ଅନୁମତି ଦେବା ବେଳେ ନିଜ ମୁଣ୍ଡ ଆଦୌ ଖର୍ଚ୍ଚ କରିନାହାନ୍ତି।

## ମାନବାଧିକାର ପରିଷଦ ବୈଠକରେ ଆତଙ୍କବାଦ ପ୍ରସଙ୍ଗ

# ଶୂନ ସହନଶୀଳତା ପାଇଁ ଅପିଲ୍ କଲେ ଜୟଶଙ୍କର

**ଜେନେଭା:** ମାନବାଧିକାର ପରିଷଦ ବୈଠକରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତର ମତକୁ ଦୃଢ଼ ଭାବରେ ଉପସ୍ଥାପନ କରିଛନ୍ତି। ସେ ମାନବାଧିକାରକୁ କେବଳ ବିତର୍କର ବିଷୟ ଭାବରେ ବିବେଚନା କରାଯିବା ଉଚିତ ନୁହେଁ, ବରଂ ବିକାଶ ଏବଂ ଦକ୍ଷତା ନିର୍ମାଣରେ ସମନ୍ୱିତ କରାଯିବା ଉଚିତ ବୋଲି ଅପିଲ୍ କରିଛନ୍ତି। ଭାରତ ସ୍ପଷ୍ଟ କରିଛି ଯେ, ମାନବାଧିକାରର ପ୍ରକୃତ ଉଦ୍ଦେଶ୍ୟ ସବୁଠାରୁ ଦୁର୍ବଳ ଲୋକଙ୍କ ଜୀବନକୁ ଉନ୍ନତ କରିବା ଉଚିତ। ଅଭିଭାଷଣରେ ଆତଙ୍କବାଦ ବିରୋଧରେ ଶୂନ ସହନଶୀଳତା ଏବଂ ଡିଜିଟାଲ୍ ପ୍ରଯୁକ୍ତିର ଉପଯୁକ୍ତ ବ୍ୟବହାର ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।ଜୟଶଙ୍କର ମାନବାଧିକାର ପ୍ରତି ଏପରି ଏକ ଆଭିମୁଖ୍ୟ ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି, ଯାହା ରାଜନୀତିକରଣ ଓ ଦ୍ୱନ୍ଦ୍ୱ ମାନଦଣ୍ଡରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବ। ସେ ମୁକାବିଲା ବଦଳରେ ଆଲୋଚନା ଏବଂ ବିଭାଜନ ବଦଳରେ ସହମତି ଗଠନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାନବାଧିକାରକୁ ଆଗକୁ ବଢାଇବାର ସବୁଠାରୁ ପ୍ରଭାବଶାଳୀ ଉପାୟ ହେଉଛି ପ୍ରକୃତ ସହଭାଗୀତା ଏବଂ କ୍ଷମତା ନିର୍ମାଣ ବୋଲି ସେ କହିଛନ୍ତି। ବୈଦେଶିକ ମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଜାତିସଂଘ ଆତଙ୍କବାଦ ବିରୋଧରେ ଶୂନ ସହନଶୀଳତା ନୀତିକୁ ସମର୍ଥନ କରିବା ଉଚିତ। ଆତଙ୍କବାଦ ମାନବାଧିକାରର ସବୁଠାରୁ ଗମ୍ଭୀର ଉଲ୍ଲଂଘନ। କାରଣ ଏହା ନିରୀହ ଲୋକଙ୍କ ମୂଲ୍ୟବାନ ଜୀବନକୁ ଟାର୍ଗେଟ କରିଥାଏ। କୌଣସି ପରିସ୍ଥିତିରେ ଆତଙ୍କବାଦୀ କାର୍ଯ୍ୟ ପାଇଁ କୌଣସି ଯଥାର୍ଥତା ହୋଇପାରିବ ନାହିଁ, ଏବଂ ମିଳିତ ଭାବରେ ଏହାର ମୁକାବିଲା କରିବା ଅତ୍ୟନ୍ତ ଜରୁରୀ।ବୈଦେଶିକ ମନ୍ତ୍ରୀ ମାନବାଧିକାରକୁ ବିତର୍କର ସଂକୀର୍ଣ୍ଣ ପରିସରରୁ ବାହାରକୁ ନେଇ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ସହିତ ଯୋଡ଼ିଛନ୍ତି। ସେ ବିଶ୍ୱକୁ ଅପିଲ କରିଛନ୍ତି ଯେ, କ୍ଷୁଦ୍ର ସ୍ୱାର୍ଥ ଅପେକ୍ଷା ମାନବ ବିକାଶ ଏବଂ କଲ୍ୟାଣ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଅନ୍ତୁ। ସଂଘର୍ଷ ଏବଂ ଅନିଶ୍ଚିତତାର ଏହି ଯୁଗରେ, ଭାରତ ବିଶ୍ୱ ମଞ୍ଚରେ ଶାନ୍ତି ଏବଂ ସହଯୋଗର ବଳ ଗୁଣକ ବା ଫୋର୍ସ ମଲ୍ଟିପ୍ଲାୟର ଭାବରେ କାର୍ଯ୍ୟ କରିବା ଉଚିତ। ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ସ୍ୱଚ୍ଛତା ସହିତ ଲକ୍ଷ ଲକ୍ଷ ଲୋକଙ୍କୁ ସରକାରୀ କଲ୍ୟାଣକାରୀ ଯୋଜନାର ସିଧାସଳଖ ଲାଭ ସୁନିଶ୍ଚିତ କରିଛି। ଭାରତ ଏବେ ସ୍ୱେଚ୍ଛାକୃତ



ବାର୍ତ୍ତା ନେଇ ଠିଆ ହୋଇଛି।ପ୍ରଯୁକ୍ତିର ବ୍ୟବହାର ବିଷୟରେ ଜୟଶଙ୍କର କହିଛନ୍ତି, ଏହା ମାନବାଧିକାର ପାଇଁ ଭାବରେ ବିଶ୍ୱର ଲୋକଙ୍କ ଲାଭ ପାଇଁ ଏହି ସଫଳ ଅଭିଜ୍ଞତା ଓ ଜ୍ଞାନ ବାଣ୍ଟିବାରେ ଲାଗିଛି।

# ରାଜ୍ୟସଭା ଆସନକୁ ନେଇ କଂଗ୍ରେସ-ଶିବସେନା (ୟୁବିଟି) ମୁହାଁମୁହିଁ

**ମୁମ୍ବାଇ:** ମହାରାଷ୍ଟ୍ରରେ ମହା ବିକାଶ ଅଘାଡ଼ି (ଏମ୍ଭିଏ) ପାଇଁ ଏକମାତ୍ର ବିଜୟୀ ହେବା ନିଶ୍ଚିତ ଥିବା ରାଜ୍ୟସଭା ଆସନକୁ ନେଇ କଂଗ୍ରେସ ଓ ଶିବସେନା (ୟୁବିଟି) ମୁହାଁମୁହିଁ ହୋଇଛନ୍ତି। ଗୁରୁବାର କଂଗ୍ରେସ ଏହି ଆସନ ଉପରେ ନିଜର ଦାବି ରଖିଛି। ଜାତୀୟ ଦଳ ଭାବେ ସେ ଏହି ଆସନ ପାଇବା କଥା ବୋଲି କହିଥିବାବେଳେ ଶିବସେନା ଦିନକ ପୂର୍ବରୁ ଏହି ଆସନ ଉପରେ ନିଜର ଦାବି ରଖିଥିଲା। ଗୁରୁବାର ଏମ୍ଭିଏ ମେଣ୍ଟ ପକ୍ଷରୁ ଅନୁଷ୍ଠିତ ବୈଠକରେ କଂଗ୍ରେସ, ଶିବସେନା (ୟୁବିଟି) ଓ ଏନ୍ସିପି (ଏସ୍ପି) ଯୋଗ ଦେଇ ଆଗାମୀ ରାଜ୍ୟସଭା ନିର୍ବାଚନ ଓ ଆସନ ବଣ୍ଟନ ଉପରେ ଆଲୋଚନା କରିଥିଲେ।ବୈଠକ ପରେ କଂଗ୍ରେସ ବିଧାୟକ



ଦଳ ନେତା ବିଜୟ ୱାଡେଟିବାର କହିଥିଲେ, କଂଗ୍ରେସ ଜାତୀୟ ଦଳ ହୋଇଥିବାରୁ ଏହି ଆସନ ତାକୁ ଦେବାକୁ ପ୍ରସ୍ତାବ ରଖିଛି। ଏନ୍ସିପି ନିଜ ହାଇକମାଣ୍ଡ ସହିତ ଏନେଇ ଆଲୋଚନା କରିବ ଓ ଶିବସେନା ମଧ୍ୟ ନିଜ ମତ ରଖିବ। ଏନେଇ ଅଧିକ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ମାର୍ଚ୍ଚ ୫ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପାଇଁ ଶେଷ ତାରିଖ ହୋଇଥିବା ବେଳେ ଏହା ପୂର୍ବରୁ ତିନି ଦଳ ମଧ୍ୟରେ ଆଲୋଚନା ହୋଇ ଶେଷ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଶିବସେନା ନେତା ଆଦିତ୍ୟ ଠାକ୍ରେ ଏହି ଆସନ ଉପରେ ଦାବି ରଖିଥିବାବେଳେ ସାଂସଦ ସଞ୍ଜୟ ରାଉତ ତାଙ୍କ କଥାକୁ ସମର୍ଥନ କରିଥିଲେ।

## କାନାଡାର ହିଂସାରେ ଜଡିତ ନାହିଁ ଭାରତ

**ଓଟାୱା:** ପ୍ରାୟ ଦୁଇ ବର୍ଷ ଧରି ତିକ୍ତ ଥିବା ଭାରତ-କାନାଡା ସମ୍ପର୍କ ଏବେ ଏକ ନୂଆ ରାସ୍ତାରେ ଯାଉଥିବା ପରି ମନେ ହେଉଛି। କାନାଡା ନିଜର ମତରେ ଏକ ବଡ଼ ପରିବର୍ତ୍ତନ ଆଣିଛି। କାନାଡା କହିଛି ଯେ, ଆମ ସରକାର ବିଶ୍ୱାସ କରନ୍ତି, ଭାରତ ଆଉ କାନାଡାରେ ହିଂସାତ୍ମକ ଅପରାଧ ସହିତ ଜଡିତ ନାହିଁ। ଟୋରଣ୍ଟୋ ଷ୍ଟାର ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ ଅଧିକାରୀ ଏକ ବୈଷୟିକ ବ୍ରିଫିଂ ସମୟରେ ଏହି ବିବୃତି ଦେଇଛନ୍ତି। କାନାଡା ପ୍ରଧାନମନ୍ତ୍ରୀମାର୍କ କାର୍ନିଙ୍କ ଭାରତ ଗସ୍ତ ପୂର୍ବରୁ ସାମ୍ବାଦିକମାନଙ୍କ ସହିତ ଏକ ବ୍ରିଫିଂ ସମୟରେ ଏହି ଗୁରୁତ୍ୱପୂର୍ଣ୍ଣ ବିବୃତି ଆସିଛି।

## ହରିୟାଣା ସରକାରଙ୍କ ମନ ଜିତିଲା ଆଇଡିଏଫସି

**ଚଣ୍ଡିଗଡ଼:** ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଚଣ୍ଡୀଗଡ଼ସ୍ଥିତ ଏହାର ଶାଖାଗୁଡିକରେ ହରିଆନା ସରକାରଙ୍କ ବିଭାଗଗୁଡିକର କିଛି ନିର୍ଦ୍ଦିଷ୍ଟ ଆକାଉଂଟ ସହ ଜଡିତ ଏକ ଘଟଣା ସମ୍ପର୍କରେ ନିଜର ସଦ୍ୟତମ ପ୍ରକାଶନକୁ ଉଲ୍ଲେଖ କରିଛି । ପ୍ରାଥମିକ ଫଳାଫଳରୁ ଜଣାପଡ଼ିଛି ଯେ, ବ୍ରାଂଚର କିଛି ନିର୍ଦ୍ଦିଷ୍ଟ କର୍ମଚାରୀ ସମ୍ଭାବ୍ୟ ରୂପେ କିଛି ବାହ୍ୟ ପକ୍ଷ ସହ ମିଶି ନକଲି ଉପକରଣ ଓ ପେମେଂଟ ନିର୍ଦ୍ଦେଶାବଳୀ ପାରିତ କରିବାରେ ଜାଲିଆତି କରିଥିଲେ । ଏହି ଘଟଣା ବର୍ତମାନ ସମ୍ବନ୍ଧିତ କର୍ତୃପକ୍ଷ ଦ୍ୱାରା ଯାଂଚ ଅଧିନରେ ରହିଛି । ଯାଂଚ ଜାରି ରହିଥିବା ସତ୍ୱେ ବ୍ୟାଙ୍କ ପକ୍ଷରୁ ହରିଆନା ସରକାରଙ୍କ ସମ୍ବନ୍ଧିତ ବିଭାଗଗୁଡିକ ଦ୍ୱାରା ଦାବି କରାଯାଇଥିବା ୧୦୦% ମୂଳ ଓ ସୁଧ ରାଶି ତତ୍କାଳ ପ୍ରଦାନ କରାଯାଇଛି ଯାହାର ମୋଟ ପରିମାଣ ୫୮୩ କୋଟି ଟଙ୍କା ରହିଛି । ଅନ୍ୟ କୌଣସି ଦାବି କିମ୍ବା ସମାଧାନ ଉପରେ ନିର୍ଭର କରି ଚୂଡାନ୍ତ ରାଶି ପରିବର୍ତନ ହୋଇପାରେ ।ହରିଆନା ସରକାରଙ୍କ ସମ୍ପୃକ୍ତ ବିଭାଗଗୁଡିକ ଏହି ଘଟଣାର ସମାଧାନ କ୍ଷେତ୍ରରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଓ ବୃତିଗତ ଆଚରଣ ପାଇଁ ବ୍ୟାଙ୍କର ନୀତିଗତ ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି । ହରିଆନା ସରକାର ଓ ଆଇନ ପ୍ରବର୍ତନ ସଂସ୍ଥାଗୁଡିକର ପୂର୍ଣ୍ଣ ସମର୍ଥନ ସହିତ ଆଇଡିଏଫସି ଫାର୍ଷ୍ଟ ବ୍ୟାଙ୍କ ଜାଲିଆତିର ଅପରାଧୀମାନଙ୍କ ବିରୋଧରେ ଲଢିବା ଓ ନ୍ୟାୟ ପାଇବା ପାଇଁ ସଙ୍କଳ୍ପବଦ୍ଧ ରହିଛି । ଡିସେମ୍ବର ୩୧, ୨୦୨୫ ସୁଦ୍ଧା ବ୍ୟାଙ୍କ ଫିକ୍ସଡ ଡିପୋଜିଟ ପାଇଁ କ୍ରିସିଲ ଦ୍ୱାରା ଏଏଏ ଏବଂ କ୍ରିସିଲ, ଆଇସିଆରଏ, ଇଣ୍ଡିଆ ରେଟିଙ୍ଗ୍ସ ଓ କେୟାରଠାରୁ ଦୀର୍ଘକାଳିନ ଏଏ+ ରେଟିଂ ହାସଲ କରିଛି ।

## ଟି-୨୦ ବିଶ୍ୱକପ

# ଦ.ଆଫ୍ରିକା ସେମିର ନିକଟତର



ଅହମଦାବାଦ,୨୬।୨(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ଦ.ଆଫ୍ରିକାର ବିଜୟଧାରା ଜାରି ରହିଛି । ଗୁରୁବାର ସୁପର-୮ ର ଦ୍ୱିତୀୟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୯ ୱିକେଟରେ ହରାଇଥିଲା ଦ.ଆଫ୍ରିକା । ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତକୁ ୭୬ ରନରେ ପରାଜିତ କରିଥିଲା । କ୍ରମାଗତ ଦୁଇଟି ବିଜୟ ସହ ସେମିଫାଇନାଲର ନିକଟତର ହୋଇଛି । ଦ.ଆଫ୍ରିକା ଏହି ମ୍ୟାଚ ଜିତିବାରୁ ଭାରତର ରନରେଟ୍ ଦ୍ୱନ୍ଦ୍ୱ ଦୂର ହୋଇଛି । ଦ.ଆଫ୍ରିକା ଦୁଇଟି ମ୍ୟାଚରୁ ୪ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ଦଳ ଶେଷ ମ୍ୟାଚରେ ଜିମ୍ବାୱେକୁ ଭେଟିବ । ଆଗାମୀ ମାର୍ଚ୍ଚ ୧ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବ । ଏହି ମ୍ୟାଚ ଜିତିବା ଦଳ ସେମିଫାଇନାଲ ଟିକେଟ୍ ହାସଲ କରିବ ।

ଦ.ଆଫ୍ରିକା ୯ ୱିକେଟରେ ଜିତିବା ପରେ ଭାରତକୁ ବଡ଼ ଆଶ୍ୱସ୍ତି ମିଳିଛି । ଦ.ଆଫ୍ରିକା ଠାରୁ ୭୬ ରନ ଦଳ ହାରିବା ପରେ ରନରେଟରେ ବହୁ ପଛରେ ରହିଥିଲା । ଯଦି ୱେଷ୍ଟଇଣ୍ଡିଜ୍ ଜିତିଥାନ୍ତା ଭାରତର ସେମିଫାଇନାଲ ଆଶା ଆହୁରି କଣ୍ଟକିତ ହୋଇଥିଲା ।

ଗୁରୁବାର ଟସ୍ ହାରି ନରେନ୍ଦ୍ର ମୋଦି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା । ଏହାର ଜବାବରେ ଦ.ଆଫ୍ରିକା ମାତ୍ର ୧ ୱିକେଟ୍ ହରାଇ ୨୩ ବଲ ପୂର୍ବରୁ ବିଜୟହାସଲ କରିନେଇଥିଲା ।

ଇଣ୍ଡିଜ୍ ଇନିଂସରେ ବ୍ରାଣ୍ଡନ କିଙ୍ଗ ୨୧, ଅଧିନାୟକ ସାଇ ହୋପ୍ ୧୬, ସେରଫାନେ ରଦରଫୋର୍ଡ ୧୨, ଜାସନ ହୋଲ୍ଡର ୪୯, ମାଥ୍ୟୁ ଫୋର୍ଡ ୧୧ ଏବଂ ରୋମାରିଓ ସେଫର୍ଡ ଅପରାଜିତ ୫୨ ରନର ଇନିଂସ ଖେଳିଥିଲେ । ତେଣୁ ଇଣ୍ଡିଜ୍ ୨୦ ଓଭରରେ ୮ ୱିକେଟ୍ ହରାଇ ୧୭୬ ରନ କରିଥିଲା । ଦ.ଆଫ୍ରିକାର କାଗିସୋ ରବାଡା ଓ କୋରବିନ ବୋଷ୍ଚ ଦୁଇଟି ଲେଖାଏଁ ତଥା ଲୁଙ୍ଗି ଏନଗିଡି ୩ଟି ୱିକେଟ୍ ସଫଳତା ହାସଲ କରିଥିଲେ ।

୧୭୭ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଦ.ଆଫ୍ରିକା ପକ୍ଷରୁ ଆଦିନ ମାକ୍ରାମ ୪୬ ବଲରୁ ୭ଟି ଚୌକା ଓ ୪ଟି ଛକା ମାରି ଅପରାଜିତ ୮୨ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ସେହିଭଳି କ୍ୱିଣ୍ଟନ ଡିକକ ୨୪ ବଲରୁ ୪ଟି ଲେଖାଏଁ ଚୌକା ଓ ଛକା ମାରି ୪୭ ରନ୍ ରିଆନ ରିକେଲଟନ ଅପରାଜିତ ୪୫ ରନ୍ କରି ମ୍ୟାଚ ଶେଷ କରିଥିଲେ ।

## ରୋଚକ ହେଉଛି ସୁପର-୮ ଲଢ଼େଇ

# ଜିମ୍ବାୱେ ବିପକ୍ଷ ବିଜୟ ଭାରତକୁ ବଳ ଦେଲା



ଚେନ୍ନାଇ,୨୬।୨(ଏଜେନ୍ସି): ଟି-୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟର ରୋଚକ ହେଉଛି । ଏଥର ଚମତ୍କାର ଫର୍ମରେ ଥିବା ଦଳ ଗୁଡିକ ଆଗପଛ ହୋଇ ବିଶ୍ୱକପରୁ ବିଦାୟ ନେଉଛନ୍ତି । ଡାର୍କ ହର୍ସ ଭାବେ ପରିଚିତ ଦ.ଆଫ୍ରିକା କ୍ରମାଗତ ଦୁଇଟି ବିଜୟ ସହ ସେମିଫାଇଫାଇନାଲର ନିକଟତର ହୋଇଥିବା ବେଳେ ପ୍ରଥମ ଦଳ ଭାବେ ଇଂଲଣ୍ଡ ସମସ୍ତଙ୍କୁ ଚକମା ଦେଇ ସେମିରେ ପ୍ରବେଶ କରିସାରିଛି । ଗୁରୁବାର ସୁପର-୮ ପର୍ଯ୍ୟାୟର ଏକ କର ବା ମର ମ୍ୟାଚରେ ଜିମ୍ବାୱେକୁ ଭେଟିଥିଲା ଭାରତ । ଏହି ମ୍ୟାଚରେ ଭାରତ ୭୨ ରନ୍ ବ୍ୟବଧାନରେ ବିଜୟଲାଭ କରି ବଳ ସାଉଟିଛି । ଏହି ମ୍ୟାଚ ପୂର୍ବରୁ ସେମିଫାଇନାଲ ଅଙ୍କକଷାକୁ ନେଇ ନାନାଦି କଳ୍ପନା ଜଳ୍ପନା ହୋଇଥିଲା । ରନରେଟରେ ଦୁର୍ବଳ ଥିବା ଭାରତ ଜିମ୍ବାୱେ ବିପକ୍ଷ ବଡ଼ ବିଜୟ ହାସଲ କଲେ ସେମି ଆଶା ଜୀବୀତ ରହିବ ବୋଲି କୁହାଯାଇଥିଲା । ଏସବୁରେ ବିରାମ ଲାଗିଛି । ଦ.ଆଫ୍ରିକା ନିକଟରୁ ୱେଷ୍ଟଇଣ୍ଡିଜ୍ ୯ ୱିକେଟରେ ହାରିବା ତଥା ଭାରତ ୭୨ ରନରେ ହରାଇବା ପରେ ସୁପର-୮ ଆକଳନ ବଦଳି ଯାଇଛି । ତେଣୁ ଆଗାମୀ ୧ ତାରିଖରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ପରସ୍ପରକୁ ନିର୍ଣ୍ଣାୟକ ମ୍ୟାଚରେ ଭେଟିବେ । ଏହି ମ୍ୟାଚରେ ବିଜେତା ହିଁ ସେମିଫାଇନାଲ ଯୋଗ୍ୟତା ଅର୍ଜନ କରିବ ।

ଚେନ୍ନାଇରେ ଟସ୍ ହାରି ପ୍ରଥମ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ଭାରତ । ନିର୍ଦ୍ଧାରିତ ୨୦ ଓଭରରେ ସୂର୍ଯ୍ୟସେନା ୪ ୱିକେଟ୍ ହରାଇ ୨୫୬ ରନ୍ କରିଥିଲା । ଜବାବରେ ଜିମ୍ବାୱେ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା । ୨୩ ବଲରୁ ୫୦ ରନର ଅର୍ଦ୍ଧଶତକ ଇନିଂସ ଖେଳିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

୩ଟି ପରିବର୍ତ୍ତନ ସହ ପଡିଆକୁ ଓହ୍ଲାଇଥିଲା ଭାରତ । ସଞ୍ଜୁ ସାମସନଙ୍କ ସହ ଅଭିଶେକ ଶର୍ମା ପାଳି ଆରମ୍ଭ କରିଥିଲେ । ସାମସନ ଛକା ମାରି ଖାତା ଖୋଲିଥିଲେ । ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୪୮ ରନର ପାର୍ଟନରସିପ ହୋଇଥିଲା । ସଞ୍ଜୁ ୧୫ ବଲରେ ୨୪ ରନ କରି ମୁଜରବାନୀଙ୍କ ବଲରେ ଆଉଟ୍ ହୋଇଥିଲେ । କିନ୍ତୁ ଅଭିଶେକ ଶର୍ମା ୩୦ ବଲରୁ ୪ଟି ଲେଖାଏଁ ଚୌକା ଓ ଛକା ମାରି ୫୫ ରନ୍ କରିଥିଲେ । ଇଶାନ କିଷାନ ୩୮, ସୂର୍ଯ୍ୟ କୁମାର ଯାଦବ ୩୩ ରନ୍ କରି ପାଭିଲିୟନ୍ ଫେରିଥିଲେ । ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୨୩ ବଲରୁ ଅପରାଜିତ ୫୦ ଓ ତିଲକ ବର୍ମା ୧୬ ବଲରୁ ୪୪ ରନ୍ କରି ଦଳୀୟ ସ୍କୋରକୁ ୨୫୬/୪ରେ ପହଞ୍ଚାଇଥିଲେ । ୨୫୭ ରନର ବିଶାଳ ସ୍କୋରକୁ ପିଛା କରିଥିଲା ଜିମ୍ବାୱେ । ଓପନର ବ୍ରିଆନ ବେନିଟ ଅପରାଜିତ ୯୭ ରନ୍ କରିବା ସତ୍ତ୍ୱେ ଦଳ ବିଜୟଲକ୍ଷ୍ୟରେ ପହଞ୍ଚି ପାରିନଥିଲା ।। ସିକନ୍ଦର ରାଜା ୩୧ ରନ୍ କରିଥିଲେ । ମଧ୍ୟମକ୍ରମର ଚରମ ବିଫଳତା ଯୋଗୁଁ ଜିମ୍ବାୱେ ବିଜୟଲକ୍ଷ୍ୟ ଠାରୁ ୭୨ ରନ ପଛରେ ରହିଯାଇଥିଲା । ଭାରତର ଅର୍ଶଦୀପ ସିଂ ୩ଟି ୱିକେଟ ଅକ୍ତିଆର କରିଥିଲେ । ଶିବମ ଦୁବେ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । ସେ ୨ ଓଭର ବୋଲିଂ ୪୬ ରନ୍ ବ୍ୟୟ କରିଥିଲେ ।

### ଆଜିର ମ୍ୟାଚ

- ଇଂଲଣ୍ଡ-ନ୍ୟୁଜିଲାଣ୍ଡ
- ସ୍ଥାନ - କଲମ୍ବୋ
- ସମୟ - ରାତି ୭ଟା
- ପ୍ରସାରଣ- ଷ୍ଟାର ନେଟ୍‌ୱର୍କ

# ରଣଜୀ ଟ୍ରଫି ଫାଇନାଲ: ଦୃଢ଼ ସ୍ଥିତିରେ ଜମ୍ମୁ-କାଶ୍ମୀର



ହୁବଳି,୨୬।୨(ଏଜେନ୍ସି): ଚଳିତ ରଣଜୀ ଟ୍ରଫି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ହୁବଳିର କେଏସସିଏ କ୍ରିକେଟ୍ ଗ୍ରାଉଣ୍ଡରେ ଚାଲିଥିବା ମ୍ୟାଚରେ ପ୍ରଥମଥର ପାଇଁ ଜମ୍ମୁ-କାଶ୍ମୀର ଟାଇଟଲର ନିକଟତର ହୋଇଛି । ଜମ୍ମୁ-କାଶ୍ମୀର ପ୍ରଥମ ପାଳିରେ ୫୮୪ ରନର ବିଶାଳ ସ୍କୋର କରିଥିଲା । ଜବାବରେ ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା କର୍ଣ୍ଣାଟକ ୬୯ ଓଭରରେ ୫ ୱିକେଟ୍ ହରାଇ ୨୨୦ ରନ୍ କରିଛି । ଏବେ ବି ଦଳ ୩୬୪ ରନ୍ ପଛରେ ରହିଛି । ଯଦି ବି ମ୍ୟାଚ ଡ୍ର' ହୁଏ ଏବଂ ଜମ୍ମୁ-କାଶ୍ମୀର ଇନିଂସ ଆଗୁଆ ରୁହେ । ତେବେ ପ୍ରଥମଥର ଜମ୍ମୁ-କାଶ୍ମୀର ରଣଜୀ ଟ୍ରଫି ହାତେଇବ ।

ଜମ୍ମୁ-କାଶ୍ମୀର ଇନିଂସରେ ୫ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକୀୟ ଇନିଂସ ଦେଖିବାକୁ ମିଳିଥିଲା । ୟାୱାର ହାସନ ୮୮, ଶୁଭମ କୁନ୍ଦିର ୧୨୧, ପାରସ ଡୋଗ୍ରା ୭୦, ଅବଦୁଲ ସମଦ ୬୧, କନ୍ହେୟା ୱାଦୱାନ ୭୦, ସାହିଲ ଲୋଟ୍ରା ୭୨, ଆବିଦ ମୁସ୍ତାକ ୨୮ ଏବଂ, ଯୁଦ୍ଧବୀର ସିଂ ୩୦ ରନର ଇନିଂସ ଖେଳିଥିଲେ । ତେଣୁ ଜମ୍ମୁ-କାଶ୍ମୀର ୧୭୩.୧ ଓଭରରେ ୫୮୪ ରନ୍ କରି ଅଲଆଉଟ୍ ହୋଇଥିଲା । କର୍ଣ୍ଣାଟକର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା ।

ତୃତୀୟ ଦିବସରେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା କର୍ଣ୍ଣାଟକ ୬୯ ଓଭରରେ ୫ ୱିକେଟ୍ ହରାଇ ୨୨୦ ରନ୍ କରିଛି । ଓପନ ଲୋକେଶ ରାହୁଲ ୧୩, ମୟଙ୍କ ଅଗ୍ରୱାଲ ଅପରାଜିତ ୧୩୦, ଶ୍ରେୟାସ ଗୋପାଳ ୨, କୃତ୍ରିକ କ୍ରିଷ୍ଣା ଅପରାଜିତ ୨୭ ରନ୍ କରିଛନ୍ତି । ଜମ୍ମୁ-କାଶ୍ମୀରର ଆକିବ ନବୀ ୩ ୱିକେଟ୍ ସଫଳତା ହାସଲ କରିଥିଲେ । ମ୍ୟାଚର ଆଉ ଖେଳ ଦୁଇ ଦିନ ବାକିଥିବାରୁ ଫଳାଫଳ ନିଶ୍ଚିତ ବୋଲି କୁହାଯାଇପାରେ ।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଫାଇନାଲରେ ବିଡାନାସୀ

ଖଣ୍ଡପଡ଼ା,୨୬।୨(ସବ୍ୟୁ): ଖଣ୍ଡପଡା ସହରାଞ୍ଚଳର ମଧୁବନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇ ସ୍ମାରକୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଡାନାସୀ ଫୁଟବଲ ଏକାଡେମୀ ଟ୍ରାଇବ୍ରେକରେ ବାପୁଜୀ କ୍ଲବ କଟକକୁ ପରାସ୍ତ କରି ଫାଇନାଲକୁ ଯାଇଥିବା ଜଣାଯାଇଛି । ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେ ସମାଦାର, କଟକ ଲୋକସଭା ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଏନ ଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ରାଜୁ ମହାନ୍ତି ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ପ୍ରସନ୍ନ ନାୟକ ଓ ରମେଶ ପାଇକରାୟ । ଚତୁର୍ଥ ରେଫରୀ ଭାବେ ସମୀର ଖୁଣ୍ଟିଆ ଦାୟୀତ୍ୱ ତୁଲାଇଥିଲେ । ଶୁକ୍ରାର ଦିତୀୟ ସେମିଫାଇନାଲ ମ୍ୟାଚ ଢେଙ୍କାନାଳ ଓ ଜଟଣୀ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସର ଉପଦେଷ୍ଟା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ ।

## ରାଜ୍ୟସ୍ତରୀୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦଘାଟିତ



ଛତିଆ/ଚଣ୍ଡିଖୋଲ,୨୬/୦୨(ସବ୍ୟୁ): ଯାଜପୁର ଜିଲାର ବୈରୀ-ସୋଲର ରାଜ୍ୟ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଗୁରୁବାର ଦିନ ୫୪ତମ ରାଜ୍ୟ ସ୍ତରୀୟ ପୁଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦଘାଟିତ ହୋଇଛି । ଏହି ପ୍ରତିଯୋଗିତାକୁ ରାଜ୍ୟ ଗୁଇନ୍ଦା ବିଭାଗ ଆଇଜି ଆର ପି କୁଚେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲ୍ଲାର ବିଭିନ୍ନ ପୋଲିସ ବିଭାଗରୁ ମୋଟ ୧୬ଟି ଟିମର ୧୬୭ ଜଣ ବଛାବଛା ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ୪ଦିନ ଧରି ଚାଲିବ ବୋଲି ପୁଲିସ ପ୍ରଶିକ୍ଷଣ ପକ୍ଷରୁ ସୂଚନା ଦିଆଯାଇଛି । ଏହି ପ୍ରତିଯୋଗିତା ଦ୍ୱାରା ପୁଲିସର ବନ୍ଧୁକ ଚାଳନା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେବା ସହିତ ଅସାମାଜିକ ତତ୍ତ୍ୱଙ୍କ ବିରୁଦ୍ଧରେ ଲଢେଇ ପାଇଁ ଆତ୍ମିକ ବଳ ସୃଷ୍ଟି କରିବ ବୋଲି ମୁଖ୍ୟ ଅତିଥି ଆଇଜି ଶ୍ରୀ କୁଚେ ଉଦଘାଟନୀ ଉତ୍ସବରେ ପ୍ରକାଶ କରିଥିଲେ । ଏହି ଅବସରରେ ଶ୍ରୀ କୁଚେ ପ୍ରତିଯୋଗୀ ମାନଙ୍କୁ ଏକାଗ୍ରତାର ସହ ପ୍ରତିଯୋଗିତାକୁ ସାମନା କରିବା ପାଇଁ ପ୍ରେରଣା ଦେବା ସଙ୍ଗେସଙ୍ଗେ ଶୁଭକାମନା ଜଣାଇଥିଲେ । ପୁଲିସ ପ୍ରଶିକ୍ଷଣ ଶିବିରର କମାଣ୍ଡାଣ୍ଟ ଅଶୋକକୁମାର ଦେହୁରୀ ଉଦଘାଟନୀ ଉତ୍ସବରେ ସ୍ୱାଗତ ଭାଷାଣ ଦେବା ସହିତ ପ୍ରତିଯୋଗିତା ଉପରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ପ୍ରଶିକ୍ଷଣ ଶିବିରର ଡ଼ିଏସପି ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା ମାହେଶ୍ୱରୀ ଫୁଟବଲ୍: ଭୁବନେଶ୍ୱର ବିଜୟୀ

ଆଠମଲ୍ଲିକ,୨୬।୨(ନିପ୍ର): ଆଠମଲ୍ଲିକ ମିନି ଷ୍ଟାଡିୟମ ଖେଳ ପଡ଼ିଆରେ ଆଠମଲ୍ଲିକୟୁଥ ଆନୁକୂଲ୍ୟରେ ଅନୁଷ୍ଠିତ ମା ମାହେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବି ଗ୍ରୁପ ର ପ୍ରଥମ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ ଭୁବନେଶ୍ୱର ଏବଂ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ୩ ଟି ଗୋଲ ଦେଇଥିଲେ । ଖେଳ ଶେଷ ସୁଦ୍ଧା ସୁନ୍ଦରଗଡ଼ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇ ପାରି ନଥିଲେ । ଯା ଫଳ ରେ ସୁନ୍ଦରଗଡ଼ କୁ ହରାଇ ଭୁବନେଶ୍ୱର ବିଜୟ ଲାଭ କରିଥିଲେ । ଏହି ମ୍ୟାଚ ରେ ମୁଖ୍ୟ ରେଫରୀ ଭାବରେ ସାଗର ବେହେରା ଲାଇନ୍ସ ମ୍ୟାନ ଭାବରେ ଗରୀବ ବେହେରା ଏବଂ ସୁଜିତ ରାଜ ହଂସ ଖେଳ କୁ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରୀ ଭାବରେ ଅର୍ଜୁନ ନାଏକ ଉପସ୍ଥିତ ଥିଲେ । ଏହି ମ୍ୟାଚ ଅବସରରେ ମୁଖ୍ୟ ଅତିଥି ଭାବରେ ଆଠମଲ୍ଲିକ ଥାନା ଆଇ ଆଇ ସନ୍ତୋଷ କୁମାର ସେଠୀ, ସଂମ୍ମାନିତ ଅତିଥି ଭାବରେ ଆଠମଲ୍ଲିକ ଏନ ଏ ସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଯୁବ ସଂଗଠକ ମହେନ୍ଦ୍ର କୁମାର ସାହୁ ଯୋଗ ଦେଇ ଉଭୟ ଦଳ ର ଖେଳାଳି ମାନଙ୍କ ସହିତ କର ମର୍ଦନ କରିବା ସହିତ ଉତ୍ସାହିତ କରିଥିଲେ । କ୍ରୀଡାପ୍ରେମୀ ବିବେକାନନ୍ଦ ଭୁକ୍ତା, ଯୁବ ନେତା ରାମଚନ୍ଦ୍ର ମହାକୁଡ଼ ମଞ୍ଚାସିନ ଥିଲେ । ଆଜି ର ସଂଘର୍ଷ ପୂର୍ଣ୍ଣ ମ୍ୟାଚ ଦେଖିବା ପାଇଁ ବହୁ ଦର୍ଶକ ଙ୍କ ଭିଡ଼ ଜମିଥିଲା ଓ ଭୁବନେଶ୍ୱର ଟିମ ର ହାମ୍ବିରା ହେମ୍ବ୍ରମ ଙ୍କୁ ମ୍ୟାନ ଅପ ଦି ମ୍ୟାଚ ଭାବେ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା । ଆଠମଲ୍ଲିକୟୁଥ ର ସଭାପତି ହୁସେନ ଖାଁ, ସମ୍ପାଦକ ଅବିନାଶ ଷଡ଼ଙ୍ଗୀ, ସଦସ୍ୟ ବିଶ୍ୱମ୍ବର ବେହେରା, ଅସିତ ପାଢ଼ୀ, ପ୍ରଦୀପ ଦାଶ, ନିରାକାର ଭୁକ୍ତା, ଅନିଲ ମହାଲିକ, ସିଦ୍ଧାର୍ଥ ଶଙ୍କର ମହାକୁଡ଼, ଜୀବନଜ୍ୟୋତି ମୁଖି, ଦୀପକ ବେହେରା, ସୁବୋଧ ମହାକୁଡ଼, ଶୁକ୍ରବାର ଭଞ୍ଜନଗର ଏବଂ କୁଚିଣ୍ଡା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆଠମଲ୍ଲିକୟୁଥ ର ସମ୍ପାଦକ ଅବିନାଶ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।


### ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଲୋକମାନେ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


## ଅନୁଗୁଳ, ପୁରୀ, ବରଗଡ଼, କେନ୍ଦୁଝର, କଳାହାଣ୍ଡି, କଟକ ଏ' ବିଜୟୀ

ଭୁବନେଶ୍ୱର,୨୬।୨(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପର ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି । ଗ୍ରୁପ୍ ଡି', ଇ, ଏଫରେ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଅନୁଗୁଳ, ପୁରୀ, ବରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, କଟକ ଏ', ଗଞ୍ଜାମ ଏବଂ ଗଜପତି ବିଜୟୀ ହୋଇଛନ୍ତି ।

ଜଟଣୀର ରେଳବାଇ ଗ୍ରାଉଣ୍ଡର ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୪୯.୨ ଓଭରରେ ୧୩୧ ରନ୍ କରିଥିଲା । ଜବାବରେ ଅନୁଗୁଳ ୩୭.୧ ଓଭରରେ ୧୩୨/୧ ରନ୍ କରି ୯ ୱିକେଟରେ ବିଜୟୀ ହୋଇଥିଲା । ଖୋର୍ଦ୍ଧାର ବିଜେବି ସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପୁରୀ ୭ ୱିକେଟରେ ବିଜୟୀ ହୋଇଛି । ଏହି ମ୍ୟାଚରେ ଭୁବନେଶ୍ୱର ବି' ୪୭ ଓଭରରେ ୭ ୱିକେଟ୍ ହରାଇ ୨୪୧ ରନ୍ କରିଥିଲା । ଜବାବରେ ପୁରୀ ୪୩.୩ ଓଭରରେ ୨୪୨/୩ ରନ କରିଥିଲା ।

ଡ୍ରିମ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ୬ ୱିକେଟରେ ମୟୂରଭଞ୍ଜକୁ ହରାଇଛି । ଏହି ମ୍ୟାଚରେ ମୟୂରଭଞ୍ଜ ୩୭.୫ ଓଭରରେ ୧୪୪ ରନ କରି ଅଲଆଉଟ୍ ହୋଇଥିଲା । ବରଗଡ଼ ୩୦.୪ ଓଭରରେ ୧୪୫/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ସନସାଇନ ଗ୍ରାଉଣ୍ଡରେ କେନ୍ଦୁଝର ୬ ୱିକେଟରେ ବାଲେଶ୍ୱରକୁ ହରାଇଛି । ଏହି ମ୍ୟାଚରେ ବାଲେଶ୍ୱର ୪୦.୨ ଓଭରରେ ୨୪୫ ରନ୍ କରିଥିଲା । ଜବାବରେ କେନ୍ଦୁଝର ୪୫.୧ ଓଭରରେ ୨୪୯/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଏମଜିଏମ ଗ୍ରାଉଣ୍ଡରେ କଳାହାଣ୍ଡି ୬୨ ରନ୍ ବ୍ୟବଧାନରେ ଜଗତସିଂହପୁରକୁ ହରାଇଛି । ଏହି ମ୍ୟାଚରେ କଳାହାଣ୍ଡି ୫୦ ଓଭରରେ ୯ ୱିକେଟ୍ ହରାଇ ୨୫୨/୯ ରନ୍ କରିଥିଲା । ଜବାବରେ ଜଗତସିଂହପୁର ୪୧.୫ ଓଭରରେ ୧୯୦ ରନ୍ କରି ଅଲଆଉଟ୍ ହୋଇଥିଲା । ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ କନ୍ଧମାଳ ୪ ୱିକେଟରେ ନୂଆପଡ଼ାକୁ ହରାଇଛି । ଏହି ମ୍ୟାଚରେ ନୂଆପଡ଼ା ୪୬ ଓଭରରେ ୧୬୨ ରନ୍ କରି ଅଲଆଉଟ୍ ହୋଇଥିଲା । ଜବାବରେ କନ୍ଧମାଳ ୪୧.୩ ଓଭରରେ ୧୬୫/୬ ରନ୍ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

### କଳାହାଣ୍ଡି କପ୍

ରେଭେନ୍ସା ନଂ.୧ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ କଟକ ଏ' ୧୫୨ ରନ୍ ବ୍ୟବଧାନରେ ଝାରସୁଗୁଡାକୁ ହରାଇଛି । ରେଭେନ୍ସା ନଂ.୨ ଗ୍ରାଉଣ୍ଡରେ ଗଞ୍ଜାମ ୯୪ ରନ୍ ବ୍ୟବଧାନରେ କିଟକୁ ହରାଇଛି । ଅଡଶପୁର ଗ୍ରାଉଣ୍ଡରେ ଗଜପତି ୯ ୱିକେଟରେ ରାୟଗଡ଼ାକୁ ହରାଇଛି ।

## ୧୪ ବଲରେ ସୂର୍ଯ୍ୟବଂଶୀଙ୍କ ଅର୍ଦ୍ଧଶତକ

ନୂଆଦିଲ୍ଲୀ,୨୬।୨(ଏଜେନ୍ସି): ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ନୂଆନୂଆ କୀର୍ତ୍ତିମାନ ରଚୁଛନ୍ତି । ଏହି କ୍ରମରେ ୨୦୨୬ ଆଇପିଏଲ୍ ପୂର୍ବରୁ ଡିୱାଇ ପାଟିଲ ଟି-୨୦ କପରେ ନିଜର ଜଲୱା ଦେଖାଇଛନ୍ତି । ବୈଭଭ କେବଳ ୧୪ ବଲରେ ଅର୍ଦ୍ଧଶତକ କରି ବିସ୍ଫୋରକ ଇନିଂସ ଖେଳିଛନ୍ତି । ଡିୱାଇ ପାଟିଲ ଟି-୨୦ କପରେ ବୈଭବ, ଡିୱାଇ ପାଟିଲ ବ୍ଲ୍ୟୁ ଦଳ ତରଫରୁ ଖେଳୁଛନ୍ତି । ଫେବୃୟାରୀ ୨୬ରେଇଣ୍ଡିଆନ୍‌ନେଭିବିପକ୍ଷରେଖେଳିଥିବାମ୍ୟାଚରେବୈଭବ୧୨୦ ରନ ଲକ୍ଷ୍ୟକୁ ପିଛା କରିବା ସହ ଆରମ୍ଭରୁ ହିଁ ଆକ୍ରମାକ ଖେଳିଥିଲେ । ପ୍ରଥମ ଓଭରରେ ୪ ବଲରୁ ୧୬ ରନ୍ କରି ଲକ୍ଷ୍ୟ ସ୍ପଷ୍ଟ କରିଥିଲେ ।



ଏହାପରେ ୧୨ ବଲରେ ୪୩ ରନ ପର୍ଯ୍ୟନ୍ତ ପହଞ୍ଚିବା ପରେ ଛକା ଚୌକା ମାରି ଅର୍ଦ୍ଧଶତକ ପୂରଣ କରିଥିଲେ । ସେ ୧୯ ବଲରେ ୬୩ ରନ୍ କରି ଆଉଟ୍ ହୋଇଥିଲେ । ଏହି ଇନିଂସରେ ମୋଟ୍ ୬ଟି ଚୌକା ଓ ୫ଟି ଛକା ମାରିଥିଲେ ।


ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି